


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-38 ◆FRIDAY ◆1 AUG 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୮ ◆ଶୁକ୍ରବାର ◆୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏମ୍ସ ନର୍ସଙ୍କ ଘରେ ପଶି ଦୁଇ ପିଲାଙ୍କୁ ଜାଳିଦେଲେ

**ପାଟନା, ୩୧।୭(ଏଜେନ୍ସି):** ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ବିହାରରେ ଅପରାଧୀଙ୍କ ଉତ୍ପାତ ବଢ଼ି ଚାଲିଛି। ପାଟନାରେ ଅପରାଧୀମାନେ ଯୋଜନାବଦ୍ଧ ଭାବେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟାଉଛନ୍ତି। ପାଟନାର ଜାନିପୁର ଥାନାର ନଗୱାଁ ଗାଁରେ ଦୁର୍ବୃତ୍ତମାନେ ଅଲ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଜଣେ ନର୍ସଙ୍କ ଘରେ ପଶି ଦୁଇ ନୀରିହ ପିଲାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ନର୍ସ ଜଣକ ହେଉଛନ୍ତି ଜାନିପୁରରେ

**ବିହାରରେ ପୁଣି ଆତଙ୍କ**



ରହୁଥିବା ଶୋଭା ଦେବୀ ଓ ତାଙ୍କ ଦୁଇ ପିଲା ହେଲେ ସନ୍ତାନ ୧୪ ବର୍ଷୀୟା ଅଞ୍ଜଳି କୁମାରୀ ଓ ୧୨ ବର୍ଷୀୟ ଅଂଶ। ଦୁଇ ପିଲା ସ୍କୁଲରୁ ଘରକୁ ଫେରିବା ପରେ ଏହି ଘଟଣା ଘଟିଥିଲା। ବିଛଣା ଉପରେ ଦୁଇଜଣଙ୍କ ମୃତଦେହ ମିଳିଥିଲା। ଦିନ ଦ୍ୱିପହରେ କେହି ପିଲାଙ୍କୁ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ନର୍ସଙ୍କ ସ୍ୱାମୀ ଲଲନ ଗୁପ୍ତା ନିର୍ବାଚନ କମିଶନ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରନ୍ତି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଉପରିସ୍ଥ ଅଧିକାରୀଙ୍କୁ ପରିସ୍ରା ପିଆଇଲେ ପିଅନ

**ମୋହନା, ୩୧।୭ (ସମିସ):** ଯନ୍ତ୍ରୀଙ୍କୁ ପରିସ୍ରା ପିଆଇଲେ ପିଅନ। ଗଜପତି ଜିଲ୍ଲା ଆର୍.ଉଦୟଗିରି ଆରଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟର ଯନ୍ତ୍ରୀ ସଚ୍ଚିନ ଗୌଡ଼ଙ୍କ ସହ ଏପରି ଅମାନବୀୟ ଘଟଣା ଘଟିଛି। ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ସେ କରିଥିବା ଅଭିଯୋଗ ଅନୁସାରେ, ଗତ ୨୨ ତାରିଖ ଦିନ ଆର୍.ଉଦୟଗିରି ଆରଡବ୍ଲୁଏସ୍ଏସ୍ ଅଫିସ୍‌ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ୨୩ ତାରିଖ ରାତିରେ ଅଫିସ୍‌ର ପିଅନ ଶିବ ନାରାୟଣ ନାୟକ ତାଙ୍କୁ ତାଙ୍କ ବାସଭବନରେ ଖାଇବାକୁ ଦେଇଥିଲେ। ଖାଇସାରିବା ପରେ ସେ ଆଣିଥିବା ଷ୍ଟିଲ୍ ବୋତଲରେ ଥିବା



ପାଣି ପିଇଥିଲେ ଯନ୍ତ୍ରୀ। ତେବେ ପିଇବା ପରେ ସେ ତାହା ପରିସ୍ରା ବୋଲି ଜାଣିବାକୁ ପାଇଥିଲେ। ସେ ନିଜେ ଏହାର ଲ୍ୟାବ୍ ଟେଷ୍ଟ ପାଇଁ ପଠାଇଥିଲେ। ପରୀକ୍ଷା ପରେ ଉକ୍ତ ପାଣିରେ ଆମୋନିଆ ଏବଂ ୟୁରିଆର ପରିମାଣ ଅଧିକ ଥିବା ଜଣାପଡ଼ିଥିଲା। ଏନେଇ ତଦନ୍ତ ପାଇଁ ଯନ୍ତ୍ରୀଜଣଙ୍କ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନ ନିଆଯିବାରୁ ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପିଅନ ଶିବନାରାୟଣ ନାୟକ ତାଙ୍କ ଉପରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

**ଟ୍ରମ୍ପଙ୍କ କଟାକ୍ଷ**

# ରୁଷ ସହ ବୁଡ଼ିବ ଭାରତ

## ଭାରତ ଏକ ମୃତ ଅର୍ଥନୀତି

### ପ୍ରଭାବିତ ହେବ ଭାରତର ଅର୍ଥନୀତି

### ୯୦ ଟଙ୍କା ପର୍ଯ୍ୟନ୍ତ ଖସିବ ଟଙ୍କାମୂଲ୍ୟ

**ୱାଶିଂଟନ୍/ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଶୁଳ୍କ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ୫ଟି ପର୍ଯ୍ୟାୟ କଥାବାର୍ତ୍ତା ନିଷ୍ଫଳ ହୋଇଛି । ଭାରତ ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଶୁଳ୍କ ଲଗାଇଛନ୍ତି ଓ ଆସନ୍ତାକାଲିଠାରୁ ଏହା କାର୍ଯ୍ୟକାରୀ ହେବ । ରୁଷ ସହ ଭାରତର ସମ୍ପର୍କ ଓ ରୁଷରୁ ଅଶୋଧିତ ତୈଳ କ୍ରୟ ଯୋଗୁଁ କ୍ରୋଧାନ୍ୱିତ ଟ୍ରମ୍ପ ଭାରତ ଉପରେ ରାଗ ଶୁଝାଇଛନ୍ତି । କେବଳ ସେତିକି ନୁହେଁ, ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନକୁ ପ୍ରୋତ୍ସାହିତ କରିବା ପରି ପଦକ୍ଷେପ ନେଉଛନ୍ତି । ଯାହା ଫଳେ ର ଭାରତର ଅର୍ଥନୀତି ଗଭୀର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଟ୍ରମ୍ପଙ୍କ ଘୋଷଣା ପରେ ଟଙ୍କା ମୂଲ୍ୟ୦.୨% ହ୍ରାସ ପାଇଛି ଓ ଆଜି ଡ଼ଲାର ସହ ଟଙ୍କାର ବିନିମୟ ମୂଲ୍ୟ ୮୭.୫୮ ଟଙ୍କାରେ ପହଞ୍ଚିଛି। ଟଙ୍କାର ବିନିମୟ



ମୂଲ୍ୟ ୯୦ ଟଙ୍କାରେ ପହଞ୍ଚିପାରେ ବୋଲି ଭାରତୀୟ ଅର୍ଥଶାସ୍ତ୍ରୀମାନେ ଆକଳନ କରୁଛନ୍ତି ।

ବିଡ଼ମ୍ବନା ହେଉଛି ଯେତେବେଳେ ଆମେରିକୀୟ ବ୍ୟବସାୟିକ ପ୍ରତିନିଧିଦଳ ଭାରତ ଗସ୍ତରେ ଦ୍ୱିପାକ୍ଷିକ ବାଣିଜ୍ୟ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି, ଠିକ୍ ସେହି ସମୟରେ ଟ୍ରମ୍ପ ଭାରତ ଉପରେ ଟିକସ ଲଗାଇଛନ୍ତି । ଗତ ମାର୍ଚ୍ଚ ମାସରୁ ଦୁଇ ଦେଶ ପାରସ୍ପରିକ ▸ପୃଷ୍ଠା-୭

### ପ୍ରଭାବିତ ହେବ ଓଡ଼ିଶା

ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଯୋଗୁଁ ଦେଶର ଅର୍ଥନୀତି ସହ ଓଡ଼ିଶାର ଅର୍ଥନୀତି ମଧ୍ୟ ଗଭୀର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଓଡ଼ିଶାରୁ ବିପୁଳ ପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକା ରପ୍ତାନୀ ହୋଇଥାଏ । ଏକ ଆକଳନ ଯୋଗୁଁ ସାରା ଦେଶରୁ ଗତ ଆର୍ଥିକ ବର୍ଷରେ ୪.୮୮ ବିଲିଅନ ଡ଼ଲାରର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଛି ଏବଂ ଏହାର ସିଂହଭାଗ ଆମେରିକା ଓ ଚୀନକୁ ପଠାଯାଇଛି। ମୋଟ ସାମୁଦ୍ରିକ ଖାଦ୍ୟର ୬୬% ଚିଙ୍ଗୁଡ଼ି ଭାରତରୁ ରପ୍ତାନୀ କରାଯାଇଛି । ସାରା ଦେଶରୁ ଆମେରିକାକୁ ରପ୍ତାନୀ ହୋଇଥିବା ଚିଙ୍ଗୁଡ଼ିର ପ୍ରାୟ ୩୦% ଓଡ଼ିଶାରୁ ପଠାଯାଇଛି। ତେଣୁ ଆମେରିକାର ଶୁଳ୍କ ଯୋଗୁଁ ଓଡ଼ିଶାରୁ ଚିଙ୍ଗୁଡ଼ି ରପ୍ତାନୀ ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଉଛି ।

### କ୍ଷତି ସହିବେ ରପ୍ତାନୀକାରୀ

ଟ୍ରମ୍ପଙ୍କ ଶୁଳ୍କ ବିଶେଷ ଭାବରେ ଭାରତୀୟ ଆମଦାନୀ ଉପରେ ଲାଗୁହେବ, ଯେଉଁଥିରେ ଇସ୍ପାତ, ଅଟୋ ଯନ୍ତ୍ରାଂଶ, ଔଷଧ ଏବଂ ବୟନ ଶିଳ୍ପ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ। ବଜାର ବିଶେଷଜ୍ଞ ଅଜୟ ବାଗା କହିଛନ୍ତି, ଟ୍ରମ୍ପ ଶୁଳ୍କ ଭାରତୀୟ ବଜାରରେ ଅସ୍ଥିରତା ବୃଦ୍ଧି କରିବ ଓ ନିବେଶକଙ୍କ ବିଶ୍ୱାସକୁ ଦୁର୍ବଳ କରିପାରେ। ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଭାରତୀୟ ଅଟୋ, ଫାର୍ମା ଏବଂ ଇସ୍ପାତ କ୍ଷେତ୍ରର କମ୍ପାନୀ କ୍ଷତିଗ୍ରସ୍ତ ହେବେ।

### ୬ ଭାରତୀୟ କମ୍ପାନୀ ଉପରେ କଟକଣା

**ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଇରାନ ସହ ପେଟ୍ରୋକେମିକାଲ୍ ଉତ୍ପାଦ ବ୍ୟବସାୟରେ ଜଡିତ ୬ ଭାରତୀୟ କମ୍ପାନୀ ଆଲକେମିକାଲ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିମିଟେଡ, ଜୁପିଟର୍ ଡାଏ କେମ ପ୍ରାଇଭେଟ୍ ଲିମିଟେଡ୍, ରମଣୀକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କୋ, ପର୍ସିଷ୍ଟେଣ୍ଟ୍ ପେଟ୍ରୋକେମ ପ୍ରାଇଭେଟ୍ ଲିମିଟେଡ୍ ଏବଂ କାଞ୍ଚନ ପଲିମର୍ସ। ଉପରେ କଟକଣା ଲଗାଇଛି ଆମେରିକା। ଭାରତୀୟ କମ୍ପାନୀଗୁଡ଼ିକ ଇରାନ ପେଟ୍ରୋଲିୟମ୍ ଉତ୍ପାଦ କ୍ରୟ ଏବଂ ବିପଣନ ପାଇଁ ଜାଣିଶୁଣି କାରବାର ବୃଦ୍ଧି କରିଥିବା ଅଭିଯୋଗରେ ଏହି କଟକଣା ଜାରି କରାଯାଇଛି ।

### ଦିନକ ପରେ ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

## ସରକାରଙ୍କ ଆଭିମୁଖ୍ୟକୁ ନେଇ ସଂଶୟ

**ଭୁବନେଶ୍ୱର, ୩୧।୭ (ସମିସ):** ଆସନ୍ତା ଶନିବାର ହେବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ୪୪ତମ ଶୁଣାଣି । ଏହି ଶୁଣାଣି ସମୟରେ ଓଡ଼ିଶାର ଆଭିମୁଖ୍ୟ କଣ ରହିବ, ତାହା ଜାଣିବା ପାଇଁ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ପର୍ଯ୍ୟନ୍ତ ସମସ୍ତେ ଉଦ୍‌ବିଗ୍ନ। ଗତ ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବିବାଦର ସମାଧାନ ପାଇଁ ଦୁଇରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ଜାରି ରହିଥିବା ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏଥିପାଇଁ ଶ୍ରୀ ଆଚାର୍ଯ୍ୟ ଅଧିକ ସମୟ ମାଗିଥିଲେ ଓ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାରି ତାରିଖ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ କରିଥିଲେ। ଶୁଣାରି ପାଇଁ ପାଇଁ ରାଜ୍ୟ ସରକାରଙ୍କ ହାତରେ ଦିନଟିଏ ଥିବାବେଳେ ପଟ୍ଟନାୟକ ଏ ସଂକ୍ରାନ୍ତରେ କ୍ଷୋଭ ପ୍ରକାଶ କରିବା ସହ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କଣ ହୋଇଛି ଏବଂ ଓଡ଼ିଶା

### ଆଇନଗତ ଲଢ଼େଇ ସମ୍ପର୍କରେ ନିରବ

### ବୁଝାମଣା ସ୍ୱରୂପ ସ୍ପଷ୍ଟ କରିବାକୁ ଦାବି

ଉଭୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ କେଉଁ ପ୍ରକାର ଆଲୋଚନା ହୋଇଛି, ସେ ସମ୍ପର୍କରେ ସରକାର ନିରବ। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ଆଇନଗତ ଲଢ଼େଇରୁ ଓହରି ଯିବ ନା ଜାରି ରଖିବ ସେନେଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ ହେଁ ସରକାର ଏ ସମ୍ପର୍କରେ ତୁଣ୍ଡ ଖୋଲି ନାହାନ୍ତି। ଏହି ସମୟରେ ▸ପୃଷ୍ଠା-୭

## ଉତ୍କଳକୁ ସଂକଟ 'ସଂଗତୀକରଣ'

### କମିବ ୧୭ ପ୍ରାଧ୍ୟାପକ ଓ ୨୪ ସହଯୋଗୀ ପ୍ରାଧ୍ୟାପକ ପଦ

**ଭୁବନେଶ୍ୱର, ୩୧।୭ (ସମିସ):** ଶ୍ରୀ ହରାଇବ ରାଜ୍ୟର ପ୍ରଥମ ତଥା ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'। ଶୈକ୍ଷିକ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହେବ। ଏପରିକି, ଗବେଷଣା ମଧ୍ୟ ବାଟବଣା ହେବାର ଆଶଙ୍କା ପାଇଛି। କାରଣ ଅଧାରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ସଂଗତୀକରଣ (ରେସନାଲାଇଜେସନ୍) ନାମରେ ଆହୁରି ପ୍ରଧ୍ୟାପକ ଓ ସହଯୋଗୀ ପ୍ରାଧ୍ୟାପକ ପଦ ହରାଇବାକୁ ଯାଉଛି ଏହି ଐତିହ୍ୟସଂପନ୍ନ



**ଖାଲିପଡ଼ିଛି ଅର୍ଦ୍ଧାଧିକ ଅଧ୍ୟାପକ ପଦ**

**ବାଧାପ୍ରାପ୍ତ ହେବ ଗୁଣାତ୍ମକ ଶିକ୍ଷା**

ବିଶ୍ୱବିଦ୍ୟାଳୟ। ୧୭ଟି ପ୍ରାଧ୍ୟାପକ ସମେତ ୨୪ଟି ସହଯୋଗୀ ପ୍ରାଧ୍ୟାପକ ପଦ କାଟିବାକୁ ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ ହୋଇଛି।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍କୁଲ ବ୍ୟବସ୍ଥା ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ସବୁ ବିଶ୍ୱବିଦ୍ୟାଳୟରୁ କିଛି ପଦ ଉଚ୍ଛେଦ କରି ଅନ୍ୟ ବିଶ୍ୱବିଦ୍ୟାଳୟରେ ପୂରଣ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ପରିଷଦ ୪ଜଣ କୁଳପତିଙ୍କୁ ନେଇ ଏକ କମିଟି ▸ପୃଷ୍ଠା-୭

## ଝାଡ଼ାବାନ୍ତିରେ ୪ ମୃତ

### ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍



**କୋରାପୁଟ, ୩୧।୭ (ସମିସ):** ଗତ କିଛି ଦିନ ମଧ୍ୟରେ ବୋରିଗୁମ୍ମା ବ୍ଲକ୍ ମାଲଦା ଗ୍ରାମରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ବୋରିଗୁମ୍ମା ବ୍ଲକ ମାଲଦା ଗ୍ରାମରେ ଏବେ ଝାଡ଼ାବାନ୍ତି ବ୍ୟାପିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଝାଡ଼ାବାନ୍ତି ସୂଚନା ପାଇବା ପରେ ମେଡ଼ିକାଲ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

ଗୁରୁବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବୋରିଗୁମ୍ମା ବ୍ଲକ କର୍ମଚାରୀ , ଏଏନଏମ ଏବଂ ଅନ୍ୟ କର୍ମଚାରୀ ଗାଁରେ ପହଞ୍ଚି ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରୀ ଦଳ ଗ୍ରାମବାସୀ ବ୍ୟବହାର କରୁଥିବା ନଳକୂପ, ଗଭୀର କୂପ ଏବଂ ପାଇପ୍ ଲାଇନ୍ ପାଣି ସାମ୍ପୁଲ ପରୀକ୍ଷା କରିଥିଲେ। ଲୋକଙ୍କୁ ସଚେତନ କରି ଖାଇବା ପୂର୍ବରୁ ହାତ ସଫା କରିବା, ବାସି ଖାଦ୍ୟ ନ ଖାଇବା, ପାଣିକୁ ଫୁଟାଇ ସେଥିରେ ହାଲୋଜେନ ଟାବଲେଟ୍ ପକାଇ ପିଇବା ପାଇଁ ପରାମର୍ଶ ଦେଇଥିଲେ। ଗାଁରେ ନାଳନର୍ଦ୍ଦମା ସଫା ସୁତୁରା ରଖିବା ପାଇଁ ମଧ୍ୟ କହିଛନ୍ତି। ଗାଁରେ ମେଡ଼ିକାଲ କ୍ୟାମ୍ପ୍ କରି ସପ୍ତାହେ ଯାଏ ୨୪ ଘଣ୍ଟା ସେବା ଯୋଗାଇ ଦେବାକୁ ମେଡ଼ିକାଲ ଅଫିସର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଟପାଡ଼ ବିଧାୟକ ରୁପୁ ଭତ୍ରା ସ୍ଥିତି ଅନୁଧ୍ୟାନ କରିବା ପାଇଁ ମାଲଦା ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ମେଡ଼ିକାଲ ଟିମ ସହ ଆଲୋଚନା କରିଥିଲେ। ଲୋକେ ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ କିଛି ଦିନ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣି ଯୋଗାଇ ଦେବେ ବୋଲି କହିଛନ୍ତି। ବୋରିଗୁମ୍ମା ବିଡ଼ିଓ ମଧ୍ୟ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ୪ଜଣଙ୍କ ମୃତ୍ୟୁ ଝାଡ଼ାବାନ୍ତି ନା ଅନ୍ୟ କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

## ନାବାଳିକାକୁ ୧୪ ଦିନ ଧରି ଦୁଷ୍କର୍ମ

**ରାଉରକେଲା, ୩୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅଧୀନ ତଳସରା ଥାନା ଅଞ୍ଚଳରେ ଜଣେ ୧୭ବର୍ଷୀୟା ନାବାଳିକାକୁ ତାର ପୁରୁଷ ବନ୍ଧୁ ଏକ ବନ୍ଦ କୋଠରୀରେ ଦୀର୍ଘ ୧୪ ଦିନ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ପୀଡ଼ିତାକୁ ଉଦ୍ଧାର କରିବା ସହ ତାର ପୁରୁଷ ବନ୍ଧୁକୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ମୁତାବକ, ଗତ ୧୬ ତାରିଖରେ ସମ୍ପୃକ୍ତ ନାବାଳିକାକୁ ତାର ପୁରୁଷବନ୍ଧୁ ବୁଲିବାକୁ କହି ଡାକି ନେଇଥିଲା। ତଳସରା ସୀମାନ୍ତବର୍ତ୍ତୀ ଏକ ଭଡ଼ା ଘରେ ସେ ନାବାଳିକାକୁ ରଖି ଦୁଷ୍କର୍ମ କରିଥିଲା। ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୧୪ ଦିନ ରଖି ଦୁଷ୍କର୍ମ କରିଚାଲିଥିଲା। ସେପଟେ ନାବାଳିକା ଘରକୁ ନଫେରିବାରୁ



**ସୁନ୍ଦରଗଡ଼ରେ ଲଜ୍ଜା!**

ପରିବାରଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ନାବାଳିକାର ମୋବାଇଲ ଫୋନ ବନ୍ଦ ଥିବାରୁ ପରିବାର ଲୋକ ତା' ବିଷୟରେ କିଛି ଜାଣିପାରି ନଥିଲେ। ପରେ ୨୦ ତାରିଖରେ ପରିବାର ପକ୍ଷରୁ ତଳସରା ଥାନାରେ ଝିଅ ନିଖୋଜ ହୋଇଥିବା ନେଇ ରିପୋର୍ଟ ଦିଆଯିବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା। ବୁଧବାର ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତଳସରା ଥାନା ପୁଲିସ ଖବର ପାଇ ବନ୍ଦ ଘରୁ ନାବାଳିରାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁକୁ ଗିରଫ କରିଥିଲା। ଗୁରୁବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ପୁରୀ ରଥଯାତ୍ରା ଦଳାଚକଟା ଘଟଣା

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ କମିସନର

**ଭୁବନେଶ୍ୱର, ୩୧।୭ (ସମିସ):** ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି ଉନ୍ନୟନ କମିସନର ଅନୁ ଗର୍ଗ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଏହି ରିପୋର୍ଟ ଦାଖଲ କରିଛନ୍ତି। ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏହା ଉପରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେବେ ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି।



ସୂଚନାଯୋଗ୍ୟ ଯେ ଗତ ଜୁନ ୨୯ ତାରିଖ ଭୋର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅପ୍ରୀତିକର ଘଟଣାରେ ▸ପୃଷ୍ଠା-୭

**ସରକାର ଉଦାସୀନ, ଚାଷୀ ହନ୍ତସନ୍ତ**

## ଆଖୁ ଚାଷର ଆଖି ବନ୍ଦ

**ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଚିନି, ଗୁଡ଼ ଓ ଆଖୁ ଉତ୍ପାଦର ଆବଶ୍ୟକତା ପ୍ରତିବର୍ଷ ବଢ଼ୁଛି; ମାତ୍ର ଆଖୁ ଚାଷ ପ୍ରତିବର୍ଷ କମି କମି ଚାଲିଛି। ଗୋଟିଏପଟେ ଚିନିର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ଆଖୁ ଚାଷ କମିବା ଯୋଗୁଁ ଅନ୍ୟ ରାଜ୍ୟ ଉପରେ ଓଡ଼ିଶା ଅଧିକ ନିର୍ଭରଶୀଳ ହେଉଛି। ରାଜ୍ୟରେ ଆଖୁ ଚାଷ ହ୍ରାସ ହେବା ସହ ଚିନି କଳ ବନ୍ଦ ହେବାରେ ଲାଗିଛି ଓ ଆଖୁ ଚାଷୀଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ଏ ସମ୍ପର୍କରେ ରାଜ୍ୟସ୍ତରୀୟ କମିଟି, ବିଧାନସଭାରେ କୃଷି ବିଭାଗ ଷ୍ଟାଣ୍ଡିଂ କମିଟି ବିଭିନ୍ନ ସମୟରେ ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ ନାହିଁ କିମ୍ବା ଆଖୁ ଚାଷକୁ ପ୍ରୋତ୍ସାହିତ କରିବା ପରି କାର୍ଯ୍ୟକ୍ରମ ହାତକୁ ନିଆଯାଉ ନାହିଁ। ମାତ୍ର ସରକାର ଆଖୁ ଚାଷ ପ୍ରତି ଆଖି ବୁଜି ଦେଇଛନ୍ତି। ବିଜେପି ସରକାର କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେଉଥିବା ଡିଣ୍ଡିମ ପିଟୁଥିଲେ ବି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କୌଣସି ଚାଷରେ ସଂସ୍କାର ଆସିପାରୁନି।

### କ୍ରମାଗତ ଭାବେ କମୁଛି ଉତ୍ପାଦନ

### ବନ୍ଦ ହେବାରେ ଲାଗିଛି ଚିନି କଳ

ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ଚିନିର ଆବଶ୍ୟକତା ବାର୍ଷିକ ପ୍ରାୟ ୪ଲକ୍ଷ ଟନ୍। ମାତ୍ର ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦ ହେବାରେ ଲାଗିଛି। ଏହାଦ୍ୱାରା ଆମକୁ ବାହାର ରାଜ୍ୟରେ ଉତ୍ପାଦିତ ଚିନି ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ବର୍ତ୍ତମାନ ସମୟରେ ଆସିକା ଚିନି କଳ ଦୟନୀୟ ସ୍ଥିତିରେ ଚାଲୁଥିବାବେଳେ ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରର ତୋରା ଆଦି ଚିନି କାରଖାନା ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ବେସରକାରୀ ଉଦ୍ୟମରେ ଢେଙ୍କାନାଳ ଚିନି କାରଖାନାଟି କଷ୍ଟେମଷ୍ଟେ ଚାଲିଛି। ଚିନି କାରଖାନା ସବୁ ବନ୍ଦ ହୋଇଯିବା ଯୋଗୁଁ ଆଖୁ ବିକ୍ରି ସମସ୍ୟା ଓ ଆଖୁଚାଷ ପାଇଁ ପ୍ରୋତ୍ସାହନ ମିଳୁନି। ଫଳସ୍ୱରୂପ ଚାଷୀ ଆଖୁ ଚାଷରୁ ମୁହଁ ଫେରାଇ ନେଉଛି। ନବରଙ୍ଗପୁର, କୋରାପୁଟ ଆଦି ଜିଲ୍ଲାରେ ଭଲ ଆଖୁ ଉତ୍ପାଦନ ପାଇଁ ଅନୁକୂଳ ପରିବେଶ ଥିବା ସତ୍ତ୍ୱେ ଚାଷୀମାନେ ଆଖୁଚାଷ କରିବାକୁ ▸ପୃଷ୍ଠା-୭

## ବିରତି ନେବ ମୌସୁମୀ

**ଭୁବନେଶ୍ୱର, ୩୧।୭ (ସମିସ):** ପଛକୁ ପଛ ଲଘୁଚାପ ଯୋଗୁଁ ସକ୍ରିୟ ରହିଥିବା ମୌସୁମୀ କିଛି ସମୟ ପାଇଁ ବିରତି ନେବ। ଏହି ବିରତି ଅଗଷ୍ଟ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ପ୍ରାୟ ୧୨ ତାରିଖ ଯାଏଁ ଜାରି ରହିବ। ଏହି ସମୟରେ ମୌସୁମୀ ବାୟୁ ନିଷ୍କ୍ରିୟ ହେବା ଫଳରେ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ ମୌସୁମୀ ଓଡ଼ିଶା ଛୁଇଁବାର

**ବଢ଼ିବ ତାପମାତ୍ରା, ବୃଦ୍ଧି ପାଇବ ବଜ୍ରପାତ**

**ଅଗଷ୍ଟ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା**

ମାସେରୁ ଦେଢ଼ ମାସ ପରେ ଏହି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଦେଢ଼ ସପ୍ତାହ ମୌସୁମୀ ବ୍ରେକ୍ ଲାଗିଥିଲା। ପୁଣି ଏହି ସ୍ଥିତି ସହ ଚଳିତ ବର୍ଷ ଦ୍ୱିତୀୟ ବିରତି ଆରମ୍ଭ ହେବାକୁ ଯାଉଛି। ସାଧାରଣତଃ ମୌସୁମୀ ବିରତି ସମୟରେ ଆକାଶ ନିର୍ମିଳ ରହିଥାଏ ଓ ସୂର୍ଯ୍ୟକିରଣ ▸ପୃଷ୍ଠା-୭

## ରୁଷ୍‌ରେ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ଭୂମିକମ୍ପ

ଭ୍ଲାଡିଭୋଷ୍ଟିକ୍, ୩୧।୭(ଏଜେନ୍ସି): ରୁଷିଆରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ମଧ୍ୟ ଭୂକମ୍ପ ଆସିଛି। ରୁଷିଆର ପୂର୍ବାଞ୍ଚଳରେ ଥିବା କୁରିଲ ଦୀପରେ ଗୁରୁବାର ସକାଳେ ଆସିଥିବା ଭୂକମ୍ପର ତୀବ୍ରତା ୬.୫ ଥିଲା। ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନ୍‌ସିଏସ୍) ମୁତାବକ ଏହି ଭୂକମ୍ପ ଭାରତୀୟ ସମୟ ଅନୁସାରେ ସକାଳ ୧୦.୫୭ରେ ଆସିଥିଲା ଓ ଏହାର ଗଭୀରତା ୧୦ କିମି ଥିଲା। ପୂର୍ବରୁ ବୁଧବାର କୁରିଲ ଦୀପ ନିକଟସ୍ଥ ସମୁଦ୍ରରେ ୮.୮ ତୀବ୍ରତାର ଭୂକମ୍ପ ଆସିଥିଲା। ଏହା ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ଥିଲା। କିନ୍ତୁ ଏଥିରେ ଏପର୍ଯ୍ୟନ୍ତ ମୃତାହତର କୌଣସି ଖବର ଆସିନାହିଁ। ଏହି ଭୂକମ୍ପ ପରେ ରୁଷ, ଜାପାନ, ଚୀନ୍ ସମେତ ଏପରିକି ଆମେରିକା ପର୍ଯ୍ୟନ୍ତ ସୁନାମୀର ଲହଡି ପହଞ୍ଚିଥିଲା। ରୁଷରେ ଏହି ସୁନାମୀର ଉଚ୍ଚତା ୪ ମିଟର ଥିବା ବେଳେ ଆମେରିକାରେ ଏହାର ଉଚ୍ଚତା ୧ ମିଟର ଥିଲା। କୁରିଲରେ ଗତକାଲି ମଧ୍ୟ ୬.୩ ତୀବ୍ରତା ବିଶିଷ୍ଟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଏହାକୁ ବାଦ୍ ଦେଲେ କାମଚଟକାରେ ମଧ୍ୟ ଭୂକମ୍ପ ପରେ ଆଗ୍ନେୟଗିରିରେ ବିସ୍ଫୋରଣ ହୋଇଥିଲା। ୮.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ଆସିବା ପରେ ଗତ ୧୬ ଘଣ୍ଟା ମଧ୍ୟରେ ରୁଷ ଓ ତା'ର ଆଖପାଖ ଅଞ୍ଚଳରେ ୧୨୫ଟି ଭୂକମ୍ପର ପରବର୍ତ୍ତୀ ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ଆମେରିକାର ଜିଓଲୋଜିକାଲ ସର୍ଭେ ତରଫରୁ ସୂଚନା ଦିଆଯାଇଛି।

## ବିହାରପ୍ରସଙ୍ଗ ।।ରେସଂସଦଅଚଳ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ଆଜି ସଂସଦ।।ରେ ପୁଣି ହଟ୍ଟଗୋଳ ହୋଇଛି। ବିରୋଧୀ ଦଳର ସଭ୍ୟମାନେ ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଉଭୟ ରାଜ୍ୟସଭା ଏବଂ ଲୋକସଭାରେ ହଟ୍ଟଗୋଳ କରିଥିଲେ। ରାଜ୍ୟସଭାରେ ବିରୋଧୀମାନେ ହଟ୍ଟଗୋଳ କରୁଥିବା ବେଳେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଆମେରିକାର ୨୫ ପ୍ରତିଶତ ଶୁଳ୍କ ଉପରେ ନିଜ ଆଡୁ ବୟାନ ଦେଇଥିଲେ। ଏହାଉପରେ ବିରୋଧୀମାନେ ତାଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିବାକୁ ଉଦ୍ୟମ କରିବାରୁ ଉପାଧ୍ୟକ୍ଷ ଏଥିପାଇଁ ଅନୁମତି ଦେଇନଥିଲେ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଲୋକସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା। ଜିରୋ ଆୱାରରୁ ହିଁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଫଳରେ ବାଚସ୍ପତି ଗୃହକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ କରିଦେଇଛନ୍ତି। ସଂସଦରେ ତିନି ଦିନ ଧରି ଅପରେସନ ସିନ୍ଦୂର ଉପରେ ଆଲୋଚନା ହୋଇଥିଲା। ତେବେ ଆଜି ବିହାର ଉପରେ ଆଲୋଚନା ପାଇଁ ବିରୋଧୀ ଜିଦ୍ ଧରିଥିଲେ।

## ମୁମ୍ବଇରେ ୮ କୋଟିର ଡ୍ରଗ୍ସ ଜବତ

ମୁମ୍ବଇ, ୩୧।୭(ଏଜେନ୍ସି): ମୁମ୍ବଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୮ କୋଟିର ଡ୍ରଗ୍ସ ଜବତ ହୋଇଛି। ବ୍ୟାଙ୍କକରୁ ଆସିଥିବା ଦୁଇଟି ବିମାନରୁ ଗଞ୍ଜେଇ ଜବତ କରାଯାଇଛି। ମୁମ୍ବଇ କଷ୍ଟମ ଅଧିକାରୀମାନେ ଜୁଲାଇ ୨୯ ଓ ୩୦ ତାରିଖରେ ଏହି ଡ୍ରଗ୍ସ ଜବତ କରିଛନ୍ତି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ବ୍ୟାଙ୍କକ୍ ବିମାନରୁ ଅବତରଣ କରିଥିବା ୩ ଜଣ ଯାତ୍ରୀଙ୍କୁ ଅଟକ ରଖାଯାଇଥିଲା। ଏମାନଙ୍କଠାରୁ ଯାଞ୍ଚ କରାଯିବା ପରେ ୧.୯୯୦ କେଜି ଗଞ୍ଜେଇ ମିଳିଥିଲା। ବଜାରରେ ଏହାର ମୂଲ୍ୟ ପାଖାପାଖି ୨ କୋଟି ଟଙ୍କା ବୋଲି କୁହାଯାଇଛି। ସେହିପରି ବ୍ୟାଙ୍କକରୁ ଆସିଥିବା ୬ଇ ୧୦୬୦ ବିମାନରେ ଜଣେ ଯାତ୍ରୀଙ୍କ ପାଖରୁ ୬.୨୨ କେଜି ଗଞ୍ଜେଇ ଜବତ କରାଯାଇଥିଲା ଓ ଏହାର ମୂଲ୍ୟ ୬ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ଦୁଇଟି ମାମଲାରେ କଷ୍ଟମ ଅଧିକାରୀମାନେ ମୋଟ ଉପରେ ୮ କୋଟି ଟଙ୍କାର ଡ୍ରଗ୍ସ ଜବତ କରିଛନ୍ତି। ଏହି ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ପାଖାପାଖି ୪ ମାସ ତଳେ ଗୁଜରାଟ୍‌ରେ ଇଣ୍ଡିଆନ କୋଷ୍ଟ ଗାର୍ଡ (ଆଇସିଜି) ୩୦୦ କେଜି ଡ୍ରଗ୍ସ ଜବତ କରିଥିଲା ଓ ଏହାର ମୂଲ୍ୟ ପାଖାପାଖି ୧, ୮୦୦ କୋଟି ଟଙ୍କା ବୋଲି କୁହାଯାଇଥିଲା।

## ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବ କାନାଡ଼ା

ଓଟାୱା, ୩୧।୭(ଏଜେନ୍ସି): ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ପାଇଁ ପାଶ୍ଚାତ୍ୟ ଦେଶଗୁଡିକରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ଫ୍ରାନ୍ସ ଓ ବ୍ରିଟେନ ପରେ କାନାଡା ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ମାନ୍ୟତା ଦେବାକୁ ଅଣ୍ଟା ଭିଡିଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘରେ ଆୟୋଜନ ହେବାକୁ ଥିବା ସାଧାରଣ ସଭାରେ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜି-୭ର ତୃତୀୟ ରାଷ୍ଟ୍ର ଭାବେ କାନାଡା ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛି। ଗାଜା ପଟିରେ ଗତ ଦୁଇ ବର୍ଷ ହେବ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଚାଲିଛି। ଏଠାରେ ଖାଦ୍ୟ ଓ ଜଳ ସଂକଟ ଦେଖାଦେଇଛି। ଏଥିପାଇଁ ବିଶ୍ୱରେ ଇସ୍ରାଏଲ ଉପରେ ଚାପ ବୃଦ୍ଧି ପାଇବାରେ ଲାଗିଛି। ଅବଶ୍ୟ ପାଲେଷ୍ଟାଇନକୁ ମାନ୍ୟତା ଦେବାରେ କାନାଡ଼ା କେତୋଟି ସର୍ତ୍ତ ରଖିଛି। ଏଥିସହ କାର୍ଣ୍ଣି ପାଲେଷ୍ଟାଇନ୍‌କୁ ୬୩ କୋଟିର ଆର୍ଥିକ ସାହାଯ୍ୟ ଦେବାକୁ ମଧ୍ୟ ଘୋଷଣା କରିଛନ୍ତି।

## ଏଫ୍-୩୫ ବିମାନ ଦୁର୍ଘଟଣା

ଲସ ଏଞ୍ଜେଲ୍ସ, ୩୧।୭(ଏଜେନ୍ସି): କାଲିଫର୍ଣ୍ଣିଆ ରାଜ୍ୟର କେନ୍ଦ୍ରରେ ଥିବା ଲିମୁର ନାଭାଲ ଏୟାର ଷ୍ଟେସନରେ ଆମେରିକା ନୌସେନାର ଏଫ୍-୩୫ ଲଢୁଆ ବିମାନ ଦୁର୍ଘଟଣା ସମ୍ମୁଖୀନ ହୋଇଛି। କିନ୍ତୁ ପାଇଲଟ ଅଳ୍ପକେ ରକ୍ଷା ପାଇଛନ୍ତି। ବୁଧବାର ସନ୍ଧ୍ୟା ୬ଟା ୩୦ରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା କାରଣ ଜଣାପଡ଼ିନାହିଁ ଓ ଏହା ତଦନ୍ତ ପରିସରଭୁକ୍ତ ରହିଛି। ସେଣ୍ଟ୍ରାଲ କାଲିଫର୍ଣ୍ଣିଆର ଫ୍ରେନ୍ସୋ ସହରର ଦକ୍ଷିଣ ପଶ୍ଚିମକୁ ୬୪ କିମି ଦୂରରେ ଟ୍ରେନିଂ ମିସନରେ ଥିବା ବେଳେ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନର ମୂଲ୍ୟ ୧୦୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ୮୭୫ କୋଟି ୮୭ ଲକ୍ଷ ଟଙ୍କା। ଗତକିଛି ବର୍ଷ ହେବ ଏହି ବିମାନର ମେଣ୍ଟେନାନ୍ସ ଓ ରେଡିନେସ ନେଇ ବିବାଦ ସୃଷ୍ଟି ହୋଇଥିଲା।

## ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ପିଲା ୟୁଟ୍ୟୁବ୍‌ରେ ଆକାଉଣ୍ଟ ଖୋଲିପାରିବେନି

କାନବେରା, ୩୧।୭(ଏଜେନ୍ସି): ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ବୟସ୍କ ପିଲା ସୋସିଆଲ ମିଡିଆ ୟୁଟ୍ୟୁବ୍‌ରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ଆଗାମୀ ଡିସେମ୍ବର ୧୦ରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ଅଷ୍ଟ୍ରେଲିଆ ଟେଲିକମ୍ୟୁନିକେସନ ମନ୍ତ୍ରୀ ଅନିକା ୱେଲ୍ସ କହିଛନ୍ତି। ତେବେ ପିଲାମାନେ ୟୁଟ୍ୟୁବ ବ୍ୟବହାର କରି ଭିଡିଓ ଦେଖିପାରିବେ ବୋଲି କୁହାଯାଇଛି। ଗତବର୍ଷ ନଭେମ୍ବରରେ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରିବାକୁ ସଂସଦରେ ବିଲ ପାସ୍ କରିଥିଲା। ଏଥିରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ସ୍ନାପ୍ ଚାଟ, ଟିକ୍‌ଟକ୍ ଓ ଏକ୍ସ ଭଳି ପ୍ଲାଟଫର୍ମ ସାମିଲ ରହିଥିଲା। ସେତେବେଳେ ଏଥିରେ ୟୁଟ୍ୟୁବ୍‌କୁ ସାମିଲ କରାଯାଇ ନଥିଲା। ଏଥିସହ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ସୋସିଆଲ ମିଡିଆକୁ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ବ୍ୟାନ୍ କରି ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛି। ଏହି ଆଇନ୍ ଅନୁସାରେ ପିତାମାତାଙ୍କ ସହମତି ବିନା ପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟକୁ ଅନୁମତି ଦିଆଯାଇନାହିଁ। ଅଗାମୀ ଗୋଟିଏ ବର୍ଷ ମଧ୍ୟରେ ଏହି ଆଇନ କାର୍ଯ୍ୟକାରୀ ହେବ। ତେବେ ଗେମିଂ ଓ ମେସେଜିଂ ଆପ୍ ଉପରେ କୌଣସି କଟକଣା ଜାରି କରାଯାଇନାହିଁ।




## କାର୍ ସହ ଜିଅନ୍ତା ଜଳିଗଲେ ଯୁବକଯୁବତୀ

ଅମୃତସର, ୩୧।୭(ଏଜେନ୍ସି): ପଞ୍ଜାବର ଅମୃତସରରେ ଗୁରୁବାର ଅପରାହ୍ଣରେ ଏକ କାର୍ ସହ ଯୁବକ ଓ ଯୁବତୀ ଜିଅନ୍ତା ଜଳିଯାଇଛନ୍ତି। ପେଟ୍ରୋଲ ନେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଟାୟାର ଫାଟି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଟ୍ୟାଙ୍କର ଏକ କାର୍‌କୁ ଧକ୍କା ଦେଇଥିଲା। ଟ୍ୟାଙ୍କର ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର୍‌ରେ ନିଆଁ ଲାଗିଯାଇଥିଲା। ଫଳରେ କାରରେ ବସିଥିବା ଯୁବକ ଓ ଯୁବତୀ ଜିଅନ୍ତା ଜଳି ଯାଇଥିଲେ ଓ ଘଟଣାସ୍ଥଳରେ ହିଁ ଦୁହେଁ ମୃତ୍ୟୁବରଣ କରିଥିଲେ। ଧକ୍କା ଖାଇବା ପରେ କାର ରେଲିଂରେ ବାଡେଇ ହେବା ପରେ ନିଆଁ ଲାଗିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଅଧଘଣ୍ଟା ପରେ ଦମକଳ ଆସିଥିଲା। ସେନାର ଟିମ ଆସି କାରକୁ କାଟି ମୃତଦେହ ବାହାର କରିଥିଲା। ମୃତଦେହକୁ ଚିହ୍ନଟ କରାଯାଇନାହିଁ। କିନ୍ତୁ କାରରେ ଦିଲ୍ଲୀର ନମ୍ବର ପ୍ଲେଟ ରହିଛି। ଟ୍ୟାଙ୍କର ଜଳନ୍ଧରରୁ ପେଟ୍ରୋଲ ନେଇ ଆସୁଥିଲା।



### ମାଲେଗାଁଓ ବିସ୍ଫୋରଣ

## ପ୍ରଜ୍ଞା, ପୁରୋହିତ ଦୋଷମୁକ୍ତ

ମୁମ୍ବଇ, ୩୧।୭(ଏଜେନ୍ସି): ମହାରାଷ୍ଟ୍ରର ମାଲେଗାଁଓ ବିସ୍ଫୋରଣ ମାମଲାରେ ସାଧ୍ୱୀ ପ୍ରଜ୍ଞା ଓ କର୍ଣ୍ଣଲ ପୁରୋହିତଙ୍କ ସମେତ ୭ ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏନ୍‌ଆଇଏର ସ୍ୱତନ୍ତ୍ର କୋର୍ଟ ୭ ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ବିଜେପିର ପୂର୍ବତନ ସାଂସଦ ସାଧ୍ୱୀ ପ୍ରଜ୍ଞା ଠାକୁର, କର୍ଣ୍ଣଲ ପ୍ରସାଦ ପୁରୋହିତ, ରମେଶ ଉପାଧ୍ୟାୟ, ଅଜୟ ରହିରକର, ସୁଧାକର ଚତୁର୍ବେଦୀ, ସମୀର କୁଲକର୍ଣ୍ଣୀ ଓ ସୁଧାକର ଧର ଦ୍ୱିବେଦୀ ଏହି ବିସ୍ଫୋରଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିଲେ। ପୀଡିତଙ୍କ ଓକିଲ ସାହିଦ ନବୀନ ଅନସାରୀ ଏନ୍‌ଆଇଏ କୋର୍ଟର ଏହି ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ପ୍ରକାଶ କରିଛନ୍ତି।

ମାଲେଗାଁଓରେ ୨୦୦୮ରେ ସେପ୍ଟେମ୍ବର ୨୯ରେ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୬ଜଣ ଲୋକ ପ୍ରାଣ ହରାଇଥିଲେ ଓ ପାଖାପାଖି ୧୦୦ ଲୋକ ଆହତ ହୋଇଥିଲେ। ପାଖାପାଖି ୧୭ ବର୍ଷ ପରେ ଆସିଥିବା ଏହି ରାୟ।।ରେ ବିଚାରପତି ଏକେ ଲାହୋଟି କହିଛନ୍ତି ଯେ, ଯାଞ୍ଚ ଏଜେନ୍ସି ଏହି ବହୁ ଚର୍ଚ୍ଚିତ ମାମଲାରେ ଅଭିଯୋଗର ପ୍ରମାଣ କରିବାରେ ବିଫଳ ହୋଇଛନ୍ତି। ଏପରି ସ୍ଥଳେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ବୋମା ମୋଟରସାଇକେଲରେ ରଖାଯାଇଥିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ବଚାରପତି ଲାହୋଟି କହିଛନ୍ତି। ପୁଣି ଏହି ମୋଟରସାଇକେଲ ସାଧ୍ୱୀ ପ୍ରଜ୍ଞାଙ୍କ ନାମରେ ରହିଛ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ। ସେହିପରି କର୍ଣ୍ଣଲ ପୁରୋହିତ ଆରଡିଏକ୍ସ ଆଣି ବୋମା ତିଆରି କରିଥିଲେ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଏହି ମାମଲାର ଶୁଣାଣି ୨୦୨୫ ମେ ୮ରେ ଶେଷ ହୋଇଥିଲା ଏବଂ କୋର୍ଟ ତାଙ୍କର ରାୟକୁ ଜୁଲାଇ ୩୧ ପର୍ଯ୍ୟନ୍ତ ସୁରକ୍ଷିତ ରଖିଥିଲେ। ମାଲେଗାଁଓ ବିସ୍ଫୋରଣ ମାମଲା ନେଇ ମହାରାଷ୍ଟ୍ର ଏଟିଏସ୍ ପ୍ରାରମ୍ଭିକ ଯାଞ୍ଚ କରିଥିଲା। ୨୦୧୧ରେ ଏହି ମାମଲାକୁ ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଥିଲା। ୨୦୧୬ରେ ଏନ୍‌ଆଇଏ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାର ବିଚାର ଚାଲିଥିବା ।।ବେ।।ଳେ ତିନି ଯାଞ୍ଚ ଏଜେନ୍ସି ଓ ୪ଜଣ ବିଚାରପତି ବଦଳି ହୋଇଛନ୍ତି। ୨୦୧୭ରେ ଏହି ମାମଲାରେ ପ୍ରଜ୍ଞା ଠାକୁରଙ୍କୁ ଜାମିନ ମିଳିଥିଲା। ୨୦୧୯ରେ ପ୍ରଜ୍ଞା ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଓ ନେତାମାନେ କୋର୍ଟଙ୍କର ଏହି ରାୟ ନେଇ ନିଜ ହିସାବରେ ମତ ଦେଇଛନ୍ତି।



## ଏନ୍‌ଡିଏରୁ ଅଲଗାହେଲେ ପନିର୍‌ସେଲଭମ୍



ଚେନ୍ନଇ, ୩୧।୭(ଏଜେନ୍ସି): ତାମିଲନାଡୁରେ ଆସନ୍ତାବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ପନିର୍‌ସେଲଭମ୍ ସମସ୍ତଙ୍କୁ ଚକିତ କରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏଠାରୁ ଅଲଗା ହୋଇଛନ୍ତି। ସେ କ୍ଷମତାସୀନ ଡିଏମ୍‌କେରେ ଯୋଗ ଦେଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ପ୍ରାତଃ ଭ୍ରମଣ ଅବସରରେ ଭେଟିବା ପରେ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ।।ଯେ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କର ଅତି ଘନିଷ୍ଠ ଥିବା ପନିର୍‌ସେଲଭମ୍ ଆନ୍ନାଡିଏମକେର ଲୋକପ୍ରିୟ ନେତା ଥିଲେ। ଦୁଇ ଥର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିବା ପନିର୍‌ସେଲଭମ୍‌ଙ୍କୁ ଏଆଇଏଡିଏମ୍‌କେ ପାର୍ଟିରୁ ବହିଷ୍କାର କରାଯାଇଥିଲା। ପାର୍ଟିର ମୁଖ୍ୟ ପଲାନିସ୍ୱାମୀଙ୍କ ସହ ମତାନ୍ତର ଯୋଗୁଁ ଦଳରୁ ତାଙ୍କୁ ତଡ଼ିଦିଆଯାଇଥିଲା। ସେବେଠାରୁ ସେ ରାଜନୀତିରେ ଏକଘରିକିଆ ହୋଇଯାଇଥିଲେ। ରାଜନୈତିକ ଥଇଥାନ ପାଇଁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ଏଥିପାଇଁ ତାଙ୍କୁ ଅନୁମତି ମିଳିନଥିଲା। ଏହାପରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଦେଇଥିଲେ। ସର୍ବ ଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ)ରେ ପାଣ୍ଠି ବିତରଣରେ ବିଳମ୍ବ ହେବାରୁ ସାମାଜିକ ଗଣମାଧ୍ୟମରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସିଧାସଳଖ ସମାଲୋଚନା କରିଥିଲେ। ଏହି କାରଣରୁ ଏନ୍‌ଡିଏ ସହ ତାଙ୍କର ସମ୍ପର୍କ ଆହୁରି ଖରାପ ହୋଇଥିଲା।



## ଜର୍ମାନୀ ଟିକ୍‌ଟକର୍ ବେଙ୍ଗାଲୁରୁରେ ଅଟକ

ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): ଜର୍ମାନୀ ଟିକ୍‌ଟକର୍ ନୋଏଲ ରବିନସନଙ୍କୁ ବେଙ୍ଗାଲୁରୁ ପୁଲିସ ଅଟକ ରଖିଛି। ଷ୍ଟ୍ରିଟ୍ ଡ୍ୟାନ୍ସ ଭିଡିଓ ବନାଇ ପ୍ରସିଦ୍ଧି ଲାଭ କରିଥିବା ନୋଏଲ୍ ରାସ୍ତା ଉପରେ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରି ଏକ ଭିଡିଓ ବନାଉଥିଲେ। ଏହାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ସାର୍ବଜନୀନ ସୁରକ୍ଷା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ନୋଏଲ୍‌ଙ୍କୁ ପୁଲିସ ଥାନାକୁ ନେଇ ୧୫ ମିନିଟ ଅଟକ ରଖିଥିଲା। ବିନା ଅନୁମତିରେ ରାସ୍ତା ଉପରେ ଭିଡିଓ ବନାଉଥିବାରୁ ତାଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଇଥିଲା। ମୁକ୍ତ ହେବାପରେ ସମ୍ପୂର୍ଣ୍ଣ ଭାବେ ଠିକ ଅଛନ୍ତି ବୋଲି ନୋଏଲ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଅବଗତ କରାଇଛନ୍ତି। ପ୍ରଥମଥର ପାଇଁ ମୋତେ ଥାନାକୁ ନିଆଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ମୋତେ ଜେଲ୍‌କୁ ପଠାଇ ଦିଆଯିବ ବୋଲି ଆଶଙ୍କା କରୁଥିଲି। କିନ୍ତୁ ସୌଭାଗ୍ୟବଶତଃ ଏପରି ହୋଇ ନଥିଲା। ମୁଁ ଠିକ୍ ଅଛି ଓ ଭାରତକୁ ବହୁତ ଭଲ ପାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ୟୁନେସ ଜାରୋଉ ନାମକ ଆଉ ଜଣେ ଜର୍ମାନୀ ଟିକଟକର୍‌ଙ୍କୁ ମଧ୍ୟ ବେଙ୍ଗାଲୁରୁ ପୁଲିସ ଚର୍ଚ୍ଚ ଷ୍ଟ୍ରିଟ୍ ଏରିଆରେ ଅଟକ ରଖିଥିଲା। ନୋଏଲ ରବିନସନ ଜଣେ କନଟେଣ୍ଟ କ୍ରିଏଟର ଓ ଡ୍ୟାନ୍ସର ଭାବେ ସୋସିଆଲ ମିଡିଆରେ ବେଶ ସକ୍ରିୟ ଅଛନ୍ତି। ତାଙ୍କର ଜବରଦସ୍ତ ସଂଖ୍ୟାରେ ଫଲୋଅର୍ସ ରହିଛନ୍ତି।

### ୧୦ ବିଆରଏସ୍ ବିଧାୟକଙ୍କ ଦଳବଦଳ ମାମଲା

## ତେଲଙ୍ଗାନା ବାଚସ୍ପତିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ତେଲଙ୍ଗାନାରେ ବିଆର୍‌ଏସ୍‌ର ୧୦ ଜଣ ବିଧାୟକ ଶାସକ କଂଗ୍ରେସରେ ଯୋଗଦେବା ପରେ ସେମାନଙ୍କ ବିରୋଧରେ ଆଗତ ପିଟିସନ ଉପରେ ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ପିଟିସନ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଏହି ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ 'ଅସ୍ତ୍ରୋପଚାର ସଫଳ, ରୋଗୀ ମୃତ' ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯିବ ନାହିଁ। ବାଚସ୍ପତି ତାଙ୍କର ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ଦଳବଦଳ କରିଥିବା ବିଧାୟକମାନେ ଫାଇଦା ଉଠାଉଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ଏବଂ ଜଷ୍ଟିସ ମନିଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ଉପରୋକ୍ତ ୧୦ ଜଣ ବିଧାୟକଙ୍କ ବିରୋଧରେ ମାର୍ଚ୍ଚ ୨୦୨୪ରେ ପିଟିସନ ଆଗତ ହୋଇଥିବା ବେଳେ ଏହା ଉପରେ ନୋଟିସ ଜାରି କରିବା ଲାଗି ବାଚସ୍ପତିଙ୍କୁ ୭ ମାସ ଲାଗିଗଲା। ତାହାମଧ୍ୟ ଏହି ଅଦାଲତରେ ମାମଲାର ଶୁଣାଣି ହେବାର ଗୋଟିଏ ଦିନ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରି କରିବାକୁ ବାଚସ୍ପତିଙ୍କୁ ଏତେମାସ କାହିଁକି ଲାଗିଲା ବୋଲି ପ୍ରଶ୍ନ ଉଠାଇ କୋର୍ଟ କହିଲେ ଯେ ସାଂସଦ/ବିଧାୟକମାନଙ୍କ ଦଳବଦଳ ଏକ ଚିନ୍ତାଜନକ ବିଷୟ। ଏହାକୁ ରୋକା ନଗଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ବାଚସ୍ପତିଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି କୁହାଯାଉଛି। ଜଣେ ଅଭିଯୁକ୍ତ ବିଧାୟକ ଲୋକସଭା ନିର୍ବାଚନରେ କଂଗ୍ରେସ ଟିକଟରେ ଲଢ଼ିଥିଲେ। ହାରିଯିବା ପରେ ସେ ବିଧାୟକ ପଦରେ ରହିଲେ।

ବାଚସ୍ପତିଙ୍କ ଏଭଳି ଆଭିମୁଖ୍ୟ ବିରୋଧରେ ବିଆରଏସ୍ ପକ୍ଷରୁ ଆଗତ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ବାଚସ୍ପତିଙ୍କ ପଦକ୍ଷେପ ଉପରେ କୋର୍ଟ ହସ୍ତକ୍ଷେପ କରିପାରିବେ।

**ତିନି ମାସ ମଧ୍ୟରେ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ**



## କର୍ଣ୍ଣାଟକରେ ନୂଆ ବ୍ଲଡ୍ ଗ୍ରୁପ୍ 'ସିଆରଆଇବି'





ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): କର୍ଣ୍ଣାଟକର କୋଲାର ଜିଲ୍ଲାରେ ଜଣେ ୩୮ ବର୍ଷୀୟା ମହିଳାଙ୍କଠାରେ ଡାକ୍ତରମାନେ ଏକ ନୂଆ ବ୍ଲଡ୍ ଗ୍ରୁପ୍ ପାଇଛନ୍ତି। ଏଭଳି ବ୍ଲଡ ଗ୍ରୁପ୍ ବିଶ୍ୱରେ ବିରଳ ବୋଲି କୁହାଯାଉଛି। ଏହି ବ୍ଲଡ ଗ୍ରୁପ୍‌କୁ 'ସିଆରଆଇବି'ର ନାମ ଦିଆଯାଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ଏହି ବ୍ଲଡ୍ ଗ୍ରୁପ୍ କେବଳ ୧୦ ଜଣ ଲୋକଙ୍କର ରହିଛି। ମହିଳାଙ୍କର ହାର୍ଟ ସର୍ଜରୀ କରିବାକୁ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଏହା ଜଣାପଡ଼ିଥିଲା। ମହିଳାଙ୍କ ବ୍ଲଡ୍ ଗ୍ରୁପ୍ ଓଆରଏଚ୍+ ଥିଲା ଓ ଏକ ସାଧାରଣ ବ୍ଲଡ୍ ଗ୍ରୁପ୍ ବୋଲି ଧରାଯାଇଥାଏ। କିନ୍ତୁ ଯେତେବେଳେ ଅସ୍ତ୍ରୋପଚାର ପାଇଁ ରକ୍ତ ଯୋଗାଡ କରାଗଲା, ସେତେବେଳେ କୌଣସି ଓ+ ୟୁନିଟ୍ ତାଙ୍କ ସହ ମେଳ ଖାଇ ନଥିଲା। ମାମଲା ଗମ୍ଭୀର ବୋଲି ଡାକ୍ତରମାନେ ହୃଦୟଙ୍ଗମ କରିବା ପରେ ତାଙ୍କ ରକ୍ତ ନମୁନାକୁ ରୋଟାରୀ ବେଙ୍ଗାଲୁରୁ ଟିଟିକ ବ୍ଲଡ୍ ସେଣ୍ଟରର ଆଡଭାନ୍ସ ଲାବ୍‌କୁ ପଠାଯାଇଥିଲା। ମହିଳାଙ୍କ ୨୦ ଜଣ ସମ୍ପର୍କୀୟଙ୍କ ରକ୍ତ ନମୁନାକୁ ଯାଞ୍ଚ କରାଯାଇଥିଲା। କିନ୍ତୁ କାହା ସହ ତାଙ୍କର ମେଳ ଖାଇ ନଥିଲା। ଫଳରେ ରକ୍ତ ନ ନେଇ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଓ ଏହା ସଫଳ ହୋଇଥିଲା। କିନ୍ତୁ ତାଙ୍କ ରକ୍ତ ନମୁନାକୁ ବ୍ରିଟେନର ବ୍ରିଷ୍ଟଲସ୍ଥିତ ଇଣ୍ଟରନ୍ୟାସନାଲ ବ୍ଲଡ୍ ଗ୍ରୁପ୍ ରେଫରେନ୍ସ ଲାବ (ଆଇବିଜିଆରଏଲ୍)କୁ ପଠାଯାଇଥିଲା। ବହୁ ରିସର୍ଚ୍ଚ ଓ ପରୀକ୍ଷା ପରେ ମହିଳାଙ୍କର ଏକ ନୂଆ ବ୍ଲଡ ଗ୍ରୁପ୍ ଆଣ୍ଟିଜେନ ଖୋଜି ପାଇଥିଲେ।


## ପାକିସ୍ତାନକୁ ଝଟ୍‌କା; କଶ୍ମୀରରେ ହେବ ଦେଶର ସର୍ବବୃହତ୍ ହାଇଡ୍ରୋ ପ୍ରକଳ୍ପ

ଶ୍ରୀନଗର, ୩୧।୭(ଏଜେନ୍ସି): ଜମ୍ମୁ-କଶ୍ମୀରର ଚେନାବ ନଦୀ ଉପରେ ସର୍ବବୃହତ ହାଇଡ୍ରୋ ପ୍ରକଳ୍ପ ନିର୍ମାଣ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି। ପାକିସ୍ତାନ ସହ ସିନ୍ଧୁ ନଦୀ ଚୁକ୍ତିରୁ ଓହରିଯିବା ପରେ ଭାରତ ଏହି ଯୋଜନା ଉପରେ କାର୍ଯ୍ୟ କରିବା ଆରମ୍ଭ କରିଛି। ୧୮୫୬-ମେଗାୱାଟ କ୍ଷମତା ବିଶିଷ୍ଟ ଏହି ହାଇଡ୍ରୋ ପ୍ରୋଜେକ୍ଟ ପାକିସ୍ତାନର ଆପତ୍ତି ସତ୍ତ୍ୱେ ନିର୍ମାଣ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବୁଧବାର ଅପରେସନ ସିନ୍ଦୂର ନେଇ ଚର୍ଚ୍ଚା ଅବସରରେ ଏକ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି। ଏନେଇ ନ୍ୟାସନାଲ ହାଇଡ୍ରୋଇଲେକ୍‌ଟ୍ରିକ୍ ପାୱାର କର୍ପୋରେସନ (ଏନ୍‌ଏଚ୍‌ପିସି) ଏହି ସାୱାଲକୋଟ ହାଇଡ୍ରୋ ପ୍ରୋଜେକ୍ଟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି। ଏନ୍‌ଏଚ୍‌ପିସି ଔପଚାରିକ ଭାବେ ଏକ ଅନ୍ତର୍ଜାତୀୟ କମ୍ପିଟେଟିଭ ବିଡିଂ (ଆଇସିବି) ସ୍ତରରେ ବିଡ୍ ଆହ୍ୱାନ କରିଛି। ସେପ୍ଟେମ୍ବର ୧୦କୁ ବିଡ୍ ଦାଖଲ କରିବାର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି।

ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଏନ୍‌ଟିପିସି ଓ ଜମ୍ମୁ-କାଶ୍ମୀର ପାୱାର ଡେଭଲପମେଣ୍ଟ କର୍ପୋରେସନ ମିଳିତ ଉଦ୍ୟମରେ ନିର୍ମାଣ ହେବ। ୧୯୮୦ରେ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। କିନ୍ତୁ କେତୋଟି ଅନ୍ୟ ପ୍ରକଳ୍ପ ସହ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା। ୨୨, ୭୦୪ କୋଟି ଟଙ୍କା ବିନିମୟରେ ଏହି ମେଗା ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବ। ସିନ୍ଧୁ ଚୁକ୍ତିରୁ ଓହରିବା ପରେ ସରକାର ଏହି ପରକଳ୍ପନା ସହ ଅନ୍ୟ ୬ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ଯୋଜନା ଆରମ୍ଭ କରିଛି। ଉଲ୍ଲେଖଥାଉ କି, ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳ ବଣ୍ଟନ ଚୁକ୍ତିରୁ ଭାରତ ଓହରିଯିବାକୁ ଘୋଷଣା କରିଥିଲା। ଭାରତ ସରକାରଙ୍କ ଏହି ଯୋଜନା ପାକିସ୍ତାନ ପାଇଁ ବଡ଼ ଧରଣର ଝଟକା ହୋଇଛି।



# ଯୁବକଙ୍କୁ ପିଟିପିଟି ହତ୍ୟା



## ଦମ୍ପତି ଅଟକ

ତୁରୁମୁଙ୍ଗା, ୩୧।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଙ୍କୁରା ଗ୍ରାମରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଅଙ୍କୁରା ନାଏକସାହିର ଭକ୍ତବନ୍ଧୁ ନାଏକଙ୍କ ପୁଅ ଗଙ୍ଗାଧର (୨୮)। ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ଗାଁ ନିକଟ ଝପାସାହିକୁ ଯାଇଥିବା ବେଳେ ସେଠାରେ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କ ହସ୍ତାନ୍ତର କରିବା ସହ ମୃତକଙ୍କ ମା’ ପାଳଙ୍ଗ ନାଏକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଏହି ଘଟଣାରେ ପୁଲିସ ଝପାସାହିର ଦୀନବନ୍ଧୁ ପାତ୍ର ଏବଂ ତା’ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

■ ଟିକସ ବାକି ରଖି ଗଡୁଥିଲା ବସ୍

# ୧୦ ଲକ୍ଷ ଜରିମାନା ଗଣିଲେ ମାଲିକ

**୫ରୁ ଅଧିକ ଚାଲାଣ ଥିବା ଗାଡ଼ି ମାଲିକଙ୍କୁ ପରିବହନ ବିଭାଗର ନୋଟିସ**

କଟକ, ୩୧।୭(ସମିସ): ଏକ ଯାତ୍ରୀବାହୀ ଘରୋଇ ବସକୁ ୧୦ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ବେଳେ ଜରିମାନା ପଇଠ ପରେ ଜବତ ହୋଇଥିବା ବସକୁ ଗାଡି ମାଲିକଙ୍କୁ ହସ୍ତାନ୍ତର କରିଛି କଟକ ଆଞ୍ଚଳିକ ପରିବହନ ବିଭାଗ। ବେଆଇନ ଭାବେ ଟିକସ ଫାଙ୍କି ଚାଲୁଥିବା ଉକ୍ତ ବସ (ଓଡି୦୫ ଏଭି ୫୪୬୫)କୁ କଟକ ଆରଟିଓ ପକ୍ଷରୁ ଜବତ କରାଯାଇ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ପରମିଟ୍, ବୀମା ଏବଂ ଅନ୍ୟାନ୍ୟ ନିୟମ ପାଳନ ନ କରିବା ପାଇଁ ଏହି ଜରିମାନା ଲାଗୁ କରାଯାଇଥିଲା। ଯାହା ମୋଟ ୧୦ ଲକ୍ଷ ୧୯ ହଜାର ୭୫୬ ଟଙ୍କା ହୋଇଥିଲା। ଫିଟନେସ୍ ଅଭାବ ପାଇଁ ୫ହଜାର ଟଙ୍କା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବାରୁ ୧୦ହଜାର ଟଙ୍କା, ପରମିଟ୍ ୧୦ ହଜାର ବୀମା ପାଇଁ ୨ହଜାର ଓ ଟିକସ ବାବଦରେ ୩ ଲକ୍ଷ ୭ ହଜାର ୬୬୪ ଟଙ୍କା ସହ ଜରିମାନା ୬ଲକ୍ଷ ୮୫ହଜାର ୯୨ଟଙ୍କା ଏହିପରି ମୋଟ ଜରିମାନା ୧୦ଲକ୍ଷ ୧୯ହଜାର ୭୫୬ଟଙ୍କା ଆଦାୟ କରାଯାଇଥିଲା।

ସେହିଭଳି ରାଜ୍ୟରେ ୨୯ଲକ୍ଷ ଇ-ଚାଲାଣ ପଡ଼ିରହିଥିବା ବେଳେ ଏହି ବାବଦ ଅର୍ଥ ଆଦାୟ କରାଯାଇପାରିନାହିଁ। ତେବେ ବଡ଼ ଗାଡ଼ିଗୁଡ଼ିକ କ୍ଷେତ୍ରରେ ମଧ୍ୟ ଅଧିକ ଚାଲାଣ ରହିଥିବା ଜଣାପଡ଼ିଛି। ଏଣୁ ପରିବହନ ବିଭାଗ ପକ୍ଷରୁ ଏହି ଗାଡି ଗୁଡିକର ମାଲିକ ମାନଙ୍କୁ ନୋଟିସ ପଠାଯାଇଛି। ବିଶେଷକରି ୫ରୁ ଅଧିକ ଚାଲାଣ ଥିବା ବଡ ଗାଡିକୁ ଜରିମାନା ପଇଠ ପାଇଁ ନୋଟିସ ପ୍ରଥମ ପର୍ଯ୍ୟାୟରେ ୨୦୦ଗାଡି ମାଲିକଙ୍କୁ ନୋଟିସ ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଚାଲାଣ ବାବଦ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ବିଭାଗ। ଏଥିସହ ଫିଟନେସ ଓ ଅନ୍ୟ କାଗଜପତ୍ରକୁ ଠିକ କରିବାକୁ ପଡ଼ିବ। ଏହା ନକଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ପରିବହନ ବିଭାଗ ଅଧିକାରୀଙ୍କ କହିବାନୁସାରେ ଏଭଳି ୧୦ ହଜାର ଗାଡ଼ି ଚିହ୍ନଟ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଗାଡ଼ି ମାଲିକଙ୍କୁ ନୋଟିସ ହେବ। ଟୋଲ ଗେଟରେ ଗଡି ଗୁଡିକ ଅତିକ୍ରମ କଲା ବେଳେ ଖିଲାପି ଗାଡ଼ିଗୁଡ଼ିକୁ ସ୍ୱୟଂକ୍ରିୟ ଚାଲାଣ କଟାଯାଉଛି।

■ ଖରିଫ ଚାଷୀଙ୍କୁ ଧାନ ବିକ୍ରି ଚିନ୍ତା

# ଜଟିଳ ପ୍ରକ୍ରିୟା ଯୋଗୁଁ କମୁଛି ପଞ୍ଜୀକରଣ

ଭୁବନେଶ୍ୱର, ୩୧।୭(ସମିସ): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଖରିଫ୍ ଚାଷ ପାଇଁ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସମୟ ମଧ୍ୟରେ ଅଧିକ ୧୦ ହଜାର ଚାଷୀ ପଞ୍ଜିକୃତ ହୋଇଥିଲେ। ଏଥର ସରକାରଙ୍କ ଜଟିଳ ପ୍ରକ୍ରିୟା ଯୋଗୁଁ ପଞ୍ଜୀକରଣରେ ଶିଥିଳତା ଦେଖାଦେଇଥିବା ଅଭିଯୋଗ ହେଉଛି। ବିଶେଷକରି ପଞ୍ଜୀକରଣ ସମୟରେ ଇ-କେୱାଇସି କରିବା, ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କଠାରୁ ଜିମାନାମା(ଅଣ୍ଡର୍‌ଟେକିଂ) ଆଣିବା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିସହ ଉପାନ୍ତ ଅଞ୍ଚଳ ପାକ୍‌ସଗୁଡ଼ିକରେ ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ମଧ୍ୟ ପଞ୍ଜୀକରଣ ଧୀମା ହେଉଥିବା ଜଣାପଡ଼ିଛି। ସରକାର ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବାରମ୍ବାର ଚାଷୀମାନେ ଦାବି କରୁଥିଲେ ହେଁ ସରକାର କର୍ଣ୍ଣପାତ କରୁନାହାନ୍ତି।

ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସଫେଇ ଦେଇ କହିଛନ୍ତି, ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀଙ୍କ ସଂଖ୍ୟା କମିଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେସନ୍ ଫର୍ମରେ ଦସ୍ତଖତ କରିବେ। ବାପା କିମ୍ବା ଭାଇଙ୍କ ନାମରେ ରେକର୍ଡ ଥିଲେ କେବଳ ଲିଖିତ ଆକାରେ ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଯାଇଛି। ଅସୁବିଧା ଥିଲେ ଦିଆଯାଇଥିବା ଫୋନ୍ ନମ୍ବରରେ ଫୋନ୍ କରିବାକୁ ସେ କହିଛନ୍ତି।

## ଚିନ୍ତାରେ ଚାଷୀ

# ଗଜା ହେଉନି ସରକାରୀ ବିହନ

■ ଇ-କେୱାସି ଗୋଲକଧନ୍ଦା ବଢ଼ାଇଛି ସମସ୍ୟା

■ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳ ସୁନିଶ୍ଚିତ ଦାବି

ଭୁବନେଶ୍ୱର,୩୧।୭(ସମିସ): ଚଳିତ ବର୍ଷ ଅନୁକୂଳ ମୌସୁମୀ ଯୋଗୁଁ ରାଜ୍ୟର ଅନେକ ଜିଲ୍ଲାରେ ଚାଷକାମ ଆରମ୍ଭ ହୋଇସାରିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬.୭୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ଅନେକ ଜିଲ୍ଲାରେ ସରକାରୀ ବିହନ ଶତକଡ଼ା ଅଧାରୁ ଅଧିକ ପ୍ରତିଶତ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି। ଏବେ ଯାହାବି ଧାନ ତଳି ରହିଛି, ସେଥିପାଇଁ ଆବଶ୍ୟକ ସାର ମଧ୍ୟ ମିଳିବା ସମ୍ଭବ ହେଉନାହିଁ। ରାଜ୍ୟର କୃଷିବହୁଳ ଜିଲ୍ଲାଗୁଡ଼ିକୁ ଗସ୍ତ କରି କୃଷିକ୍ଷେତ୍ର ଓ କୃଷକମାନଙ୍କର ଏହି ବାସ୍ତବ ସ୍ଥିତି ଦେଖିବା ପରେ ରାଜ୍ୟ କିଷାନ କଂଗ୍ରେସ ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

ଯାହାର ଆଶୁ ପ୍ରତିକାର ଦାବି କରିବା ସହ ବେଳହୁଁ ସାବଧାନ ନ ହେଲେ ରାଜ୍ୟରେ କୃଷି ବ୍ୟବସ୍ଥା, କୃଷି ଅର୍ଥନୀତି ତଥା ଚାଷୀ ଓ ଚାଷର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବାର ସମ୍ଭାବନା ରହିଛି ବୋଲି ରାଜ୍ୟ କିଷାନ କଂଗ୍ରେସ କହିଛି।

ଗୁରୁବାର ରାଜ୍ୟ କିଷାନ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏକ ପ୍ରତିନିଧି ଦଳ ପଶ୍ଚିମ ଓଡ଼ିଶା ଏବଂ ରାଜ୍ୟର କୃଷିବହୁଳ ଅନ୍ୟ କିଛି ଜିଲ୍ଲାକୁ ଗସ୍ତକରି ଚାଷୀ, ଚାଷ ଓ ଚାଷୀ ପରିବାରର ଅବସ୍ଥା ଦେଖିଛନ୍ତି। ଏହି ସମୟରେ ସେମାନେ ଚାଷୀଙ୍କଠାରୁ ବିହନ ଗଜା ନ ହେବାଠାରୁ ଆରମ୍ଭ କରି ଅନେକ ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି। ବିଶେଷକରି ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ସୋନପୁର ଜିଲ୍ଲାର ଚାଷୀମାନେ ଏବେ ଆତଙ୍କରେ ସମୟ ବିତାଉଛନ୍ତି। ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଲଙ୍ଗ ଆଦି ନଦୀରେ ଲଗାତର ବନ୍ୟା ଆସିବା ଫଳରେ ଧାନତଳି ପଚିଯାଇଛି। ତଳି ଅଭାବ ଯୋଗୁଁ ରୁଆ ବେଉଷଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ବେଳେ ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାର କିଛି ଅଂଶରେ ଅନାବୃଷ୍ଟି କାରଣରୁ ଚାଷକାର୍ଯ୍ୟ ପଛାଇ ଯାଇଛି। ଅବଶିଷ୍ଟ ଜିଲ୍ଲାମାନଙ୍କରେ ଚାଷକାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସରକାରୀ ବିହନ ଅଧାରୁ ଅଧିକ ପ୍ରତିଶତ ଗଜା ନ ହେବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷ ଆରମ୍ଭ ସମୟରେ ଏକ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳକୁ ଦୃଷ୍ଟିରେ ରଖି ସରକାର ଏବେଠୁ ଚାଷୀ ଓ ଚାଷକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ସହିତ ସବୁ ପ୍ରକାର ସହାୟତା ଦେବା ପାଇଁ କିଷାନ କଂଗ୍ରେସ ଦାବି କରିଛି। ଆବଶ୍ୟକ ପଡ଼ିଲେ ବିନା ସୁଧ ଓ ସର୍ତ୍ତରେ ଋଣ ଯୋଗାଇଦେବା ସହିତ କୀଟନାଶକ, ସାର ଓ ବିହନ ଆଦି ରିହାତି ଦରରେ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ କିଷାନ କଂଗ୍ରେସ ଦାବି କରିଛି।

ସେହିପରି ଟୋକନପ୍ରାପ୍ତି ଓ ପଞ୍ଜୀକରଣ ପାଇଁ ସମ୍ପ୍ରତି ଇ-କେୱାଇସି ଓ ବଂଶାବଳୀ ନିରୂପଣ ବ୍ୟବସ୍ଥା କରାଯାଇଛି। ଇ-କେୱାଇସି ନ ହେଲେ ଚାଷୀ ସରକାରୀ ଖାତାରେ ଚାଷୀ ଭାବେ ଗଣାହୋଇ ପାରିବ ନାହିଁ ଏବଂ ତା’ର ଧାନକୁ ଧାନମଣ୍ଡିରେ ଗ୍ରହଣ କରାଯିବ ନାହିଁ। ମାତ୍ର ଏହି ପ୍ରକ୍ରିୟା ବହୁ ଜଟିଳ କରାଯାଇଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କର୍ପୋରେଟ ସଂସ୍ଥା ଓ ମିଲ୍ ମାଲିକମାନଙ୍କ ଚକ୍ରାନ୍ତରେ ନ ପଡ଼ି ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ସତର୍କ ନ ହେଲେ, ଚାଷୀକୁଳ ରାଜରାସ୍ତାକୁ ବାହାରି ସରକାରୀକଳ ଅଚଳ କରିଦେବେ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ, ଦଳର ମୁଖପାତ୍ର ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ, କିଷାନ କଂଗ୍ରେସ ରାଜ୍ୟ ସଂଯୋଜକ ଅରୁଣ ଜେନା, ମୁଖପାତ୍ର ହିମାଂଶୁ ଲେଙ୍କା, ଚାଷୀ ନେତା ଶିତିକଣ୍ଠ ମହାନ୍ତି ଓ ରତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଖ୍ୟାଲଘୁ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

■ ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତିଙ୍କ ପତ୍ନୀ ବିଧାୟକଙ୍କ ଦ୍ୱାରା ନିର୍ଯାତିତ

■ ପୀଡ଼ିତା ମହିଳା ଲିଖିତ ଅଭିଯୋଗ କରିଥିଲେ ହେଁ ଏତଲା ରଖୁନି ପୁଲିସ

■ ଯାଜପୁର ଜିଲ୍ଲାରେ କର୍ତ୍ତବ୍ୟରତ ମହିଳା ପୁଲିସ କର୍ମଚାରୀ ମଧ୍ୟ ଅସୁରକ୍ଷିତ



ଭୁବନେଶ୍ୱର,୩୧।୭(ସମିସ): ରାଜ୍ୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ଓ ଅପରାଧ ଉପରମୁହାଁ ସ୍ଥିତିରେ ରହିଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ଏପରିସ୍ଥିତିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅସଦାଚରଣ ଘଟଣାରେ ପୁଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜୁ ଜନତା ଦଳର ୩ ମହିଳା ନେତ୍ରୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି ଯେ ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି।

ସେହିପରି ଦଳର ମୁଖପାତ୍ର ଇପ୍ସିତା ସାହୁ କହିଥିଲେ ଯେ ବିଜେପି ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତ୍ୟେକ ଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନାରୀ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ବିଜେପି ସଂଖ୍ୟାଲଘୁ ସେଲର ସଭାପତିଙ୍କ ପତ୍ନୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୁଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୁଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀ ଯେ ଅସହାୟ ହୋଇପଡ଼ିଛନ୍ତି, ଏଥିରୁ ପ୍ରତୀୟମାନ ହେଉଛି।

ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଥିଲେ ଯେ ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ଏଠି ଅପରାଧୀ ଉପରମୁହାଁ ହୋଇଥିବା ବେଳେ ସରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି।

# ବିସ୍ଥାପିତଙ୍କ ପାଇଁ ଲଢ଼ିବ କଂଗ୍ରେସ

ଭୁବନେଶ୍ୱର,୩୧।୭(ସମିସ): ରାଜ୍ୟର ୨୦ ଲକ୍ଷ ହିତାଧିକାରୀ ପଟ୍ଟା ପାଇବା ପାଇଁ ହକ୍‌ଦାର ଅଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ତାଙ୍କ ଅଧିକାର ଦିଆଯାଇ ନାହିଁ। ସରକାର ଲକ୍ଷ ଲକ୍ଷ ଏକର ଜମି କମ୍ପାନୀମାନଙ୍କୁ ଦେଉଥିବା ବେଳେ ଆଦିବାସୀ, ଅଣଆଦିବାସୀଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ଯେଉଁମାନେ ବିସ୍ଥାପନ ହେଉଛନ୍ତି ସେମାନଙ୍କ ପାଇଁ କଂଗ୍ରେସ ଲଢ଼େଇ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଂଗଠନ ପକ୍ଷରୁ ୧୫ଟି ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ନେଇ ‘ହ୍ୟୁମାନ୍ ରାଇଟ୍ସ’ ସଭାକୁ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି ଯେ ବେଆଇନ ବିସ୍ଥାପନ, ଉତ୍କଟ ବେକାରୀ ସମସ୍ୟା ଏବଂ ନାରୀ ନିର୍ଯାତନା ବିରୋଧରେ ଘୋର ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡ଼ିବ। ଏଥିପାଇଁ ଲଢ଼େଇ ଜୋର୍‌ଦାର କରିବାକୁ ହ୍ୟୁମାନ ରାଇଟ୍ସ ସ୍ୱେଚ୍ଛାସେବୀମାନଙ୍କୁ ପିସିସି ସଭାପତି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଓଡିଶା ହ୍ୟୁମାନ ରାଇଟ୍ସ ସଂଘ ସଭାପତି ସୁରେନ ଶତପଥୀ କଂଗ୍ରେସ ବିଚାରଧାରା ସହିତ ଆମେ ଲୋକଙ୍କ ଅଧିକାର ଏବଂ ସମସ୍ୟାର ସମାଧାନ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବୁ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏଠାରେ ସଂଘର ଉପସଭାପତି ଡକ୍ଟର ଯତୀନ ଦିଗାଳ, ଦେବୀ ପ୍ରସାଦ ମିଶ୍ର, ସଂଯୋଜକ ରାଜକିଶୋର ସାହୁ, ଅମିତ ମହନ୍ତ, ବାବୁ ଦଳବେହେରା ମଞ୍ଚାସୀନ ଥିଲେ।

# ୧୨ ଘଣ୍ଟାରେ ହୀରାକୁଦର ୮ ଗେଟ୍ ବନ୍ଦ

**ଜଳସ୍ତର ୬୨୦.୧୦**



ସମ୍ବଲପୁର, ୩୧।୭(ସମିସ): ଉପରମୁଣ୍ଡରେ ବର୍ଷା କମିବା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଗତ ୧୨ ଘଣ୍ଟା ମଧ୍ୟରେ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରିଛି। ଆଜି ସକାଳ ୬ଟା ବେଳେ ୧୨ଟି ଗେଟ୍ ଖୋଲା ଥିବା ବେଳେ ସନ୍ଧ୍ୟା ୬ଟା ବେଳକୁ ମାତ୍ର ୪ ଗେଟ୍ ଖୋଲା ରହିଛି। ସଂଧ୍ୟା ୬ଟା ବେଳକୁ ହୀରାକୁଦର ଜଳସ୍ତର ୬୨୦.୧୦ ଫୁଟ୍‌ରେ ରହିଥିବା ସୂଚନା ମିଳିଛି। ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ସ୍ଲୁଇସ ଗେଟ୍ ଖୋଲା ରହିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୧.୬୦ ଫୁଟ୍ ରହିଥିଲା।

ମିଳିଥିବା ସୂଚନାନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୭,୨୪୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୦୯୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯,୪୭୬ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୪,୬୧୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୩,୭୭୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୨.୧୨ ମିମି ଏବଂ ତଳମୁଣ୍ଡରେ ୦.୪୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୨୧,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୪୫,୮୯୯କ୍ୟୁସେକ୍, ଖଇରମାଳଠାରେ ୨,୮୬,୫୦୦ କ୍ୟୁସେକ୍, ବାରମୁଲଠାରେ ୨,୬୫,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪,୧୦,୨୪୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

■ ଏକ୍ ପେଡ୍ ମା କେ ନାମ୍-୨.୦

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରାଜ୍ୟରେ ଲାଗିବ ୭୫ ଲକ୍ଷ ଗଛ

■ ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ବୃକ୍ଷରୋପଣ ଲକ୍ଷ୍ୟ

■ ଜଳବାୟୁ ଉପଯୋଗୀ ବୃକ୍ଷ ରୋପଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୩୧।୭(ସମିସ): ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ରାଜ୍ୟ ସରକାର ୭୫ ଲକ୍ଷ ଗଛ ଲଗାଇବେ। ‘ଏକ୍ ପେଡ୍ ମା କେ ନାମ୍’ ଅଭିଯାନ ଅଧୀନରେ ଏହି ରେକର୍ଡ ସଂଖ୍ୟକ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରବାର ଲୋକସେବା ଭବନରେ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ‘ଏକ୍ ପେଡ୍ ମା କେ ନାମ୍’ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା’ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ଏବର୍ଷ କେବଳ ଗୋଟିଏ ଦିନ (ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ)ରେ ୭୫ ଲକ୍ଷ ଗଛ ଲାଗିବ, ଯାହା ଏକ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା’ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୃକ୍ଷରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ। ବିଶେଷକରି ଜିଲ୍ଲାମାନଙ୍କରେ ଜଳବାୟୁ ଉପଯୋଗୀ ବୃକ୍ଷରୋପଣ ଜରୁରୀ ଅଟେ। କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଉତ୍ତମ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ; ୫ କୁଖ୍ୟାତ ଅପରାଧୀ ଗିରଫ

ରାଉରକେଲା,୩୧।୭(ସମିସ): ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପ ସମେତ କିଛି ଦୋକାନ ଓ ବାସଗୃହରୁ ଡକାୟତି କରିବାକୁ ଯୋଜନା ପାଇଁ ବିଳମ୍ବିତ ରାତିରେ ଏକତ୍ର ହୋଇଥିବା ଏକ ବଡ଼ଧରଣର ଡକାୟତ ଗ୍ୟାଙ୍ଗକୁ



ଆଜି ରାଉରକେଲା ପ୍ଲାଣ୍ଟସାଇଟ୍ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଭୁଜାଲି, ଛୁରି ଏବଂ ଲୁହାଛଡ଼ ପରି ମାରଣାସ୍ତ୍ର ଜବତ କରାଯାଇଛି। ସମସ୍ତ ଅପରାଧୀ ଅନେକ ଗୁରୁତର ମାମଲାରେ ଜଡ଼ିତ ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅପରାଧୀମାନେ ହେଉଛନ୍ତି, ଗୋପବନ୍ଧୁପାଲି ୱାର୍ଡ ନମ୍ବର ୩ର ଶେଖ ସଲମାନ୍ (୨୪), ରେଳବାଇ କଲୋନୀ ଇନ୍ଦିରାନଗରର ପବନ ସାହୁ (୧୯), ଲାଲ ବିଲ୍ଡିଂ ଲେନର ଆୟୁଷ ବାଡ଼ା (୧୯), ଲାଲ ବିଲ୍ଡିଂ ଲେନର ରୋହିତ ପ୍ରସାଦ ଓରଫ କାଲୁ(୨୦) ଏବଂ ମାଲଗୋଦାମ କାଳୀମନ୍ଦିର ଲେନର ମହମ୍ମଦ କୈଫ (୧୯)। ଅଭିଯୁକ୍ତଙ୍କଠାରୁ ତିନୋଟି ଲୁହା ରଡ୍, ଗୋଟିଏ ଭୁଜାଲି ଏବଂ ଗୋଟିଏ ଛୁରି ଜବତ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ରେଲୱେ କଲୋନୀର ବଡ଼ ପାର୍କ ପରିସରରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବା ନେଇ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବୀଭସ୍ସ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା। ସେଠାରୁ ୫ଜଣ ଦୁର୍ବୃତ୍ତଙ୍କୁ କାବୁ କରିବା ପରେ ମାରଣାସ୍ତ୍ର ଜବତ କରିଥିଲା। ସେମାନେ ନିକଟବର୍ତ୍ତୀ ଘର, ଦୋକାନ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ଏକ ବଡ଼ଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି। ଗିରଫ ପାଞ୍ଚ ଅଭିଯୁକ୍ତ ବହୁ ଗୁରୁତର ଅପରାଧିକ ମାମଲାରେ ୱାଣ୍ଟେଡ୍ ଅଛନ୍ତି ବୋଲି ଜୋନାଲ ଡିଏସ୍‌ପି ଅମରେନ୍ଦ୍ରନାଥ ଷଣ୍ଢ ସୂଚନା ଦେଇଛନ୍ତି।

## ପୁଣି ଭତ୍ତା ଯନ୍ତ୍ରଣା

# ବୃଦ୍ଧାଙ୍କୁ ଚୌକିରେ ଟେକିଟେକି ବୋହିଲେ ସମ୍ପର୍କୀୟ



ପାଟଣାଗଡ଼, ୩୧।୭(ସମିସ): ପାଟଣାଗଡ଼ ବ୍ଲକ୍ ପାଣ୍ଡେସରା ଗାଁର ଜଣେ ବୃଦ୍ଧା ଗୁରୁଣ୍ଡିଗୁରୁଣ୍ଡି ବ୍ୟାଙ୍କକୁ ଭତ୍ତା ପାଇଁ ଯିବା ଘଟଣା ଲୋକଙ୍କ ମନରୁ ନ ଯାଉଣୁ, ବୁଧବାର ପୁଣି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୭୦ ବର୍ଷୀୟ ଜଣେ ବୃଦ୍ଧାଙ୍କୁ ସଂପର୍କୀୟମାନେ ଚୌକିରେ ବୋହିବୋହି ପାଟଣାଗଡ଼ ଷ୍ଟେଟ୍‌ବ୍ୟାଙ୍କକୁ ନେଇଛନ୍ତି।

ବାଙ୍କିବାହାଲ ଗାଁର ଗଣେନ ବରିହା (୭୦) ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ପାଉଛନ୍ତି। କିନ୍ତୁ ତାଙ୍କ ଆକାଉଣ୍ଟର କେୱାଇସି ଅପଡେଟ୍ ହୋଇନଥିବାରୁ ସେ ଗତ କିଛି ମାସ ହେବ ଟଙ୍କା ଉଠାଇ ପାରୁନାହାନ୍ତି। ବୟସାଧିକ ଯୋଗୁଁ ସେ ଠିକ୍ ଭାବେ ଚାଲିବୁଲି ପାରୁନଥିବାରୁ ବ୍ୟାଙ୍କକୁ ମଧ୍ୟ ଯାଇ ପାରୁନାହାନ୍ତି। ତେବେ, ଗୁରୁବାର ଦୁଇଜଣ ସମ୍ପର୍କୀୟ ତାଙ୍କୁ ଏକ ଚୌକିରେ ବସାଇ ପାଟଣାଗଡ଼ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଟେକିଟେକି ନେଇଥିଲେ। ସେଠାରେ ବୃଦ୍ଧାଙ୍କ କେୱାଇସି ହେବା ପରେ ସଂପର୍କୀୟମାନେ ପୁଣି ବୃଦ୍ଧାଙ୍କୁ ଟେକିଟେକି ନେଇ କିଓସ୍କ ସେଣ୍ଟର୍‌କୁ ଯାଇଥିଲେ। ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଉକ୍ତ ଭିଡିଓରେ ବୃଦ୍ଧାଜଣଙ୍କ ତାଙ୍କୁ ହାତାହାତି ଭତ୍ତା ଟଙ୍କା ଦେବାକୁ ସରକାରଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି। ଏ ସଂପର୍କରେ ବିଡିଓ ସୁମନ ମିଞ୍ଜଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ କରାଯିବ। କିଭଳି ବୃଦ୍ଧଙ୍କୁ ତାଙ୍କ ଘରେ ଭତ୍ତା ଦିଆଯିବ, ସେନେଇ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ମିଳୁନି ଜଏନିଂ ଅର୍ଡର୍;ଆତ୍ମହତ୍ୟା ଧମକ ଦେଲେ ବିଇଓ



ବଲାଙ୍ଗିର, ୩୧।୭(ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲାକୁ ବ୍ଲକ୍ ଶିକ୍ଷାଧିକାରୀ ଭାବେ ବଦଳି ହୋଇ ଆସିଥିବା ଜଣେ ଅଧିକାରୀଙ୍କୁ ଜଏନିଂ ଅର୍ଡର୍ ଦିଆଯାଉନଥିବାରୁ ସେ ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା ଧମକ ଚେତାବନୀ ଦେଇଛନ୍ତି। ସେ ହେଲେ, ରଞ୍ଜିତ ଭୋଇ।

ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। କିଛି ଦିନ ତଳେ ତାଙ୍କର ବଲାଙ୍ଗିର ଜିଲ୍ଲାକୁ ବଦଳି ହୋଇଛି। ତାଙ୍କୁ ଜିଲ୍ଲାର ବେଲପଡା ବ୍ଲକ୍‌କୁ ବଦଳି କରାଯାଇଛି। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଜଏନିଂ ଅର୍ଡର ଦିଆଯାଉନାହିଁ। ସେ ତାଙ୍କ ପଦବୀରେ ଯୋଗଦାନ କରିନଥିବାରୁ ତିନି ମାସ ହେଲା ଦରମା ମଧ୍ୟ ପାଇ ନାହାନ୍ତି। ବାରମ୍ବାର ଅଭିଯୋଗ ପରେ ବି ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ କଥା ଶୁଣୁନାହାନ୍ତି। ତେବେ ଶୀଘ୍ର ତାଙ୍କୁ ଅର୍ଡର୍ ପ୍ରଦାନ କରାନଗଲେ, ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଚାଉଳ ଭରଣାରେ ଅବ୍ୟବସ୍ଥା

# ୨୨ ପ୍ରତିଶତ ଖରିଫ ଚାଉଳ ଦେଇନାହାନ୍ତି ମିଲର

**ବଲାଙ୍ଗିର, ୩୧।୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଖରିଫ ଧାନକିଣା ସରିବା ପରେ ରବି ଧାନ କିଣା ମଧ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ବର୍ତ୍ତମାନ ସମୟରେ ଧାନକିଣିଥିବା ମିଲରମାନେ ଖରିଫ ଚାଉଳ ଭରଣା କରୁଥିବା ବେଳେ ରବି ଧାନ ମିଲିଂ ଆରମ୍ଭ କରିନାହାନ୍ତି। ଜିଲ୍ଲାରେ ବର୍ତ୍ତମାନ ସମୟରେ ଖରିଫ ଚାଉଳ ଭରଣା ପ୍ରାୟ ୭୮ ପ୍ରତିଶତ ରହିଥିବା ବେଳେ କେବେ ରବି ସମୟରେ କିଣାଯାଇଥିବା ଧାନ ଚାଉଳ ହିସାବରେ ମିଲର ଭରଣା କରିବେ ତାହା ସବୁଠାରୁ ବଡ ପ୍ରଶ୍ନ। ଏପଟେ ଜିଲ୍ଲାରେ ୨୨ ପ୍ରତିଶତ ଓ ରବିର ଶତ ପ୍ରତିଶତ ଧାନ ଭରଣା ବାକିଥିବା ବେଳେ ସେହି ଅନୁସାରେ ଚାଉଳ ରଖିବା ପାଇଁ ଆବଶ୍ୟକ ଗୋଦାମ ବ୍ୟବସ୍ଥା ନଥିବା ଆଲୋଚନା ହେଉଛି। ଯାହାକିଛି ଗୋଦାମ ରହିଛି ତାହା ମଧ୍ୟ ଖରିଫ ଚାଉଳ ଭରଣା ହେବା ବେଳକୁ ସରିଯାଇଥିବ ତେବେ ରବି ଚାଉଳ ଆସିଲେ କେଉଁଠି ଗଚ୍ଛିତ ରଖାଯିବ ତାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ରବି ଧାନକିଣା ସରିବା ପରେ ୨୦୨୫-୨୬ ଖରିଫ ଧାନକିଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୦୨୪-୨୫ ଖରିଫ ର ଧାନ ଶତ ପ୍ରତିଶତ ଭରଣା ହୋଇନଥିବା ଜଣାପଡ଼ିଛି। ଏବେ ସୁଦ୍ଧା ମାତ୍ର ୭୮ ପ୍ରତିଶତ ମିଲରମାନେ ଚାଉଳ ହସ୍ତାନ୍ତର କରିଥିବା ବେଳେ ଆହୁରି ୨୨ ପ୍ରତିଶତ ବକେୟା ରହିଥିବା ଜଣାପଡ଼ିଛି। ବିଭାଗୀୟ ରିପୋର୍ଟ ଅନୁସାରେ ୬୮ ମିଲର ୨୦୨୪-୨୫ ଖରିଫରେ ଟାର୍ଗେଟ ଅନୁସାରେ ଧାନକିଣିଥିଲେ। ସମୁଦାୟ ୪୦ ଲକ୍ଷ ୯୯ ହଜାର ୩୦୨କୁଇଣ୍ଟାଲ ଧାନ ଜିଲ୍ଲାରେ କିଣାଯାଇଥିଲା। ଏହି ଅନୁସାରେ ସମ୍ପୃକ୍ତ ମିଲର ମାନେ ସମୁଦାୟ ଏଫଆରକେ ଯୁକ୍ତ ୨୮ ଲକ୍ଷ ୯ ହଜାର ୮୨୯କୁଇଣ୍ଟାଲ ଚାଉଳ ସରକାରଙ୍କୁ ହସ୍ତାନ୍ତର କରିବା କଥା। ଯାହାକି ଆବଶ୍ୟକ ମିଲିଂ ପରେ ଏହାକୁ ପର୍ଯ୍ୟାୟକ୍ରମେ ସରକାରଙ୍କୁ ପ୍ରଦାନ କରାଯାଇଥାଏ। ଏଥିପାଇଁ ନିର୍ଦ୍ଦିଷ୍ଟ କିଛି ମାସର ସମୟସୀମା ଧାର୍ଯ୍ୟ କରାଯାଇଥାଏ। ତେବେ ଜୁଲାଇ ୩୦ ତାରିଖ ସୁଦ୍ଧା ବଲାଙ୍ଗିର ଜିଲ୍ଲାରେ ୭୮.୦୪ ପ୍ରତିଶତ ଚାଉଳ ମିଲରମାନେ ଭରଣା କରିଥିବା ଜଣାପଡ଼ିଛି। ଏଥିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୋଦାମରେ ମିଲରମାନେ ଭରଣା କରିଥିବା ୨୧ ଲକ୍ଷ ୯୨ ହଜାର ୬୬୮କୁଇଣ୍ଟାଲ ଚାଉଳ ଗଚ୍ଛିତ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଏଫସିଆଇ ଗୋଦାମ କୁ ୧୩ ଲକ୍ଷ ୭୧ ହଜାର ୭୧୭କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ଗୋଦାମ ରେ ୮ ଲକ୍ଷ ୨୦ ହଜାର ୯୫୦କୁଇଣ୍ଟାଲ ଚାଉଳ

> **୬ ଜଣ ଶତ ପ୍ରତିଶତ ଓ ୧୨ ଜଣ ୯୦ ପ୍ରତିଶତ ଚାଉଳ ଭରଣା କରିଛନ୍ତି**
>
> **୬୫ ପ୍ରତିଶତ ଭର୍ତ୍ତି ହେଲାଣି ଜିଲ୍ଲାରେ ଥିବା ୬ଟି ଗୋଦାମ**

ଗଚ୍ଛିତ ରହିଥିବା ଜଣାପଡ଼ିଛି। ଜିଲ୍ଲାର ନିର୍ଦ୍ଦିଷ୍ଟ ୬ ଜଣ ମିଲର ଶତ ପ୍ରତିଶତ ଚାଉଳ ଭରଣା କରିଥିବା ବେଳେ୧୨ ଜଣ ମିଲର ୯୦ ପ୍ରତିଶତ ରୁ ଅଧିକ ଚାଉଳ ଭରଣା କରିସାରିଛନ୍ତି। ବେଲପଡ଼ା ବ୍ଲକର ଅଣନ୍ତ ଏଗ୍ରୋ, ତୁରେକେଲା ବ୍ଲକରେ ଥିବା ବଂଶଲ ରାଇସ ମିଲ, ବଂଶଲ ଏଗ୍ରୋ, ଭବାନୀ ଏଗ୍ରୋ ଓ ଗୁଡଭେଲାର ବାଲକ୍ରିଷ୍ଣା ରାଇସ ଲେଣ୍ଡ, ବାଲାଜୀ ଫୁଡ ପ୍ରଡକ୍ଟସ ଶତ ପ୍ରତିଶତ ଚାଉଳ ଭରଣା କରିସାରିଛନ୍ତି। ସେହିପରି ବେଲପଡ଼ା ବ୍ଲକରେ ଥିବା ଵାଲାଜୀ ଫୁଡ ପ୍ରୋସେସିଂ, ରାଧା ଗୋବିନ୍ଦ ଫୁଡ ପ୍ରଡକ୍ଟ, ଶିତଲ ଏଗ୍ରୋ, ଶ୍ରୀ ଶ୍ୟାମଜୀ ଫୁଡ, ଗୁଡେଭେଲାର ସମଲେଶ୍ୱରୀ ଏଗ୍ରୋ, ସନ୍ତୋଷ ରାଇସ ମିଲ, ସଇଁନ୍ତଲା ବ୍ଲକରେ ଥିବା ଜଗଦମ୍ବା ପେଡ଼ି, ସନ୍ତୋଷ ଫୁଡ ପ୍ରଡକ୍ଟ, ଶିବା ଏଗ୍ରୋ, ପାଟଣାଗଡ଼ ବ୍ଲକରେ ଥିବା ରଶ୍ମୀ ରାଇସ ମିଲ ୯୦ପ୍ରତିଶତ ରୁ ଉର୍ଦ୍ଧ୍ୱ ପରିମାଣର ଚାଉଳ ଭରଣା କରିସାରିଥିବା ଜଣାପଡ଼ିଛି। ବାକିତମ ମିଲର ଏବେବି ୯୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିନାହାନ୍ତି। ଅନ୍ୟପକ୍ଷରେ ପାଟଣାଗଡ଼ ବୈଷ୍ଣବୀ ରାଇସ ଇଣ୍ଡଷ୍ଟ୍ରିଜ ମାତ୍ର ୪୪ ପ୍ରତିଶତ ଚାଉଳ ଭରଣା କରିଥିବା ଜଣାପଡ଼ିଛି। ଜୁଲାଇ ଶେଷ ସୁଦ୍ଧା ଶତ ପ୍ରତିଶତ ଚାଉଳ ଭରଣା ହୋଇନଥିବା ବେଳେ ରବି ଧାନକିଣା ସରିବାର ପ୍ରାୟ ମାସାଧିକ ସମୟ ବିତିସାରିଲାଣି। କିନ୍ତୁ ରବି ଧାନ କଷ୍ଟମ ମିଲିଂ ଆରମ୍ଭ ହୋଇନଥିବା ଜଣାପଡ଼ିଛି। କେବେ ଖରିଫ ଭରଣା ହେବ ଓ ତାପରେ ରବି ଚାଉଳ ଭରଣା ହେବ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବଲାଙ୍ଗିର ଜିଲ୍ଲାରେ ଛଅଟି କେନ୍ଦ୍ରୀୟ ପଣ୍ୟାଗାର ରହିଛି ଯେଉଁଠିକି ଉଭୟ ଏଫସିଆଇ ଓ ଆରଆରସି ଚାଉଳ ଗଚ୍ଛିତ ରଖାଯାଇଥାଏ। ବଲାଙ୍ଗିରର ମାଧିଆପାଲି, କଣ୍ଟାବାଞ୍ଜି ଆରଏମସି, ଚାରଭଟାରେ ଥିବା ଗୋଦାମରେ ଉଭୟ ଏଫସିଆଇ ଓ ଆରଆରସି ଚାଉଳ ଗଚ୍ଛିତ ରଖାଯାଉଥିବା ବେଳେ ପାଟଣାଗଡ଼ ଆରଏମସି, ତେବଡାମୁଣ୍ଡା ଓ ମଲମୁଣ୍ଡା ଗୋଦାମରେ କେବଳ ଆରଆରସି ଚାଉଳ ରଖାଯାଇଥାଏ। ତେବେ ଏହି ଛଅଟି ଗୋଦାମର କ୍ଷମତା ଅନୁସାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୬ ପ୍ରତିଶତ ଚାଉଳ ଭର୍ତ୍ତି ହୋଇସାରିଛି। ଆଉ ବଳକା ୩୫ ପ୍ରତିଶତ ଚାଉଳ ହିଁ ରହିପାରିବ। ଏପଟେ ଆହୁରି ଖରିଫ ସମୟର ୨୨ ପ୍ରତିଶତ ଓ ରବିର ଶତ ପ୍ରତିଶତ ଚାଉଳ ମିଲରମାନେ ପ୍ରଦାନ କରିବାର ବାକି ରହିଛି। ଏହି ସବୁ ଭିତରେ ଏତେ ପରିମାଣର ଚାଉଳ ରହିବ କେଉଁଠି ତାକୁ ନେଇ ପ୍ରଶ୍ନ ଉଠିଛି। ଏଫ୍‌ସିଆଇ ଚାଉଳ ଠିକ ଭାବେ ପରିଚାଳନା ହେଉନଥିବାରୁ ଏହିଭଳି ସମସ୍ୟା ଦେଖାଦେଉଥିବା ଜଣାପଡ଼ିଛି। ଏଥିପ୍ରତି ଦୃଷ୍ଟି ଦେଇ ଚାଉଳ ଗଚ୍ଛିତ ରଖିବା ପାଇଁ ଅଧିକ ବ୍ୟବସ୍ଥା କରିବା କିମ୍ବା ଚାଉଳର ସଠିକ ପରିଚାଳନା କରିବାକୁ ଦାବି ହୋଇଛି।

## କାର୍ ଧକ୍କାରେ ୩ ଗୁରୁତର

**କଣ୍ଟାବାଞ୍ଜି, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ତୁଲିଫୁଙ୍କା ଛକ ନିକଟରେ ଗୁରୁବାର କାର୍ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ତୁରେକେଲା ଥାନା ଅନ୍ତର୍ଗତ



ମହଖଣ୍ଡ ଗାଁର ଘୁର୍ଷ ମାହାନନ୍ଦ, ତାଙ୍କ ପୁଅ ଜିତେଶ ମାହାନନ୍ଦ, ଝିଅ ଯଶୋବନ୍ତି ମାହାନନ୍ଦ ବାଇକ୍ ଯୋଗେ ବଙ୍ଗୋମୁଣ୍ଡା ଦେଇ କଣ୍ଟାବାଞ୍ଜି ରେଲବାଇ ଷ୍ଟେସନକୁ ଆସୁଥିବା ବେଳେ ତୁଲିଫୁଙ୍କା ଛକ ଠାରେ କାର୍ ଧକ୍କା ଦେଇ ଫେରାର ମାରିଥିଲା। ରକ୍ତାକ୍ତ ଅବସ୍ଥାରେ ତିନି ଜଣ ରାସ୍ତା କଡରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବଙ୍ଗୋମୁଣ୍ଡା ଅଗ୍ନିଶମ ବାହାନୀକୁ ଖବର ଦେବା ପରେ ଅଗ୍ନିଶମ ବାହାନୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନରେ ଭର୍ତ୍ତି କରାଇଥିଲେ। ଯଶୋବନ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ବେଳେ ଘୁର୍ଷ ମାହାନନ୍ଦ, ତାଙ୍କ ପୁଅ ଜିତେଶ ମାହାନନ୍ଦ ଆହତ ହୋଇଛନ୍ତି। କାର୍ ଧକ୍କା ଦେବା ଫଳରେ ତାଙ୍କ ବାଇକ୍ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଘଟଣା ଅଧିକ ତଦନ୍ତ କରି କାର ଚାଳକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଭାରସାମ୍ୟ ହରାଇ ଯୁବକ ଦୁର୍ଘଟଣାଗ୍ରସ୍ତ

**କଣ୍ଟାବାଞ୍ଜି, ୩୧।୭ (ସମିସ):** ଗୁରୁବାର କଣ୍ଟାବାଞ୍ଜି ଆଲିସାନ ସିନେମାହଲକୁ ଚଳଚ୍ଚିତ୍ର ଦେଖିବାକୁ ନୂଆପଡ଼ା ଜିଲ୍ଲା ତୁକଳା ଗାଁର



ଲାଙ୍କେ ବାଗ, ଶିବରାମ ମେହେର ନାମକ ଦୁଇ ଜଣ ଯୁବକ ଏକ ସ୍କୁଟିରେ ଆସୁଥିବା ସମୟରେ କଣ୍ଟାବାଞ୍ଜି ସହରର ରେଲବାଇ ଫାଟକ ନିକରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ତାଙ୍କ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନ ଆଣିଥିବା ବେଳେ ତାଙ୍କ ଚିକିତ୍ସା ହୋଇଛି।

## ବଙ୍ଗୋମୁଣ୍ଡା ବ୍ଲକ୍‌ରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ବଙ୍ଗୋମୁଣ୍ଡା, ୩୧।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ କରିଛନ୍ତି ବିଧାୟକ। ମୁଖ୍ୟଅତିଥି ଭାବେ ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ବିଭିନ୍ ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ କରିଥିଲେ।ବଙ୍ଗୋମୁଣ୍ଡା ବ୍ଲକର ମୁଣ୍ଡପଦର, ଝରିଆଲ, ଅଲଣ୍ଡା, ସାଲେବରଟ, ଝଲପ, କୁଣ୍ଡାବୁଟୁଲା, ଗୋହିରାପଦର, ଫୁଗୁଡ଼ା, ଶରଧାପୁର ଗାଁରେ ପହଞ୍ଚି ବିଦ୍ୟାଳୟ ଗୁଡିକରେ ବିଶୁଦ୍ଧ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଏବଂ ଗୋଷ୍ଠୀ ଗୃହ ଆଦି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଭୋଲାନାଥ ବେହେରା, ମୁଣ୍ଡପଦର ସରପଞ୍ଚ ରାଧାକାନ୍ତ ବେହେରା, ସମିତି ସଭ୍ୟ ନୀଳକଣ୍ଠ ବାରିକ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଝରିଆଲ ସମିତି ସଭ୍ୟ ରାଜୁ ହାତୀ, ବଙ୍ଗୋମୁଣ୍ଡା ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼, ସାଂସଦ ପ୍ରତିନିଧି ଅନିଲ ନାଏକ, ବିଧାୟକ ପ୍ରତିନିଧି ଯୌବନ ବାଗ, ଅଲଣ୍ଡା ସରପଞ୍ଚ ପ୍ରତିନିଧି ଯୁବରାଜ ବାଗ, ପୂର୍ବତନ ସରପଞ୍ଚ ଅର୍ଜୁନ ଯାଦବ, ଜିଲ୍ଲା ପରିଷଦ ସଦସ୍ୟ ଦାମ ସୁନା, ଝଲପ ସରପଞ୍ଚ ପ୍ରତିନିଧି ଗୋବିନ୍ଦ ପୁଟେଲ, ସମିତି ସଭ୍ୟ ସୁଦାମ ଭୋଇ, ଘନଶ୍ୟାମ ମନହୀରା, ପ୍ରତୀକ ପୁଟେଲ, ହେମନ୍ତ ସାହୁ, ନୌରାଜ ରଣା, ନରସିଂହ ଥନାପତି, ମୂଳକକାର୍ଯ୍ୟର ଶୁଭାରମ୍ଭ କରିଥିଲେ।

## ସିଡିପିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ତୁରେକେଲା, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରତ୍ନାମଣି ବରାଳ ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ୧୯୮୬ ମସିହାରେ ନଭେମ୍ବର ୧୮ ତାରିଖ ରେ ବଙ୍ଗୋମୁଣ୍ଡା ବ୍ଲକରେ ପ୍ରଥମ କରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସୁପରଭାଇଜର ଭାବରେ ଚାରିରେ ଯୋଗ ଦେଇ ସବୁ ବେଳେ ଜଣେ ଦାୟିତ୍ୱବାନ କର୍ମଚାରୀ ଭାବରେ କାର୍ଯ୍ୟକରି ଆସୁଥିଲେ। ୨୦୨୩ ମସିହାରେ ସେ ତୁରେକେଲା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭାବରେ ଯୋଗ ଦେଇଥିଲେ। ସେ ଜଣେ ଦକ୍ଷ ଅଧିକାରୀ ଭାବେ ଅଞ୍ଚଳବାସୀ ଲୋକ ପ୍ରିୟତା ହାସଲ କରିଥିଲେ। ତୁରେକେଲା ବ୍ଲକ ଭଳି ପଛୁଆ ଅଞ୍ଚଳ ରେ ସେ ସବୁ ବେଳେ ତତ୍ପରତ ସିଲ ହୋଇ କାର୍ଯ୍ୟ କରି ସରକାରୀ ସୁବିଧାସୁଯୋଗ ଗର୍ଭବତୀ ଓ ଶିଶୁ ଏବଂ କିଶୋରୀ ପହଞ୍ଚିବାକୁ ପ୍ରୟାସ କରୁଥିଲେ। ଗୁରୁବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରତ୍ନାମଣି ବରାଳ ଚାକିରୀ ଅବସର ଗ୍ରହଣ କରିବା ପରେ ସମସ୍ତ କର୍ମଚାରୀ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଘର ଜଣେ ମୁରବି ଭାବରେ ସବୁ ବେଳେ ଉଚିତ ରାସ୍ତାରେ ଚାଲିବାକୁ ପରାମର୍ଶ ଦେଉଥିଲେ ତୁରେକେଲା ବ୍ଲକର ସମସ୍ତ କର୍ମଚାରୀ ପ୍ରକାଶ କରିଥିଲେ।

## ସଞ୍ଜୟ ଶର୍ମା ବ୍ରାହ୍ମଣ ସମାଜ ନୂତନ ସଭାପତି

**କଣ୍ଟାବାଞ୍ଜି, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ବ୍ରାହ୍ମଣ ସମାଜ ନୂତନ ସଭାପତି ସଞ୍ଜୟ ଶର୍ମା



ନିର୍ବାଚିତ ହୋଇଛନ୍ତି। ବୁଧବାର ନେଇ କଣ୍ଟାବାଞ୍ଜି ଷ୍ଟେଟ ବ୍ୟାଙ୍କ ପଛ ପଟେ ଥିବା ବ୍ରାହ୍ମଣ ସମାଜ ଭବନରେ ନିର୍ବାଚନ ହୋଇଥିଲା। ଏଥିରେ ସଞ୍ଜୟ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିପୁଳ ଭୋଟରେ ପରାସ୍ତ କରି ବିଜୟ ହୋଇଥିଲେ। ଦିର୍ଘ ୨ ବର୍ଷ ଧରି ସଭାପତି ଦାୟିତ୍ୱ ତୁଲାଇବେ ସମାଜ ର ସବୁ କ୍ଷେତ୍ର ରେ କେମିତି ଉନ୍ନତି ହେବ ସେ ନେଇ କାମ କରିବି ଏବଂ ସମସ୍ତ ସଦସ୍ୟଙ୍କ ଏହି ଭଳି ସହଯୋଗ ଆଗାମୀ ଦିନରେ ରହିଥାଉ ବୋଲି ସେ କାମନା କରିଛନ୍ତି।

## ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ବାର୍ଷିକ ସଭା

**ବଲାଙ୍ଗିର, ୩୧।୭ (ସମିସ):** କେନ୍ଦ୍ର ଉପାସନାଳୟ ସ୍ଥିତ ଲାଇବ୍ରେରୀ ହଲ୍‌ରେ ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ବାର୍ଷିକ ସଭା ଆ. ନିମୁଏଲ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଦାୟୀ ସମ୍ପାଦକ କୁଲଦୀପ ବାଗ ଓ କୋଷାଧ୍ୟକ୍ଷ ପ୍ରଫୁଲ୍ଲ ବାରିକ ବିଗତ ଦିନର କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ଉପସ୍ଥିତ ସଭ୍ୟ ସଭ୍ୟାମାନେ ଆଗାମୀ ସମୟରେ ସମାଜ ଓ ମଣ୍ଡଳୀର ଅଭିବୃଦ୍ଧି ନିମନ୍ତେ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ।ଚଳିତ ବର୍ଷ ନିମନ୍ତେ ସଚ୍ଚିଦାନନ୍ଦ ହନୁମାନ ସମ୍ପାଦକ ଓ ହୁସେନ ନାଗ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସଭା ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ସଭାରେ ସେଣ୍ଟ୍ରାଲ ଚର୍ଚ୍ଚ କମିଟିର ସମସ୍ତ ପାଳକ ଓ ମଣ୍ଡଳୀ ତଥା ପାଷ୍ଟୋରେଟ ଗୁଡିକର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ଲୋଇସିଂହା, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲୋଇସିଂହା ଠାରେ ବୁଧବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ବିଭାଗର ବିଜ୍ଞାନ ମେଳାକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବଲାଙ୍ଗିର ଜିଲ୍ଲା ପ୍ରଚାରକ



ଆଲୋକ ପଟେଲ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବରେ ଡାକ୍ତର ଗୌତମ ବିଶ୍ୱାଳ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ ଅତିଥି ପରିଚୟ କରିଥିଲେ।ବିଚାରକ ଭାବରେ ପ୍ରତାପ କୁମାର ବହିଦାର, ନେତ୍ରାନନ୍ଦ ପୁଟେଲ, ଗୋପବନ୍ଧୁ ବଗର୍ତ୍ତୀ ପ୍ରମୁଖ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ସେହିପରି ମୂର୍ତ୍ତିକଳା ପାଇଁ ଲୋଇସିଂହା ଅଞ୍ଚଳର ଖ୍ୟାତନାମା ମୂର୍ତ୍ତି କାରିଗର ଲକ୍ଷ୍ମୀ ପ୍ରସାଦ ରଣା ଏବଂ ଅବସରପ୍ରାପ୍ତ ଶିକ୍ଷକ ଗୌରୀଶଙ୍କର ବେଜ୍ ମୂର୍ତ୍ତିକଳାର ମୂଲ୍ୟାଙ୍କନ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

**ବଙ୍ଗୋମୁଣ୍ଡା, ୩୧।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ବେଲପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୂତନ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ସମର କୁମାର ଜେନାଙ୍କ ନେତୃତ୍ୱରେ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଶ୍ରୀ ମହାପାତ୍ର ଗତ ୩୪ ବର୍ଷ ଧରି ବେଲପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ସଭାରେ ବେଲପଡ଼ା ଗ୍ରାମର ସମସ୍ତ ଅଭିଭାବକ ସହ ଛାତ୍ରଛାତ୍ରୀ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମକୁ ପରିକ୍ରମା ସାରି ପରିଚାଳନା କମିଟିର ସମସ୍ତ ସଦସ୍ୟ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଫୁଲଚନ୍ଦନ ଦେଇ ବନ୍ଧାପନା କରି ବିଦାୟ ଦେଇଥିଲେ। ବିଦାୟ ସମୟରେ ପୁରାତନ ଛାତ୍ରଛାତ୍ରୀ ମଧ୍ୟ ସାମିଲ ହୋଇଥିଲେ।

## ଭାଲୁମୁଣ୍ଡା ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ବୈଠକ

**ବଙ୍ଗୋମୁଣ୍ଡା, ୩୧।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାସ୍କର ଆପଟଙ୍କ ନେତୃତ୍ୱରେ ସ୍କୁଲ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପରିଚାଳନା କମିଟିର ସଭାପତି ପ୍ରଦୀପ ମେହେର, ସଦସ୍ୟ ସାମ୍ବାଦିକ ରାଧେଶ୍ୟାମ ମେହେର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଭାସ୍କର ଆପଟ ସଭା ପରିଚାଳନା କରିଥିବା ବେଳେ ପ୍ରଣୟ ବଲ୍ଲଭ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ବୃକ୍ଷ ରୋପଣ ଓ ମା'କେ ନାମ ପେ ଏକ ପେଡ ବିଷୟରେ ଅଭିଭାବକଙ୍କୁ କହିଥିଲେ। ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାପାଇଁ କହିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରେମଚନ୍ଦଙ୍କ ଜୟନ୍ତୀ

**ବଲାଙ୍ଗିର, ୩୧।୭ (ସମିସ) :** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ହିନ୍ଦୀ (ସମ୍ମାନ) ବିଭାଗ ତରଫରୁ ପ୍ରେମଚନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ପ୍ରେମଚନ୍ଦଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟାପକ ପ୍ରଭଞ୍ଜନ କୁମାର ମିଶ୍ର ନିଜ ବକ୍ତବ୍ୟରେ ପ୍ରେମଚନ୍ଦଙ୍କ କଥା ସାହିତ୍ୟର ଭାବ ଓ ବିଷୟ ଭୂମି ସମ୍ପୂର୍ଣ୍ଣ ମାନବ ଜୀବନକୁ ପରିସର ଭୁକ୍ତ କରିପାରିଥିଲା ବୋଲି କହିବା ସହ ସେଥିରେ ସମାଜର ଗ୍ରାମୀଣ ଚିତ୍ରଣ ବିସ୍ତୃତ ଭାବେ ପରିଲକ୍ଷିତ ହୁଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ଉତ୍ତମ ଭୋଇ ପ୍ରେମଚାନ୍ଦ ସାହିତ୍ୟର ଆଲୋକ ଆଜି ମଧ୍ୟ ସମ୍ପୂର୍ଣ୍ଣ ବିଶ୍ୱ ସାହିତ୍ୟକୁ ଚମକ ପ୍ରଦାନ କରୁଅଛି ବୋଲି କହିବା ସହ ପ୍ରେମଚନ୍ଦଙ୍କ କାହାଣୀମାନ କାଳକୁ ଜୟ କରି ଚାଲିଛି ବୋଲି କହିଥିଲେ। ଅଧ୍ୟାପିକା ଉର୍ମିଳା ମଟ୍ଟାରୀ ଆଧୁନିକ ଭାରତୀୟ ସାହିତ୍ୟକୁ ବିଶେଷ କରି କଥା ସାହିତ୍ୟକୁ ନୂତନ ରୂପ ଦେବାରେ ପ୍ରେମଚନ୍ଦଙ୍କ ଭୂମିକା ଅନନ୍ୟ ବୋଲି କହିଥିଲେ। ଛାତ୍ରୀ ମାନସୀ ସାହୁ ଉପନ୍ୟାସ ଭଳି କାହାଣୀ କ୍ଷେତ୍ରରେ ମଧ୍ୟ ପ୍ରେମଚନ୍ଦ କ୍ରାନ୍ତି ଆଣିଥିଲେ ବୋଲି କହିଥିବା ବେଳେ ଛାତ୍ରୀ ରିତାଞ୍ଜଳୀ କଅଁର ନିଜ ବକ୍ତବ୍ୟରେ ପ୍ରେମଚନ୍ଦ ଚରିତ୍ର ଚିତ୍ରଣର ପ୍ରତ୍ୟେକ ପ୍ରଣାଳୀକୁ ଅବଲମ୍ବନ କରିବାସହ ପ୍ରାୟତଃ ପାତ୍ର-ମୁଖି ସମ୍ବାଦ ମାଧ୍ୟମରେ ତାଙ୍କର ଚାରିତ୍ରିକ ବିଶେଷଣକୁ ଉଦଘାଟନ କରିବାକୁ ଚେଷ୍ଟା କରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୀ (ସମ୍ମାନ) ବିଭାଗର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଣ୍ଟାବାଞ୍ଜି, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଅଶୋକନଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଷଡ଼ଙ୍ଗୀ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଭବ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ନୋଡାଲ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ତୁରେକେଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାର ଗୌରାଙ୍ଗ ପଟେଲ ଯୋଗଦାନ ଦେଇ ଥିବା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ଓ ଜଗବନ୍ଧୁ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ନୋଡାଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସବିତା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର କର୍ମୀ ଦୀନେଶ ମହାନନ୍ଦ ଓ ଶିକ୍ଷୟିତ୍ରୀ ଅଞ୍ଜଳି ମାଝୀ ମଞ୍ଚ ପରିଚାଳନା କରିଥିଲେ। ଜୟନ୍ତୀ ଷଡ଼ଙ୍ଗୀ ୩୮ ବର୍ଷ ଶିକ୍ଷକତା କଲା ପରେ ଅବସର ଗ୍ରହଣ କରିଥିଲେ। ଅବସର ଦିନ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ପେନସନ କାଗଜ ପତ୍ର ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ଲତା ଦାସ, ନିରୁପମା ମିଶ୍ର, ସବିତା ରଣା, ବୀଣାପାଣି ଦାଶ, ଲାବନ୍ୟା ବତୀ ଧରୁଆ, ସଂଘମିତ୍ରା ପାଣିଗ୍ରାହୀ, ଶାନ୍ତି ଲତା ଭୋଇ, ସୁଭାଷିନୀ ମେହେର ଓ ସାଧନ କେନ୍ଦ୍ରର ସମୂହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ।

ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାଙ୍ଗନା ପତି

ଗ୍ରାମ- ସୋଧ, ଦୋବଲ, ଧାମନଗର

ଆବିର୍ଭାବ-୧୭/୮/୧୯୫୩

ତିରୋଧାନ-୨୧/୭/୨୦୨୫

ତୁମ ଅବର୍ତ୍ତମାନରେ ଚାହିଁ ଚାହିଁ ଆଜିକୁ ବାର ଦିନ ହୋଇଗଲା।ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ।ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁ ସମୟରେ ମନେପଡୁଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।

ଶୋକସନ୍ତପ୍ତ: ରମାକାନ୍ତ ପତି ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ ପତି ପରିବାର ବର୍ଗ

## ସଫେଇ ଆପ୍‌ନାଓ ବିମାରି ଭଗାଓ କାର୍ଯ୍ୟକ୍ରମ ଉଦ୍‌ଯାପିତ




**କଣ୍ଟାବାଞ୍ଜି, ୩୧।୭ (ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନ୍‌ଏସି ପକ୍ଷରୁ ଗୁରୁବାର ସଫେଇ ଆପନାଓ ବିମାରି ଭଗାଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଣ୍ଟାବାଞ୍ଜି ସହରର ରାଜୀବ ଛକ ସହ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ କଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସଚେତନ ସଭାର ଆଜୟୋଜନ କରାଯାଇଥଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀତ ଅତିଥି ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ଖାଲକୋ, କାଉନସିଲର ଲଳିତ ଅଗ୍ରୱାଲ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଏମେଇ ଅଶୋକ ପଟ୍ଟନାୟକ ମଞ୍ଚ ପରିଚାଳନା କରୁଥଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗତ ୧ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଦିର୍ଘ ଏକ ମାସ ଧରି ସହରର ସମସ୍ତ ୱାର୍ଡରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିଜେ ସ୍ୱଚ୍ଛତା ରହିବା ସହ ପରିବେଶକୁ ସ୍ୱଚ୍ଛତା ରଖି ସଫେଇ ଆପନାଓ ବିମାରି ଭଗାଓ ଇବାକୁ ଅତିଥି ମାନେ ତାଙ୍କ ଅଭିଭାଷଣ କହିଥିଲେ। ଏହି ଅବସରେ କଣ୍ଟାବାଞ୍ଜି ଡାକ୍ତରଖାନ ମେଡିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରି କଣ୍ଟାବାଞ୍ଜି ଏନ୍‌ଏସିର ସଫେଇ କର୍ମଚାରୀଙ୍କ ସହଯୋଗ ଦେଇଥିବା ସମସ୍ତ ବ୍ୟକ୍ତି ବିଶେଷ ନିଜ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସୂର୍ଯ୍ୟ ପ୍ରତାପ ମିଶ୍ର, ବିକାଶ ତରିଆ, ନିଳକଣ୍ଠ ସତପଥି, ବିଜେପି ନେତା ବେଦବ୍ୟାସ ନାଗ, ପପୁ ଜୁଏଡ, ସହ ଏନଏସିର ସମସ୍ତ କର୍ମଚାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## କର୍ମକ୍ଷେତ୍ରରେ ଯୌନ ଶୋଷଣ ସମ୍ପର୍କିତ କର୍ମଶାଳା

**ବଲାଙ୍ଗିର, ୩୧।୭ (ସମିସ):** ମହିଳାମାନେ ଆମ ସମାଜର ସଂରକ୍ଷକ। ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ବଳିଷ୍ଠ ଯୋଗଦାନ ହିଁ କୌଣସି ସମାଜର ଭୂୟୋବିକାଶର ପ୍ରଥମ ସୋପାନ। ଏଥିରେ



ବ୍ୟତିକ୍ରମ କିନ୍ତୁ ଗ୍ରହଣୀୟ ନୁହେଁ। ତାଙ୍କୁ ବିଭିନ୍ନ ଅନାଚାରରୁ ରକ୍ଷା କରିବା ସଭ୍ୟ ସମାଜର ଦାୟିତ୍ୱ। ଏ ନେଇ ଏକ କର୍ମଶାଳା ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଆଇସିସି ବା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଚେୟାରମ୍ୟାନ ଡ.ଅର୍ପିତା ବେହେରାଙ୍କ ଆହ୍ୱାନକ୍ରମେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଶୋଷଣର ପ୍ରତିବିଧାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡଃ ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବା ବେଳେ ଡିଏସପି ମୁଖ୍ୟବକ୍ତା ଏବଂ ଆଇସିସି ପ୍ରୀଜାଇଡିଂ ଅଫିସର ଭାରତୀ ନାଏକ ବିଶିଷ୍ଟ ବକ୍ତା ଭାବରେ ଯୋଗଦାନ କରିଥିଲେ। ବିଶେଷକରି ଛାତ୍ରୀ ତଥା କର୍ମଜୀବୀ ମହିଳାଙ୍କ ପ୍ରତି ଘଟୁଥିବା ଯୌନ ଶୋଷଣର ସଜ୍ଞା ନିରୂପଣ କରିଥିଲେ। ଏ ନେଇ ପ୍ରଚଳିତ ଆଇନର କାର୍ଯ୍ୟକାରିତା ତଥା ବିଭିନ୍ନ ଦଣ୍ଡବିଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳାରେ ବହୁସଂଖ୍ୟାରେ ଛାତ୍ରୀମାନେ ଉପସ୍ଥିତ ରହି ଥିବା ବେଳେ ଅଧ୍ୟାପକ ଅଧ୍ୟାପିକାମାନେସହଯୋଗ କରିଥିଲେ। ଉପରୋକ୍ତ କର୍ମଶାଳାକୁ ରତିକାନ୍ତ ନାଏକ ସଂଯୋଜନା କରିଥିବା ବେଳେ ସଂଯୁକ୍ତା କୁମାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିତ୍ତିଭୂମି ନ ଥାଇ ୟୁଏଏସ୍ ବ୍ୟବସ୍ଥାକୁ ବିରୋଧ



**ଲାଞ୍ଜିଗଡ଼, ୩୧।୭ (ସମିସ):** ଲାଞ୍ଜିଗଡ଼ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁବାର ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନ ଥାଇ ୟୁଏଏସ୍ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି ଲାଞ୍ଜିଗଡ଼ ମିଳିତ ପ୍ରାଥମିକ ଶିକ୍ଷକ ସଂଘ କହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଲବ ଦୁର୍ଗା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାନେତ୍ରି ଅର୍ଚ୍ଚନା ମିଶ୍ର, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତି, ଅନିଲ ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଏମ୍. ଏସ୍. ଶେଖର, ମନୋଜ ମହାଖୁଡ, ଏକ୍ସ କାଡ଼ର୍ ସଭାପତି ପଞ୍ଚାନନ୍ ନାଗ, ଏକ୍ସ କାଡ଼ର୍ ସମ୍ପାଦକ ଗିରିଧାରୀ ଗୌଡ, ବରିଷ୍ଠ ଶିକ୍ଷକ ତପନ ଭୋଇ, ମହେଶ୍ୱର ନାୟକ, ଦିବାକର ବିଭାର, ଜଳନ୍ଧର ମାଝୀ, ରାଘବ ଗହିର, ସୌଭାଗ୍ୟ ସାହୁ, ପ୍ରକାଶ ପ୍ରଧାନ, ଚନ୍ଦନ ସାହୁ, ନରୋତ୍ତମ ନାଗ, ଦେବାଶିଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଥୁଆମୂଳ ରାମପୁର, ୩୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପବିତ୍ର ନାଏକ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଥୁଆମୂଳ ସରପଞ୍ଚ ବଳଭଦ୍ର ଯାନୀ ପ୍ରମୁଖ ଯୋଗ ଦେଇଥିଲେ। ୨୮୧ ଜଣ ଭିନ୍ନକ୍ଷମ ଏହି ଶିବିରରେ ପଞ୍ଜିକରଣ କରିଥିଲେ। ବସ୍ ଏବଂ ଟ୍ରେନ ପାସ୍ ପାଇଁ ୭୫ ଜଣ ଆବେଦନ କରିଛନ୍ତି। ଆବାସ ଯୋଜନାରେ ୧୦ ଜଣ ଆବେଦନ କରିଥିଲେ। ମଧୁବାବୁ(ଭିନ୍ନକ୍ଷମ) ପେନସନ ପାଇଁ ୨୪ ଜଣ ଆବେଦନ କରିଛନ୍ତି। ୩ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ଏବଂ ଜଣକୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି। ଡା. ଅଶ୍ୱିନୀ ସାହୁ, ଡା. ପ୍ରବୀଣ ସାହୁ, ଡା. ବିଶ୍ୱ ବିଜୟ ସୌମ୍ୟ ରଞ୍ଜନ ସାହୁ, ଡା. ନିବେଦିତା ମହାରଣା, ଆରାଧନା ବେଉରା, ନିବେଶ ଚନ୍ଦ୍ର ସାହୁ, ଲକ୍ଷପତି ପୁଝରି, ଆଶୁତୋଷ ପ୍ରଧାନ, ରାଜଶ୍ରୀ ପ୍ରିୟଦର୍ଶିନୀ, ସମ୍ବିତ ସ୍ୱରୂପ ପଣ୍ଡା, ରୋହିତ ଗଉଡ଼ ପ୍ରମୁଖ ଭିନ୍ନକ୍ଷମ ଚିହ୍ନଟ କରିଥିଲେ।



## ବଡ଼ପୋଡ଼ାଗୁଡ଼ା ସ୍କୁଲ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**କୋକସରା, ୩୧।୭ (ସମିସ)**

ଦୀର୍ଘ ବର୍ଷ ହେବ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୟନୀୟ ଅବସ୍ଥାରେ ରହିଛି। ଏହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ କୋକସରା ବିଡ଼ିଓ ଏବଂ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିଥିବା ପାଇଁ ଚେତାବନୀ ଦେଇଛନ୍ତି।

ଏହି ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ଜମି ବିବାଦ କାରଣରୁ ନୂତନ ଶ୍ରେଣୀ କୋଠା ନିର୍ମାଣ ହେବାରେ ବାଧା ଉପୁଜୁଛି। ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଗତବର୍ଷ ସ୍କୁଲ ଗେଟ୍ ଆଗରେ ତାଲା ପକାଇ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଇଥିଲା। ସେହି ସମୟରେ କୋକସରା ତତ୍କାଳୀନ ବିଡ଼ିଓ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଆଜି ଯାଏଁ କୌଣସି ସମାଧାନ ହୋଇ ପାରିନାହିଁ। ଏହା ଫଳରେ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରେଣୀ କୋଠରୀରେ ଅଧ୍ୟୟନ କରି ଆସୁଛନ୍ତି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏନେଇ କୋକସରା ବିଡିଓ ହିମାଞ୍ଚଳ ମାଝୀଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତାହେ ମଧ୍ୟରେ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପରିଚାଳନା କମିଟିର ଅଧ୍ୟକ୍ଷ ଯୁବରାଜ ପ୍ରଧାନୀ, ନରହରି ସୁନା, ରୋମାଞ୍ଚଳ ବାଗ, କ୍ଷିତିରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



# ରାସ୍ତାପାର୍ଶ୍ୱ ଶୁଖିଲା ଗଛ ପଡ଼ି ବାଇକ୍ ଆରୋହୀ ଗୁରୁତର

**ଲାଞ୍ଜିଗଡ଼, ୩୧।୭ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼-ପୋଖରୀବନ୍ଧ ରାସ୍ତାର ଟାଙ୍ଗନକଣାରେ ଗୁରୁବାର ଅଘଟଣ ଘଟିଛି। ଜଣେ ବ୍ୟକ୍ତିଙ୍କ ଉପରେ ଶୁଖିଲା ଗଛ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଜମେଶ ଚନ୍ଦ୍ର ସାହୁ। ସେ ବାଇକ୍‌ରେ ଲାଞ୍ଜିଗଡ଼ରୁ ବିଶ୍ୱନାଥପୁର ଅଭିମୁଖେ ଯାଉଥଲେ। ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛଟି ହଠାତ ତାଙ୍କ ଉପରେ ପଡ଼ିଯାଇଥିଲା। ଜମେଶ ନିଜ ବାଇକରୁ ଛିଟିକି ପଡ଼ିଥଲେ। ତାଙ୍କ ହାତ ଓ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



# ନରସିଂହପୁରରେ ମନ୍ଦିର ପାଇଁ ଭୂମିପୂଜା

**ମନମୁଣ୍ଡା/ଶଗଡା, ୩୧।୭ (ସମିସ):** କନ୍ଧମାଳ ବ୍ଲକ ବିଲାସପୁର ପଞ୍ଚାୟତ ନରସିଂହପୁର ଗ୍ରାମରେ ଶିବ, ରାମ, ରାଧାକୃଷ୍ଣଙ୍କ ତିନୋଟି ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିପିଓ ସୁଧୀର ମିଶ୍ରଙ୍କ ନେତୃତ୍ୱ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ବ୍ରାହ୍ମଣ ବେଦବ୍ୟାସ ମିଶ୍ର ଏବଂ ଟଙ୍କଧର ମିଶ୍ର ଭୂମିପୂଜା କରିଥିବାବେଳେ ସୁଧୀର ମିଶ୍ର ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳି ମିଶ୍ର କର୍ତ୍ତା ଥିଲେ। ଏହି ଅବସରରେ ସେଠାରେ ଭଜନ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଜୟଦୁର୍ଗା ୟୁଥ୍ କ୍ଲବ୍‌ର ସଭାପତି କୃଷ୍ଣ ଖଣ୍ଡଗିରିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ, ଗ୍ରାମବାସୀ, ପାଣ୍ଡିରିପଡ଼ା ରାମଜୀ ମଠର ମହନ୍ତ ଗୋବର୍ଦ୍ଧନ ଓ ତାଙ୍କ ଶିଷ୍ୟଗଣ, ଧୁବେଇ ଦନ୍ତା, ବିଭୀଷଣ ମେଣ୍ଡିଲି, ମଙ୍ଗଲୁ ବାରିକ, ଦୁର୍ଯ୍ୟୋଧନ ମେଣ୍ଡିଲୀ, ସୁଦାମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳାହାଣ୍ଡି ଲେଖିକା ସଂଘର 'ଶ୍ରାବଣୀ' କାବ୍ୟୋତ୍ସବ

**ଭବାନୀପାଟଣା, ୩୧।୭ (ସମିସ):** କଳାହାଣ୍ଡି ଲେଖିକା ସଂଘର 'ଶ୍ରାବଣୀ' କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଲେଖିକା ମୀନା ମୁଣ୍ଡ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସଂଘରେ ଯୋଗଦାନ କରିଥିବା ନୂତନ ସଦସ୍ୟା କବି ବିଳାସିନୀ ମହାପାତ୍ର, ନିରୂପମା ମହାନ୍ତି, ସ୍ମୃତିରେଖା ପଣ୍ଡା ଏବଂ ମମତା ସାହୁ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀମତୀ ସୁଦେଷ୍ଣା ପଣ୍ଡାଙ୍କ ସ୍ୱାଗତ ଅଭିଭାଷଣ ପରେ ସମ୍ପାଦିକା କଳ୍ପନା ରଥ ପରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କଣ୍ଠଶିଳ୍ପୀ ସସ୍ମିତା ରଥ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି ମିନତି ପ୍ରଧାନଙ୍କ ସଂଯୋଜନାରେ କବି ସବିତା ଶତପଥୀ, ପ୍ରମୋଦିନୀ ମହାପାତ୍ର, ଅନୀତା ମୁଣ୍ଡ, ଭାରତୀ ହୋତା, ଝରଣା ପାଢ଼ୀ, କବିତା ମୁଣ୍ଡ, କବିତାଞ୍ଜଳି ପଣ୍ଡା, କଳ୍ପନା ରଥ, ମମତା ପଟ୍ଟନାୟକ, ମମତା ସାହୁ, ମଞ୍ଜୁରାଣୀ ରଥ, ମୀନା ମୁଣ୍ଡ, ମିନତି ପ୍ରଧାନ, ନାହେଦା ଶାହୀନ, ନିରୂପମା ମହାନ୍ତି, ପଦ୍ମିନୀ ବେହେରା, ପ୍ରମୋଦିନୀ ପଣ୍ଡା, ପ୍ରତୀଭା ମିଶ୍ର, ରଶ୍ମିରାଣୀ ରଥ, ସସ୍ମିତା ସାହୁ, ସ୍ମୃତିରେଖା ପଣ୍ଡା, ଶୁଭ୍ରା ପଟ୍ଟନାୟକ, ସୁବ୍ରତା ମହାପାତ୍ର, ସୁଚିସ୍ମିତା ରଥ, ସୁମତି ମୁଣ୍ଡ, ସୁଜାତା ଠାକୁର, ନିବେଦିତା ମହାନ୍ତି, ସ୍ୱର୍ଣ୍ଣକାନ୍ତି ବୈକାର, ବିଳାସିନୀ ମହାପାତ୍ର, ବନଶ୍ରୀ ଦାସ, ଅର୍ଚ୍ଚନା ମିଶ୍ର, ମନୋରମା ପାତ୍ର, ସବିତା ଦାସ, ସ୍ନେହଲତା ଷଡଙ୍ଗୀ, ସୁଦେଷ୍ଣା ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଗାଳ୍ପିକା ତପସ୍ୱିନୀ ପଣ୍ଡାଙ୍କ ଗଳ୍ପ 'ଶାଶ୍ୱତ ପ୍ରେମ' ଗଳ୍ପଟି ସଭିଙ୍କ ହୃଦୟ ଜିଣିଥିଲା। କବି ବନଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ କବି ସବିତା ଶତପଥୀ ଗୁଗୁଲ ମିଟ୍ ସହାୟତା କରିଥିଲେ। କବି ସ୍ନେହଲତା ଷଡଙ୍ଗୀ ପ୍ରାରମ୍ଭରେ ବ୍ରହ୍ମନାଦ ଏବଂ ଗଣେଶ ବନ୍ଦନା ଗାନ କରିଥିଲେ। କବି ଅନୀତା ମୁଣ୍ଡ ଶେଷରେ ଶାନ୍ତି ପାଠ ଏବଂ ବନ୍ଦେମାତରଂ ଗାନ କରିଥିଲେ।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଲାଞ୍ଜିଗଡ଼, ୩୧।୭ (ସମିସ):** ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ଗୋଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୀନା ଦାସ୍, ସୁରେଖା ମହାନ୍ତି, ଗ୍ରୁମିତ୍ କର୍, ଦାଶରଥି ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ମୁର୍ଷୁଣ୍ଡି ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ସୁବଳୟା, ୩୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଗୁରୁବାର ଚାକିରି ରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶ୍ରୀ କର୍ମୀଙ୍କୁ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ବରିହା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସଭାପତିତ୍ୱ କରିବା ସହିତ ପ୍ରଧାନଶିକ୍ଷକଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଲବକୁମାର ସାହୁ ପ୍ରଧାନ ଶିକ୍ଷକଙ୍କ ବିଦ୍ୟାଳୟରେ ଭିତ୍ତିଭୂମିର ସହଯୋଗ ରହିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା କମିଟିର ସଭାପତି ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷକ ସମେତ ଅନ୍ୟ ଅତିଥି ପ୍ରଧାନ ଶିକ୍ଷକଙ୍କ ଛାତ୍ର ବାତ୍ସଲତା ଏବଂ ସମୟାନୁବର୍ତ୍ତିତା ବିଷୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ପରିଶେଷରେ ସହକାରୀ ଶିକ୍ଷକ ମନୋଜ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



# ହରଭଙ୍ଗା ବ୍ଲକ୍‌ରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ

**ବୌଦ୍ଧ, ୩୧।୭ (ସମିସ):** ଜିଲ୍ଲା ସମଗ୍ର ଶିକ୍ଷା ବୌଦ୍ଧ କାର୍ଯ୍ୟାଳୟ ଆନୁକୂଲ୍ୟରେ ହରଭଙ୍ଗା ବ୍ଲକ ଚାରିଛକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟତା ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆର୍ନ୍ତନିବେଶି ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠି ସନମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅଲିମକ ଭୁବନେଶ୍ୱର, ମହାନଦୀ ନେତ୍ର ଚିକିତ୍ସା ଲୟ ପଣ୍ଡାପାଲି ବିରାମହାରାଜପୁର ତଥା ଡ଼ିଇଆଇସି ବୌଦ୍ଧରୁ ଅଭିଜ୍ଞ ବିଶେଷଜ୍ଞମାନେ ଆସି ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ଚଳନ ବାଧିତ, ପାଦବଙ୍କା, ଦୃଷ୍ଟି ବାଧିତ, ଶ୍ରବଣ ଓ ବାକ୍ ଶକ୍ତି, ବାଧିତ ତଥା ମାନସିକ ନ୍ୟୁନତା ବର୍ଗର ୯୭ଜନଛାତ୍ର ଛାତ୍ରୀଙ୍କୁ ଯଥାକ୍ରମେ ଆବଶ୍ୟକତା ଅନୁସାରେ ଟ୍ରାଏ ସାଇକେଲ, ହୁଇଲ ଚେୟାର କମତ ହୁଇଲ ଚେୟାର, ଆଶାବାଡି ଡ଼ିଏଲଏମ କୀଟ ଓ ବ୍ରେକଲି କୀଟ ଆଦି ବିତରଣ କରାଗଲା। ସେହିପରି ଅଭିଜ୍ଞା ବିଶେଷଜ୍ଞାମାନେ ଉପାରିକ୍ତ ବର୍ଗର ୧୦୦ଜଣ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପରକ୍ଷା କରି ଆବଶ୍ୟକୀୟ ଉପକରଣ ଯୋଗାଇଦେବା ପାଇଁ ସୁପାରିଶ କରିଛନ୍ତି। ଶିବିରକୁ ହରଭଙ୍ଗା ବ୍ଲକର ସମ୍ବଳ କର୍ମୀ ରଜତ କୁମାର ପ୍ରଧାନ ଓ ରତ୍ନାକର ଦାଶ ତଥା ଆନ୍ତନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ରାମଚନ୍ଦ୍ର ପୁରୋହିତ, ସୁଶ୍ରୀ ମିନତୀ ପ୍ରଧାନ ପରିଚାଳନା କରିଥିଲେ। ଶିବିର ଏବିଓ କାର୍ତ୍ତିକ ନାୟକ ବିସିକେଶନ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



# ଶିକ୍ଷକଙ୍କୁ ବିଦୟକାଳୀନ ସମ୍ବର୍ଦ୍ଧନା

**ଜୟପାଟଣା, ୩୧।୭ (ସମିସ):** ରଣମାଳ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପର୍ଶୁରାମ ବାଗଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ବାଗ ୧୯୮୮ ମସିହାରେ ଏହି ବିଦ୍ୟାଳୟରେ ଯୋଗ ଦେଇଥିଲେ। ୩୬ ବର୍ଷ ୧୧ ମାସ ଧରି ସେ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ। ଏହାସହ ନିଜର ସହକାରୀ ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ




**କେସିଙ୍ଗା, ୩୧।୭ (ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ବୈଠକ ଓ ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମୀର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଶିବପ୍ରସାଦ ବେହେରା, କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ଅଭୟ ଦେବତା, କେସିଙ୍ଗା ବନାଞ୍ଚଳ ସୁରକ୍ଷା କର୍ମୀ ଧନଞ୍ଜୟ ନିଆଲ୍, ସିଆର୍‌ସିସି. ଚନ୍ଦ୍ରଧ୍ୱଜ ନାଗ ଯୋଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶିକ୍ଷକ ଜି. କ୍ରିଷ୍ଣା ରେଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ହେମନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

**କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧**

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

## ଯୌନ ନିର୍ଯାତନା, ଏସ୍‌ସି, ଏସ୍‌ଟି ଅତ୍ୟାଚାର ନିବାରଣ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କୁ ଆଇନ ଉପରେ ସଚେତନ କଲେ ଜେଏମ୍‌ଏଫ୍‌ସି


**ଥୁଆମୂଳ ରାମପୁର, ୩୧।୭ (ସମିସ)**

ଥୁଆମୂଳ ରାମପୁର ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଯୌନ ନିର୍ଯାତନା ସୁରକ୍ଷା ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା, ତଫସିଲଭୁକ୍ତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳ ରାମପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଏମ୍‌ଏଫ୍‌ସି ବିଚାରପତି ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସେ ଏନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦେବଦତ୍ତ ଯୋଷୀ, ଆଇନଜୀବୀ ଦିଲ୍ଲୀପ ନାଏକ ଏବଂ ଆଇନଜୀବୀ ପ୍ରିୟଙ୍କା ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କିତ ବିଷୟରେ ସଚେତନ କରିଥିଲେ। ଯୌନ ଉତ୍ପୀଡନ ଆଇନ-୨୦୧୩ ଓ ଏସ୍‌ସି, ଏସ୍‌ଟି ଉପରେ ଜାତିଆଣ ଭାବ ତଥା ଅତ୍ୟାଚାର ନିବାରଣ ଆଇନରେ ଥିବା ବିଭିନ୍ନ ପ୍ରକାରର ଧାରା, ଯୌନ ନିର୍ଯାତନାର ପ୍ରକାର ଭେଦ, ଯୌନ ନିର୍ଯାତନାର ପ୍ରଭାବ, ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦାୟିତ୍ୱ ଏବଂ ଦଣ୍ଡ ବିଧାନ ବ୍ୟବସ୍ଥା ଉପରେ ବିଚାରପତି ବୁଝାଇଥିଲେ। ବିଭିନ୍ନ ପ୍ରକାର ଉପାୟ ଓ ଢଙ୍ଗରେ ନିଜର ଯୌନ ସମ୍ପର୍କିତ ଆଚରଣ ଜଣଙ୍କ ଇଚ୍ଛା ବିରୋଧରେ ବାରମ୍ବାର ତାଙ୍କ ସମ୍ମୁଖରେ ପ୍ରଦର୍ଶନ କରି ତାଙ୍କୁ ଅଯଥା ହଇରାଣ ହରକତ କରିବାର ଅର୍ଥ ହେଉଛି ତାଙ୍କୁ ଯୌନ ଉତ୍ପୀଡ଼ନ ଦେବା। ଜଣକ ଇଚ୍ଛା ବିରୋଧରେ ବା ତାଙ୍କ ପ୍ରତିବାଦ ସତ୍ତ୍ୱେ ତାଙ୍କ ଆଡ଼କୁ ବାରମ୍ବାର ଯୌନ ସମ୍ପର୍କିତ ପ୍ରସ୍ତାବ ଧରି ଅଗ୍ରସର ହେବା, ତାଙ୍କଠାରୁ ଯୌନ ସମ୍ପର୍କିତ ସାହାଯ୍ୟ ବା ସହଯୋଗ ମାଗିବା, ବାଚନିକ ସ୍ତରରେ ଯୌନ ସମ୍ପର୍କିତ କଥା ତାଙ୍କ ସହ ଆଲୋଚନା କରିବା ବା ଶାରୀରିକ ସମ୍ପର୍କ ରକ୍ଷା ପାଇଁ ଅନୁରୋଧ ଜଣାଇବା ଇତ୍ୟାଦି ହେଉଛି ଯୌନ ଉତ୍ପୀଡ଼ନର ପରିସରଭୁକ୍ତ। ଯଦି ଏଭଳି କୌଣସି ପରିସ୍ଥିତି ସୃଷ୍ଟି ହୁଏ ତେବେ ଏହା ବିରୋଧରେ କେଉଁ ଭଳି ପଦକ୍ଷେପ ନିଆଯାଇ ପାରିବ ଏବଂ ଏହାକୁ ରୋକିବା ପାଇଁ କ'ଣ କରିବା ଉଚିତ୍ ଓ କ'ଣ ନ କରିବା ଉଚିତ ସେ ନେଇ ବିଚାରପତି ବିସ୍ତୃତ ଭାବରେ ବୁଝାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତାଲୁକ ଆଇନ୍ ସେବା ସମିତିର ସଭ୍ୟା ସରୋଜିନୀ ମାଝୀ, ସମାଜସେବୀ ସୁଦର୍ଶନ ନାଏକ ଏବଂ ସବ୍ ଇନ୍‌ସପେକ୍ଟର ପ୍ରହ୍ଲାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅଧ୍ୟାପକ ସରୋଜ ପାଟଯୋଷୀ ମଞ୍ଚ ପରିଚାଳନା କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।

-ଭିକ୍ଟର ହ୍ୟୁଗୋ

## ଇନ୍ଧନ-କୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ବାଣିଜ୍ୟ ଏବଂ ଭୂ-ରାଜନୀତିର କେନ୍ଦ୍ରରେ ଆଧିପତ୍ୟ ବିସ୍ତାର କରି ଚାଲିଛି ଜୀବାଶ୍ମ ଇନ୍ଧନ। ଏଥିପାଇଁ ଉପସାଗରୀୟ ଉତ୍ତେଜନା ଓ ଅସ୍ଥିରତା ଲାଗି ରହିଛି ଏବଂ ଏକାଧିକ ଗୋଳାବାରୁଦ ଯୁଦ୍ଧ ମଧ୍ୟ ସଂଘଟିତ ହୋଇଛି। ଏହି ପୃଷ୍ଠଭୂମିରେ ରୁଷ୍‌ରୁ ସର୍ବାଧିକ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ଉପରେ ଟ୍ରମ୍ପଙ୍କ ଆକ୍ରୋଶରେ ପଛରେ ଅଧିକ କାରଣ ଖୋଜିବାର ଆବଶ୍ୟକତା ନାହିଁ। ଯଦି ବିଶ୍ୱରେ ନିକଟ ଭବିଷ୍ୟତରେ କୌଣସି ବଡ଼ ଧରଣର ଯୁଦ୍ଧ ସଂଘଟିତ ହୁଏ ତେବେ ଜୀବାଶ୍ମ ଇନ୍ଧନ ପ୍ରମୁଖ କାରକ ହେବ ଏବଂ ଏଥିରେ ଆମେରିକାର ହିଁ ବଡ଼ ଭୂମିକା ରହିବ, ଏହାକୁ ଅସ୍ୱୀକାର କରିହେବ ନାହିଁ। ବିଗତ ଶତାବ୍ଦୀର ନବେଦଶକରୁ ଆରମ୍ଭ ହୋଇଥିବା ଆମେରିକାର ଇନ୍ଧନ-କୂଟ ଇରାକ୍ ଉପରେ ଗୁଳିଗୋଳା ଓ କ୍ଷେପଣାସ୍ତ୍ର ଆକ୍ରମଣର ରୂପ ନେଇଥିବା ବେଳେ ଚଳିତ ଶତାବ୍ଦୀରେ ତାରିଫ୍-ଯୁଦ୍ଧରେ ପରିବର୍ତ୍ତିତ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ରୂପେ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ଆମେରିକାର ଇନ୍ଧନ-କୂଟ ଆହୁରି ଆକ୍ରମଣାତ୍ମକ ଓ ନିର୍ଣ୍ଣାୟକ ହେଉଥିବା ଦେଖାଯାଉଛି।

ସୋଭିଏତ୍ ସଂଘର ପତନ ପରେ ଆମେରିକା ବିଶ୍ୱର ସର୍ବଶକ୍ତିମାନ ଅପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିଥିଲା। କିନ୍ତୁ ଭ୍ଲାଦିମାର ପୁଟିନ୍‌ଙ୍କ ନେତୃତ୍ୱରେ ରୁଷ୍ ପୁଣି ନିଜକୁ ବିଶ୍ୱ ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବା ସହିତ ଆମେରିକାର ସ୍ୱପ୍ନ ଅଧୁରା ରହିଗଲା। କୂଟନୈତିକ ପରାଜୟ ପରେ ଆମେରିକା ଏବେ ଅର୍ଥନୈତିକ କଟକଣା କୌଶଳ ରୁଷ୍ ବିରୋଧରେ ପ୍ରୟୋଗ କରି ଭୂରାଜନୀତିକୁ ପ୍ରଭାବିତ କରିବାକୁ ଚାହୁଁଛି। ଆମେରିକାର ଏହି ପରିବର୍ତ୍ତିତ ରୁଷ୍ ବିରୋଧୀ ରଣକୌଶଳରେ ୟୁକ୍ରେନ୍ ଅଜାଣତରେ ମୋହରା ହୋଇସାରିଛି। କିନ୍ତୁ ରୁଷ୍‌ର ଅର୍ଥନୀତି ଉପରେ ଏହାର ବିଶେଷ ପ୍ରଭାବ ପଡ଼ି ନଥିବା ଅନୁମାନ କରିବା ପରେ ଆମେରିକା ଇନ୍ଧନ-କୂଟ ପାଞ୍ଚିଛି ଏବଂ ରୁଷ୍‌ରୁ ଇନ୍ଧନ ନ କିଣିବା ପାଇଁ ଭାରତ, ଚୀନ୍, ୟୁରୋପ ସମେତ ଅନ୍ୟାନ୍ୟ ରାଷ୍ଟ୍ରଙ୍କୁ ଉଚ୍ଚା ତାରିଫ୍ ଚେତାବନୀ ଦେଇଛି।

ରୁଷ-ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ରୁଷ୍‌ରୁ ଭାରତର ତୈଳ ଆମଦାନୀ ସେତେ ଅଧିକ ନଥିଲା। ରୁଷ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘର କଟକଣା ପରେ ରୁଷ୍ ତୈଳ ରପ୍ତାନୀରେ ଯେଉଁ ରିହାତି ଘୋଷଣା କଲା ତାହାର ସବୁଠାରୁ ବଡ଼ ହିତାଧିକାରୀ ହେଲା ଚିରବନ୍ଧୁ ରାଷ୍ଟ୍ର ଭାରତ। ଏବେ ରୁଷ୍‌ର ମୋଟ ଇନ୍ଧନ ରପ୍ତାନୀର ସର୍ବାଧିକ ଅଂଶ ଭାରତକୁ ଯାଉଥିବା ବେଳେ ଭାରତର ମୋଟ ଇନ୍ଧନ ଚାହିଦାର ୪୦% ରୁଷ୍‌ରୁ ଆସୁଛି। ସେହିପରି ରୁଷ୍ ପ୍ରାକୃତିକ ବାଷ୍ପର ସବୁଠାରୁ ବଡ଼ ବଜାର କିଛିମାସ ପୂର୍ବରୁ ଥିଲା ୟୁରୋପୀୟ ରାଷ୍ଟ୍ର ସଂଘ। କିନ୍ତୁ ଟ୍ରମ୍ପ ଦ୍ୱିତୀୟ ବାର କ୍ଷମତାକୁ ଆସିବାର ପ୍ରଥମ ଦିନ ହିଁ ଆମେରିକାରେ ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ତୋଳନରେ ଥିବା କଟକଣାକୁ ହଟାଇଦେଲେ। ପ୍ୟାରିସ୍ ରାଜିନାମାରୁ ଓହରି ଆସିଥିବାରୁ ଆମେରିକା ପାଇଁ ଏ କ୍ଷେତ୍ରରେ ଆଉ କୌଣସି ଅଙ୍କୁଶ ରହିଲା ନାହିଁ। ଏହାପଛରେ ଟ୍ରମ୍ପଙ୍କ ଏକମାତ୍ର ଉଦ୍ଦେଶ୍ୟ ଥିଲା ରୁଷ୍‌ର ବିଶ୍ୱ ତୈଳ ବଜାର ଅଂଶକୁ ଦଖଲ କରି ତା'ର ଅର୍ଥନୀତିକୁ ଦୁର୍ବଳ କରିବା।

ପ୍ରାଥମିକ ପର୍ଯ୍ୟାୟରେ ୟୁକ୍ରେନ୍ ଦେଇ ୟୁରୋପକୁ ଯାଇଥିବା ରୁଷ୍‌ର ପ୍ରାକୃତିକ ବାଷ୍ପ ଯୋଗାଣ ପାଇପ୍‌ଲାଇନ୍‌କୁ ବନ୍ଦ କରିବା ପାଇଁ ୟୁକ୍ରେନ୍ ଉପରେ ଟ୍ରମ୍ପ ଚାପ ସୃଷ୍ଟି କରି ସଫଳ ହେବା ପରେ ରୁଷ୍‌ରୁ ତୈଳ ଆମଦାନୀ କରୁଥିବା ୟୁରୋପୀୟ ରାଷ୍ଟ୍ରମାନଙ୍କୁ ତାରିଫ୍ ଧମକ ଦେଲେ। ଇତିମଧ୍ୟରେ ୟୁରୋପୀୟ ରାଷ୍ଟ୍ରସଂଘକୁ ରୁଷ୍‌ର ପ୍ରାକୃତିକ ବାଷ୍ପ ରପ୍ତାନୀରେ ୮୦% ହ୍ରାସ ଘଟିଥିବା ବେଳେ ବ୍ରିଟେନ୍ ସମେତ ୟୁରୋପୀୟ ରାଷ୍ଟ୍ରସଂଘର ଇନ୍ଧନ ବଜାର ସିଧାସଳଖ ଆମେରିକା ହାତକୁ ଚାଲିଯାଇଛି। ଆମେରିକା ଚାପରେ ଆଉ କେତେକ ଅଣ-ୟୁରୋପୀୟ ରାଷ୍ଟ୍ର ମଧ୍ୟ ରୁଷ୍‌ରୁ ତୈଳ ଆମଦାନୀ କାଣ୍ଟଛାଣ୍ଟ କରିଛନ୍ତି। କିନ୍ତୁ କଟକଣା ଚେତାବନୀ ଚୀନ୍ ଓ ଭାରତ ଉପରେ କୌଣସି ପ୍ରଭାବ ପକାଇ ପାରୁ ନଥିବା ଉପଲବ୍ଧି କରିବା ପରେ ଟ୍ରମ୍ପ ଏହି ଦୁଇ ରାଷ୍ଟ୍ର ବିରୋଧରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ତାରିଫ୍ ଲାଗୁ କରିବାକୁ ଘୋଷଣା ମଧ୍ୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଟ୍ରମ୍ପ ଚୀନ୍ ସହିତ ସାଲିସ୍ କରିଥିବା ବେଳେ ଭାରତ ବିରୋଧରେ ମାତ୍ରାଧିକ ପ୍ରତିଶୋଧ ପରାୟଣ ହୋଇପଡ଼ିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ବେଳେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)' ନୀତି ଆଳରେ ରୁଷ୍ ବଦଳରେ ଆମେରିକାରୁ ପ୍ରତିରକ୍ଷା ଉପକରଣ ଓ ଇନ୍ଧନ କିଣିବା ପାଇଁ ଟ୍ରମ୍ପ ଭାରତ ଉପରେ ଏକପ୍ରକାର ଚାପ ସୃଷ୍ଟି କରିଥିଲେ। କିନ୍ତୁ ଏଥିରେ ଭାରତ ବିଶେଷ ପ୍ରଭାବିତ ହୋଇନଥିବା ଏବଂ ରୁଷ୍‌ରୁ ଭାରତର ତୈଳ ଆମଦାନୀ ହ୍ରାସ ପାଇନଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇ ନିର୍ଦ୍ଧାରିତ ରାଜିନାମା ତାରିଖ ପୂର୍ବରୁ ହିଁ ଏକତରଫା ଭାବେ ବର୍ଦ୍ଧିତ ଶୁଳ୍କ ଲାଗୁ କରିବା ସହିତ ଅତିରିକ୍ତ ଜୋରିମାନା କଷିବାକୁ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଇନ୍ଧନ-କୂଟରେ ଏବେ ଭାରତର ଚିରଶତ୍ରୁ ପାକିସ୍ତାନ ଆଉ ଏକ ମୋହରା ହୋଇଛି। ଏକପକ୍ଷରେ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ୨୫% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ପାକିସ୍ତାନର ତୈଳ ଉତ୍ତୋଳନ, ଭଣ୍ଡାରଣ ଓ ରପ୍ତାନୀ ପାଇଁ ଅକୁଣ୍ଠ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏପରିକି ପାକିସ୍ତାନକୁ ତୈଳ ରପ୍ତାନୀକାରୀ ରାଷ୍ଟ୍ର ଭଳି ସ୍ତରକୁ ଉନ୍ନୀତ କରିବା ପାଇଁ ଟ୍ରମ୍ପ ଏକ ଅବାନ୍ତର ଘୋଷଣା ମଧ୍ୟ କରିବାକୁ ପଛାଇ ନାହାନ୍ତି।

ରୁଷ୍‌ରୁ ପ୍ରାକୃତିକ ବାଷ୍ପ ଆମଦାନୀ ବନ୍ଦ ହେବା ପରେ ରୁଷ୍‌ର ବାଣିଜ୍ୟ ଅର୍ଥନୀତି ସ୍ୱାଭାବିକ ଭାବେ ପ୍ରଭାବିତ ହୋଇଛି। ତା'ସହିତ ନରୱେ ଓ ଆମେରିକା କମ୍ପାନୀଙ୍କ ଏକଚାଟିଆ କାରବାରର ସିଧାସଳଖ ପ୍ରଭାବ ୟୁରୋପୀୟ ଅର୍ଥନୀତି ଉପରେ ପଡ଼ିଛି। ଗତ ୨୯ ତାରିଖରେ ପ୍ରକାଶିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍' ରିପୋର୍ଟରେ ଆଇଏମ୍‌ଏଫ୍ ଦର୍ଶାଇଛି ଯେ ଟ୍ରମ୍ପଙ୍କ ତାରିଫ୍ ଅଭିମୁଖ୍ୟ ଯୋଗୁଁ ୟୁରୋପୀୟ ସଂଘର ଅଭିବୃଦ୍ଧି ହାର ଗୁରୁତର ପ୍ରଭାବିତ ହେବ। ଆମେରିକାର ଏକଚାଟିଆ କାରବାରରେ ପ୍ରାକୃତିକ ବାଷ୍ପ ମୂଲ୍ୟ ମହଙ୍ଗା ହେଲେ ତାହାର ପରୋକ୍ଷ ଓ ପ୍ରତିକୂଳ ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ୍ୟ ପଡ଼ିବ। ୟୁରିଆ ଉତ୍ପାଦନରେ ପ୍ରାକୃତିକ ବାଷ୍ପର ଏକ ପ୍ରମୁଖ ଅବଦାନ ଥିବାରୁ ସାର ଦର ବଢ଼ିବ ଏବଂ କୃଷି ଉତ୍ପାଦ ଆହୁରି ମହଙ୍ଗା ହେବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ପରି କୃଷିପ୍ରଧାନ ଦେଶର କୃଷିବଜାର ଉପରେ ପଡ଼ିବ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ଓ ବଜାର ଆହୁରି ମହଙ୍ଗା ହେବ।

ଅପରପକ୍ଷରେ ଟ୍ରମ୍ପଙ୍କ ଇନ୍ଧନ-କୂଟରେ ସବୁଠାରୁ ଉପକୃତ ହେବ ଆମେରିକା ଅର୍ଥନୀତି। ୨୦୧୬ ପର୍ଯ୍ୟନ୍ତ ପ୍ରାକୃତିକ ବାଷ୍ପ ପାଇଁ ଆମଦାନୀ ଉପରେ ନିର୍ଭରଶୀଳ ଥିବା ଏହି ରାଷ୍ଟ୍ର ସେଲ୍‌ଫ ଫୁଏଲ୍ ଉତ୍ତୋଳନରେ ସଫଳ ହେବା ପରେ ଏବେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବାଷ୍ପ ରପ୍ତାନିକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଦେବାଳିଆ ହୋଇଯାଇଥିବା ଆମେରିକାର ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କ ପାଇଁ ଟ୍ରମ୍ପଙ୍କ ଇନ୍ଧନ-କୂଟ ଏକପ୍ରକାର ବରଦାନ ସାବ୍ୟସ୍ତ ହୋଇଛି। ବିଶ୍ୱ ଇନ୍ଧନ ବଜାରରୁ ରୁଷ୍‌କୁ ଦୀର୍ଘସମୟ ପର୍ଯ୍ୟନ୍ତ ହଟାଇ ଆମେରିକା ଏକଚାଟିଆ ଅଧିକାର ସହିତ ୟୁରୋପକୁ ବଶମ୍ବଦ କରି ରଖିବାର ଯୋଜନା ମଧ୍ୟ ଟ୍ରମ୍ପ କରିଛନ୍ତି। ସର୍ବୋପରି ଇନ୍ଧନ-କୂଟ ଜରିଆରେ ଟ୍ରମ୍ପ ବିଶ୍ୱ ଭୂରାଜନୀତି ଏବଂ କୃଷି-ବାଣିଜ୍ୟ-ଅର୍ଥନୀତିକୁ କରାୟତ୍ତ କରି 'ମାଗା'କୁ ସଫଳ କରିବାର ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛନ୍ତି।

## ବୃକ୍ଷ, ବିପ୍ଳାତ ଓ ଜୀବନ

**ଅନନ୍ତ ସାହୁ**

ପ୍ରତିବର୍ଷ ଜୁନ ୫ ତାରିଖରେ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ। ଏହିଦିନରେ ଅନେକ ଆତ୍ମଘୋଷିତ ବୃକ୍ଷପ୍ରେମୀ, ସ୍ୱେଚ୍ଛାସେବୀ, ସମାଜସେବୀ, ରାଜନେତା ଓ ପରିବେଶବିତ୍‌ମାନଙ୍କର ଆବିର୍ଭାବ ହୁଏ। ପୂର୍ବପ୍ରସ୍ତୁତି ଅନୁସାରେ କିଛି ସ୍ଥାନ ଚିହ୍ନଟ କରି ଗଛ ଲଗାଯିବା ସହ ଚାଲେ ଫଟୋଉଠା ପ୍ରତିଯୋଗିତା। ସେଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଏ। ଏହା ସହ ଶେଷ ହୁଏ ପରିବେଶ ଦିବସ। ପରେ ସେ ସ୍ଥାନରେ ଲାଗିଥିବା ଗଛ ମଲା କି ବଞ୍ଚିଲା ତା'କୁ ଦେଖିବାକୁ ଆଖି ଯାଏନି। ପରିବେଶ ଦିବସ କହିଲେ ଏହା ବୁଝାଯାଏ କି? ଦେଖିଲେ ଲାଗେ ଏହା ଏକ ପ୍ରହସନ! ଗଛ ଲଗାଯାଏ, ପରେ ତା'କୁ ବଳି ପକାଯାଏ। ଗୋଟିଏ ଦିନ ପରିବେଶ ଦିବସ ନାମରେ ପରିବେଶ କଥା ଚିନ୍ତାକରି ସବୁଦିନ ତା'ର ବସ୍ତ୍ରହରଣ କରାଯାଉଛି।

ପ୍ରକୃତି ଓ ପରିବେଶ ମଣିଷକୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁକିଛି ଯୋଗାଇଛି। ଜୀବନ ଜିଇଁବାର ରାହା ଦେଖାଇଛି। କିନ୍ତୁ ତା'କୁ ଛଳ ଓ କପଟତା ସହ ଧ୍ୱଂସ କରିବାରେ ସମାଜ ମାତିଛି। ଗଛ ପ୍ରତିମୁହୂର୍ତ୍ତରେ ମଣିଷକୁ ଅମୃତ ସ୍ୱରୂପ ଅମ୍ଳଜାନ ଯୋଗାଇଥାଏ ଏବଂ ବିଷ ରୂପକ ଅଙ୍ଗାରକାମ୍ଳ ଶୋଷିନିଏ। ଏହାର ପ୍ରତିବଦଳରେ ବୃକ୍ଷ ପାଉଛି କ'ଣ?

କୁହାଯାଏ ଗୋଟିଏ ଗୋଟିଏ ବିନ୍ଦୁ ମିଶି ସିନ୍ଧୁରେ ପରିଣତ ହୁଏ। ଯାହାକୁ ପ୍ରମାଣିତ କରିଛି ୧୨ ବର୍ଷ ବୟସର ଜଣେ କୁନି ଝିଅ। ରାଜସ୍ଥାନର ଏକ ଛୋଟ ଗାଁ ରାମଗଡ଼। ଯେଉଁଠି ତାପମାତ୍ରା ସାଧାରଣତଃ ୪୫ ଡିଗ୍ରୀ ଉପରେ ଥାଏ। ପ୍ରଥମେ ଦେଖିଲେ, ଏହା ସାଧରଣତଃ ମରୁଭୂମି ଭଳି ଲାଗିପାରେ। ଯେଉଁଠି ଦୂର ଦୂର ପର୍ଯ୍ୟନ୍ତ ଖାଲି ମାଟିଘର ଏବଂ ଏକର ଏକର ଶୁଖିଲା ଜମି। ଯେତେବେଳେ କୁନିଝିଅଟି ଜାଣିଲା ଯେ ସେ ପଢୁଥିବା ବିଦ୍ୟାଳୟ ପାଖରେ ଥିବା ନିମ ଓ ପିପ୍ପଳ ଗଛ ଧୀରେ ଧୀରେ ଶୁଖିଯାଉଛି, ସେ ଅଞ୍ଚଳର ମାଟି ଫାଟି ଯାଉଛି ଏବଂ ଗଛରେ ବସାବାନ୍ଧିଥିବା ପକ୍ଷୀ ସବୁ ଦୂର ସ୍ଥାନକୁ ଉଡ଼ିବାକୁ ଆରମ୍ଭ କଲେଣି, ସେ ଓ ତା'ର ସହପାଠୀ କିଛି କରିବା ପାଇଁ ଚିନ୍ତାକଲେ। ସେମାନେ ତାଙ୍କର ବିଜ୍ଞାନ ଶିକ୍ଷକଙ୍କ ସହଯୋଗରେ ଏକ 'ଗ୍ରୀନ କ୍ଲବ' ଗଠନ କରି ପ୍ରତିଦିନ ବିଦ୍ୟାଳୟ ପାଠପଢ଼ା ସରିବା ପରେ ଚାରାରୋପଣ କରୁଥିଲେ। ସେମାନେ ବର୍ଷାଜଳ ସଂଗ୍ରହ କରିବା ସହ ଘରର ବଳକା ପଦାର୍ଥରେ ଖତ ପ୍ରସ୍ତୁତ କରି ଚାରାମୂଳରେ ଦେଉଥିଲେ। ପିଲାଙ୍କ ଏ ଭଳି ପ୍ରୟାସ ଦେଖି ଗ୍ରାମର ବୟସ୍କ ଲୋକମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଜାଳେଣି କାଠ ବ୍ୟବହାର କରୁଥିବା ଗ୍ରାମବାସୀ ପ୍ରତିଜ୍ଞା କରିଛନ୍ତି ଅତ୍ୟାବଶ୍ୟକ ଭାବେ ଗଛ କାଟିବେ ନାହିଁ। ଏହାର ଫଳସ୍ୱରୂପ ସେ ଅଞ୍ଚଳ ଆଜି ମରୁଭୂମିରୁ ଏକ ସବୁଜ ଜଙ୍ଗଲରେ ପରିବର୍ତ୍ତନ ହୋଇଛି। ସେଠାରେ ପଶୁପକ୍ଷୀ ସ୍ୱଚ୍ଛନ୍ଦରେ ରହୁଛନ୍ତି। ଏହାଠାରୁ ବଡ଼ ଉପଲବ୍ଧି ଆଉ କ'ଣ ହୋଇପାରେ!

ବିଡ଼ମ୍ବନା ଆଜିର ସମାଜ ବୃକ୍ଷକୁ ବିଭିନ୍ନ ଆଳ ଦେଖାଇ କାଟି କୁଟି ନଷ୍ଟ କରିବାରେ ମାତିଛି। ସମ୍ପ୍ରତି ଯେଉଁମାତ୍ରାରେ ବୃକ୍ଷ ଓ ଜଙ୍ଗଲ କଟାଯାଉଛି, ସେହି ଅନୁପାତରେ ଚାରାରୋପଣ ହେଉନାହିଁ। ବୃକ୍ଷ ସ୍ଥାନାନ୍ତରଣ ପାଇଁ ବିକଳ୍ପ ଥାଇ ମଧ୍ୟ କୋଠାବାଡ଼ି ଓ ରାସ୍ତା ନିର୍ମାଣ ସମୟରେ ଗଛକୁ ହସି ହସି କାଟିଦିଆଯାଏ। ଅନ୍ୟପକ୍ଷେ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ମନଇଚ୍ଛା ଗଛ କଟାଯାଏ। ବହୁ ସମୟରେ ଶିଳ୍ପ ଓ କଳକାରଖାନା ନିର୍ମାଣ ସହ ବିକାଶର ଗୋଲାପୀ ଚିତ୍ର ଦେଖାଇ ଅନେକ ଜଙ୍ଗଲ ନଷ୍ଟ କରାଯାଏ। ଏହାସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ଅନେକ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କୁ ବାସହରା କରିଦିଆଯାଉଛି। ଜୀବଜନ୍ତୁମାନଙ୍କୁ ଶିକାର କରିବା ପାଇଁ ମନୁଷ୍ୟକୃତ ନିଆଁ ଏବଂ ଗ୍ରୀଷ୍ମପ୍ରବାହ କାରଣରୁ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ିଜଳି ପାଉଁଶ ହୋଇଯାଏ। ସେହିଭଳି ବନ୍ୟା ଓ ବାତ୍ୟାରେ ମଧ୍ୟ ଅନେକ ବୃକ୍ଷ ଓ ଜଙ୍ଗଲ ନଷ୍ଟ ହୋଇଯାଏ।

ସାମ୍ପ୍ରତିକ ଅତ୍ୟଧିକ ଜଙ୍ଗଲ କ୍ଷୟ ଯୋଗୁଁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆ ଆୟତନ ସଦୃଶ୍ୟ ଜଙ୍ଗଲ ହରାଇ ବସୁଛି। ଏହିଧାରା ଯଦି ଜାରି ରହିବ ତେବେ ଆଗାମୀ ୮୦ ବର୍ଷ ପରେ ଆମ ସବୁଜଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କିଛିଦିନ ତଳେ ପ୍ରକାଶିତ 'ଗ୍ଲୋବାଲ ଫରେଷ୍ଟ ୱାଚ୍ ସର୍ଭେ'ର ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଭାରତ ୧୮ ହଜାର ୨୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଛି ଏବଂ ୨୦୨୩ ମସିହାରେ ୧୭ ହଜାର ୭୦୦ ହେକ୍ଟର ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ଅଦ୍ୟାବଧି ଦେଶରେ ୨.୩୧ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏହା ମଧ୍ୟରେ ୨୦୦୨ ରୁ ୨୦୨୪ ମଧ୍ୟରେ ଦେଶରେ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ନଷ୍ଟ ହୋଇଛି। ସରକାରଙ୍କ ତଥ୍ୟ ଅନୁଯାୟୀ ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ସଡ଼କ ନିର୍ମାଣ ଏବଂ ସମ୍ପ୍ରସାରଣ ପାଇଁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହାର ସଂଖ୍ୟା ଅଧିକ ହୋଇପାରେ। ସେହିଭଳି ଗ୍ରୀଷ୍ମ ପ୍ରବାହ ଓ ବନାଗ୍ନି କାରଣରୁ ଓଡ଼ିଶାରେ ସର୍ବାଧିକ ବର୍ଷକୁ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଏ। ଏକ ତଥ୍ୟ ଅନୁଯାୟୀ ଜଙ୍ଗଲ ନିଆଁ ଯୋଗୁଁ ଓଡ଼ିଶାର ୧୮୦ ବର୍ଗ କି.ମି ଜଙ୍ଗଲ ନଷ୍ଟ ହୋଇସାରିଛି। ସେହିଭଳି ଜଙ୍ଗଲ ଜମି ଜବରଦଖଲରେ ମଧ୍ୟ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ରାଜ୍ୟସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ୪୦ ହଜାର ୫୦୭.୫୬ ହେକ୍ଟର ଜଙ୍ଗଲ ଜମି ଜବରଦଖଲ କରାଯାଇଛି।

ସାଧାରଣ ଭାବେ ଗୋଟିଏ ମଣିଷ ବଞ୍ଚିବା ପାଇଁ ଦୈନିକ ୫୫୦ ଲିଟର ଅମ୍ଳଜାନ ଆବଶ୍ୟକ, ଯାହାକି ଡାକ୍ତରଖାନାର ତିନୋଟି ଅମ୍ଳଜାନ ସିଲିଣ୍ଡର ଥଳି ସହ ସମାନ। ଏହାକୁ ଉତ୍ପାଦନ କରନ୍ତି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଦୁଇଟି ଗଛ। ଗୋଟିଏ ବିଶାଳ ବରଗଛ ବର୍ଷକୁ ପାଖାପାଖି ୨ ହଜାର ୭ଶହ କିଲୋଗ୍ରାମ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ ଏବଂ ୫୦ କିଲୋଗ୍ରାମ ଅଙ୍ଗାରକାମ୍ଳ ଟାଣିନିଏ। ସେହିପରି ଅଶ୍ୱତ୍ଥ ଗଛର ବିଶେଷତ୍ୱ ହେଲା ଦିବାରାତ୍ର୨୪ ଘଣ୍ଟା ଅମ୍ଳଜାନ ବାୟୁମଣ୍ଡଳକୁ ଯୋଗାଏ। ଅନୁରୂପ ଭାବେ ନିମ୍ବ, ବାଉଁଶ, ଅର୍ଜୁନ ଓ ବେଲ ଗଛ ମଧ୍ୟ ଦିବାରାତ୍ର ଅମ୍ଳଜାନ ନିର୍ଗମନ କରିଥା'ନ୍ତି। ଏକ ରିପୋର୍ଟ ଅନୁସାରେ ଏକ ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ୫ ଟନ୍ ସବୁଜବାଷ୍ପ ଶୋଷଣ କରେ ଏବଂ ୪ ଟନ୍ ଅମ୍ଳଜାନ ନିର୍ଗମନ୍ କରେ, ଯାହା ୧୮ ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ। ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ବୃକ୍ଷ ଏବେ ବିଲୁପ୍ତ ଅବସ୍ଥାରେ। ତଥ୍ୟକୁହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି - ବିକାଶ, ବନାଗ୍ନି ଓ ବାତ୍ୟା।

ଏ ସବୁ ମଧ୍ୟରେ କିଛିମାସ ତଳେ ସାମାଜିକ ଗଣମାଧ୍ୟମରେ ଛାଇଯାଇଥିଲା ଏକ ହୃଦୟ ବିଦାରକ ଭିଡିଓ, ଯେଉଁଥିରେ ତେଲେଙ୍ଗାନାର ହାଇଦ୍ରାବାଦ ସହରର ଏକ ବିଶ୍ୱବିଦ୍ୟାଳୟ ପରିସରରେ ଆଇଟି ପାର୍କ ନାମରେ ରାତିଅଧିଆ କଟାଯାଉଥିଲା ୪୦୦ ଏକର ଜଙ୍ଗଲ, ଯେଉଁଥିରେ ଥିଲେ ଅନେକ ହରିଣ, ମୟୂର, ହାତୀ ଓ ବାନର ଭଳି ଅନେକ ନିରୀହ ଜୀବଜନ୍ତୁ। ଶେଷରେ ଛାତ୍ରମାନଙ୍କ ଆନ୍ଦୋଳନ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ତାହା ବନ୍ଦ ହୋଇଥିଲା। ଏହାକୁ ଲକ୍ଷ୍ୟ କଲେ ମନକୁ ଆସେ ୧୭୩୦ ମସିହାର ଗୋଟିଏ ଶବ୍ଦ 'କଟା ବୃକ୍ଷଠୁ କଟା ମୁଣ୍ଡ ଶସ୍ତା'। ଏହାଥିଲା ରାଜସ୍ଥାନର ବିଷ୍ଣୋଇ ସମୁଦାୟର ସଦସ୍ୟ ଅମୃତାଦେବୀଙ୍କର। ଏକ ଖେଜରି ଗଛକୁ ବଞ୍ଚାଇବାକୁ ଯାଇ ଅମୃତା ଦେବୀଙ୍କ ସହ ପ୍ରାୟ ୩୬୩ ଜଣ ପୁରୁଷ, ମହିଳା ଓ ଶିଶୁ କୁରାଢ଼ି ଆଗରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଘଟଣା ପ୍ରକୃତି ଓ ପରିବେଶକୁ ବଞ୍ଚାଇବା ପାଇଁ ବିଷ୍ଣୋଇ ସମୁଦାୟର ଉଚ୍ଚବିଚାରକୁ ଦର୍ଶାଏ। ୧୯୭୦ ମସିହାର ଚିପକୋ ଆନ୍ଦୋଳନକୁ ଏହା ମଧ୍ୟ ପ୍ରେରିତ କରିଥିଲା, ଯାହା ଖେଜରୀ ଗଣହତ୍ୟାର ପ୍ରାୟ ୨୪୫ ବର୍ଷ ପରେ ହୋଇଥିଲା।

ବୃକ୍ଷ କାଟିବା ଏବଂ ଜଙ୍ଗଲ ନଷ୍ଟ କରିବା ମଣିଷ ପାଇଁ କିଞ୍ଚିତ ମାତ୍ର ହୋଇଥାଇପାରେ। ହେଲେ ଏହାର ଫଳାଫଳ ଭବିଷ୍ୟତରେ ଭୟାବହ ହୋବକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ। ଏଥିରୁ କେବଳ ସମାଜକୁ ବୁଝିବାକୁ ପଡ଼ିବ ଗଛ ଓ ଜଙ୍ଗଲ ବଞ୍ଚିଲେ ସମଗ୍ର ମାନବ ସମାଜ ତିଷ୍ଠି ରହିବ। କିଛିଟା ସ୍ୱାର୍ଥ ଓ ଲାଳସା ଭଳି ହୀନ ମାନସିକତାରୁ ଦୂରେଇ ରହି ଚାରାରୋପଣ କରିବା ସହ ବୃକ୍ଷମାନଙ୍କୁ ସୁରକ୍ଷା ଦେବା ଏବଂ ସମଗ୍ର ମଣିଷ ସମାଜ ଓ ଜୀବଜଗତକୁ ଧ୍ୱଂସ ହେବାରୁ ବଞ୍ଚାଇବା। ନଚେତ୍ ସମୟ ଆସିବ ଯେଉଁ ବୃକ୍ଷଠାରୁ ଆମେ ଅମ୍ଳଜାନ ବୁନ୍ଦାଏ ପାଇ ବଞ୍ଚିଛେ, ସେହି ବୃକ୍ଷ ହିଁ ମାନବ ସମାଜର ବିନାଶର କାରଣ ପାଲଟିଯିବ।

ଇଟାମାଟି(ନୟାଗଡ଼),
ମୋ: ୬୩୭୨୫୯୪୦୪୧

## ବିଶ୍ୱାସରେ ସଙ୍କଟ!

**ଅଶୋକ ମହାରଣା**

ରୋମ ସମ୍ରାଟ ଡାଇନୋସିୟସ ସମୟରେ ଦୁଇ ବନ୍ଧୁ ଡାମନ ଓ ବିଥିୟସଙ୍କ ମଧ୍ୟରେ ଥିଲା ଅଭେଦ୍ୟ ବନ୍ଧୁତା। କୌଣସି କାରଣରୁ ସମ୍ରାଟ ଡାଇନୋସିୟସ ଡାମନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରନ୍ତି। ଡାମନ ଦୁଃଖରେ ମ୍ରିୟମାଣ ହୋଇପଡ଼ନ୍ତି ଏହି କାରଣରୁ ଯେ ସେ ଫାଶୀ ପାଇବେ, କିନ୍ତୁ ପରିବାରବର୍ଗ ଜାଣିପାରିବେ ନାହିଁ। ଡାମନ ସମ୍ରାଟଙ୍କୁ ଅନୁନୟ କରନ୍ତି ତାଙ୍କୁ ସାତ ଦିନ ସମୟ ଦେବା ପାଇଁ, ଯାହା ଫଳରେ ସେ ପରିବାରବର୍ଗଙ୍କୁ ସେ ବିଷୟରେ ଜଣାଇ ପାରିବେ। ଡାଇନୋସିୟସ ଗୋଟିଏ ସର୍ତ୍ତରେ ଡାମନ୍‌ଙ୍କୁ ଅନୁମତି ଦିଅନ୍ତି। ସେ ସର୍ତ୍ତଟି ହେଲା ଯଦି ଆଉଜଣେ ବ୍ୟକ୍ତି ଡାମନ୍‌ଙ୍କ ବଦଳରେ କାରାଗାରରେ ରହିବେ। ଯଦି ଡାମନ୍ ନ ଫେରନ୍ତି ସେହି ପ୍ରତିନିଧି ପ୍ରାଣଦଣ୍ଡ ଭୋଗିବେ। କିଏ ସେହି ବନ୍ଧୁ, ଯିଏ ଜାଣି ଜାଣି ନିଜ ମୃତ୍ୟୁଦଣ୍ଡକୁ ସ୍ୱୀକାର କରିନେବ? କିନ୍ତୁ ଡାମନ୍‌ଙ୍କ ପ୍ରତିନିଧି ଭାବେ କାରାଗାରରେ ରହିବା ପାଇଁ ବିଥିୟସ ଆଗେଇ ଆସିଲେ।

ଇତିମଧ୍ୟରେ ସାତଦିନ ବିତି ଯାଇଛି, କିନ୍ତୁ ଡାମନ ଫେରିବାର କୌଣସି ସୂଚନା ନାହିଁ। ରାଜାଙ୍କ ସର୍ତ୍ତ ଅନୁସାରେ ବିଥିୟସଙ୍କୁ ଫାଶୀଖୁଣ୍ଟ ପାଖକୁ ନିଆଯାଇଛି। ମୁହଁରେ କଳାକପଡ଼ା ବାନ୍ଧିବା ପୂର୍ବରୁ ତାଙ୍କୁ ଚିରାଚରିତ ଯେତେବେଳେ ପଚରାଯାଇଛି 'ତୁମର ଶେଷ ଇଚ୍ଛା କ'ଣ?' ବିଥିୟସ କିଛି ଉତ୍ତର ନ ଦେଇ କେବଳ ଅଶ୍ରୁ ବିସର୍ଜନ କରିଛନ୍ତି। ରାଜା ହସିହସି କହିଛନ୍ତି, 'ହେ ମୂଢ଼! ତୁମେ କ'ଣ ଜାଣି ନଥିଲ ଯେ ଫାଶୀଦଣ୍ଡ ପାଇଥିବା ଜଣେ ବ୍ୟକ୍ତି କେବେ ମଧ୍ୟ ଫେରିଆସିବ ନାହିଁ? ଏଭଳି ବିଶ୍ୱାସ କରିବା ମସ୍ତବଡ଼ ଭୁଲ। ଏବେ କାନ୍ଦିଲେ କ'ଣ ମୁକ୍ତି ପାଇଯିବ?' ବିଥିୟସ ସ୍ମିତ ହସି ଉତ୍ତର ଦେଲେ, 'ହେ ରାଜନ! ମୋର ଏ ଅଶ୍ରୁଧାର ଭଗବାନଙ୍କ ନିକଟରେ କୃତଜ୍ଞତା ପାଇଁ। ସେ ମୋର ପ୍ରାର୍ଥନା ଶୁଣିଛନ୍ତି ଯେ ଆଜି ମୋ ଜୀବନ ପାଇଁ ମୋ ବନ୍ଧୁର ଜୀବନ ରକ୍ଷା ହୋଇପାରୁଛି। ଭଗବାନ ମୋତେ ଆଶୀର୍ବାଦ କରିଛନ୍ତି।' ଏହି ସମୟରେ ଦୂରରୁ କେହି ଜଣେ ଦୌଡ଼ି ଦୌଡ଼ି ଆସୁଥିବାର ଦେଖିବାକୁ ମିଳିଲା। ସେ ବ୍ୟକ୍ତିଜଣକ 'ଫାଶୀ ବନ୍ଦ କର' ବୋଲି ଚିତ୍କାର କରୁଥିଲେ। ସେ ବ୍ୟକ୍ତିଜଣକ ଥିଲେ ଡାମନ୍। କିଛି ସମୟ ପରେ ଫାଶୀ ଖୁଣ୍ଟ ନିକଟରେ ପହଞ୍ଚି ଡାମନ୍ କହିଲେ, 'ହେ ଭଗବାନ! ଆପଣ କେତେ ମହାନ। ଟିକିଏ ବିଳମ୍ବ ହୋଇ ଯାଇଥିଲେ ମୋର ବନ୍ଧୁର ଜୀବନ ଚାଲି ଯାଇଥା'ନ୍ତା।' ସମ୍ରାଟ ଡାଇନିଓସିସ ହତଚକିତ। ଏଭଳି ବନ୍ଧୁତାକୁ ଦେଖି ତାଙ୍କ ଆଖିରେ ବି ଲୋତକର ଧାର। ତାଙ୍କ ମୁଖରୁ ବାହାରି ଆସିଛି - 'ଏଭଳି ବନ୍ଧୁତା ଓ ବିଶ୍ୱାସ ବିଶ୍ୱରେ ବିରଳ। ଡାମନ ତୁମକୁ ମୁଁ ମୁକ୍ତି କରିଦେଉଛି। ଏବେ ମୁଁ ହେଉଛି ତୁମର ତୃତୀୟ ବନ୍ଧୁ। ମୋତେ ତୁମେ ବନ୍ଧୁ ଭାବରେ ଗ୍ରହଣ କର।'

ସେକସପିୟରଙ୍କ ଜୁଲିୟସ ସିଜର ନାଟକ ବିଶ୍ୱାସରେ ପଡ଼ିଥିବା କଳଙ୍କିତ ଛିଟାକୁ ପ୍ରତିବେଦନ କରେ। ଏକଛତ୍ରବାଦୀ ହେଲେ ମଧ୍ୟ ଜୁଲିୟସ ସିଜର ଥିଲେ ସୁଶାସକ। ତାଙ୍କୁ ଷଡ଼ଯନ୍ତ୍ର କରି ରାସ୍ତାରୁ ହଟାଇବା ପାଇଁ ପ୍ରିୟବନ୍ଧୁ ବ୍ରୁଟସଙ୍କ ସାହାରା ନିଆଗଲା। ସିଜରଙ୍କୁ ସଂସଦ ଭିତରକୁ ଛଳନାରେ ନିଆଯାଇ ହତ୍ୟା କରିବା ପାଇଁ ସିନେଟରମାନେ ଯେତେବେଳେ ଛୁରିକା ଘାତ କଲେ, ସିଜର ଚିତ୍କାର କଲେ 'ବ୍ରୁଟସ ମୋର ବନ୍ଧୁ ମୋତେ ରକ୍ଷାକର!' ସିଜର ପଛକୁ ଫେରିଚାହିଁବା ବେଳକୁ ବ୍ରୁଟସଙ୍କ ହାତରେ ମଧ୍ୟ ଥିଲା ଛୁରୀ। ସ୍ତବ୍ଧ ହୋଇଗଲେ ସିଜର। କହିଲେ, 'ଶେଷରେ ତୁମେ ବି ବ୍ରୁଟସ! ଦୁଇ ଘଟଣା ମଧ୍ୟରେ ସାମଞ୍ଜସ୍ୟ ଥାଇ ନ ପାରେ। କିନ୍ତୁ ଗୋଟିଏ ମାତ୍ର ନିର୍ଣ୍ଣାୟକ ସତ୍ୟ ବିଶ୍ୱାସରେ ସଙ୍କଟ।

ଆଜି ମଣିଷ ମଣିଷକୁ ବିଶ୍ୱାସ କରିବାକୁ ପଶ୍ଚାତପଦ। କିନ୍ତୁ କାହିଁକି ଏବଂ କ'ଣ ପାଇଁ, ତା'ର ଉତ୍ତର ଅନେକ। ଦୁଇଟି ଘଟଣା ମାନବ-ମାନବ ଭିତରେ ଥିବା ବିଶ୍ୱାସର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସତରେ ମଣିଷ କେତେ ଅସହାୟ ହୋଇପଡ଼ିଛି। ବିଶ୍ୱାସ ଗୋଟିଏ ଏମିତି ଛୋଟ ଶବ୍ଦ, ଯାହାକୁ ପଢ଼ିବାକୁ ଲାଗେ ଗୋଟେ ମିନିଟ, ଭାବିବାକୁ କିଛି ସମୟ, ବୁଝେଇବାକୁ କିଛି ଦିନ ଏବଂ ପାଳନ କରିବାକୁ ସାରାଜୀବନ। ବିଶ୍ୱାସ ଏବେ ସଙ୍କଟରେ। ପୃଥିବୀ ପୃଷ୍ଠରେ ଅସଂଖ୍ୟ ଶକ୍ତି ମନୁଷ୍ୟକୁ କବଳିତ କରି ରଖିଛି। ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ବିଜ୍ଞାନର ଅବଦାନ। ବିଜ୍ଞାନ କିନ୍ତୁ ଆମକୁ ଭୟଭୀତ କରାଉଛି। ଫଳରେ ମାନବ-ମାନବ ଭିତରେ ସମ୍ପର୍କ ସ୍ଥାୟୀ ହୋଇ ରହୁନାହିଁ।

ବିଶ୍ୱାସ ଏକ ସ୍ୱତଃପ୍ରବୃତ୍ତ ଚିନ୍ତନ। ଶିଶୁଟିଏ ଜନ୍ମ ଗ୍ରହଣ କଲେ ଚିତ୍କାର କରି କାନ୍ଦେ। ତା'ର କାନ୍ଦ ହେଉଛି ବିଶ୍ୱାସ। ଅସଚେତନ ଥିଲେ ମଧ୍ୟ ତା'ର ବିଶ୍ୱାସ ଯେ ମୋର କ୍ରନ୍ଦନ ଶୁଣିବାକୁ ମାଆ ସଚେତନ ଅଛି। ସେହି ବିଶ୍ୱାସ ହିଁ ଜୀବନର ସତ୍ତା। ବିଶ୍ୱାସ ହିଁ ଜନ୍ମଜନ୍ମାନ୍ତର ସମ୍ପର୍କ। ଯେପରି ମାଟି ପାତ୍ରର ଛୋଟ ଛିଦ୍ରଟିଏ ପାଣିକୁ ଧରି ରଖିପାରେ ନାହିଁ, ଠିକ ସେମିତି ସମ୍ପର୍କରେ ଲେଶମାତ୍ର ଅବିଶ୍ୱାସ ସାରା ଜୀବନ ପାଇଁ ଏକ ରେଖା ଟାଣିଦିଏ। ତାହା ହେଉଛି ଅବିଶ୍ୱାସ। ବିଶ୍ୱାସ ଅଛି ବୋଲି ତ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟ ଆମେ ସାଦରେ ଗ୍ରହଣ କରୁଛୁ। କିନ୍ତୁ ସେହି ବିଶ୍ୱାସରେ ଏବେ ବିରାଟ ପ୍ରଶ୍ନବାଚୀ। ପ୍ରତି ହୃତ୍‌ସ୍ପନ୍ଦନରେ ସୃଷ୍ଟି ହେଉଛି ଅସମାହିତ ପ୍ରଶ୍ନଚିହ୍ନ। କାହିଁକି ବିଶ୍ୱାସରେ ସଙ୍କଟ? ସ୍ୱାର୍ଥ ନା ପରିବର୍ତ୍ତିତ ପରିବେଶ ନା ସମୟ? ନା ଜ୍ଞାନର ପ୍ରକୃତ ପରିଭାଷାକୁ ବ୍ୟାପ୍ତ କରିବାର ଦୁର୍ବଳତା? ବିଶ୍ୱାସ ନଥିଲେ ଜୀବନ ବି ନାହିଁ। ବିଶ୍ୱାସ ନଥିଲେ ଆତ୍ମୀୟତାବୋଧ କାହିଁ? ବିଶ୍ୱାସହୀନତା ହିଁ ଆଜନ୍ମ ଦୁଃଖର କାରଣ। ଅନ୍ତତଃ ବିଶ୍ୱାସକୁ ସଜାଗ କରିବା ସମସ୍ତଙ୍କର କର୍ତ୍ତବ୍ୟ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

ବିଚିତ୍ର ବିଶ୍ୱାସ

## ରାବଣ ମନ୍ଦିର

**ଓଜସ୍ୱିନୀ**

ପୂର୍ବପ୍ରକାଶିତ ଉତ୍ତାରୁ...

ରାବଣଙ୍କୁ ସମର୍ପିତ ଦ୍ୱିତୀୟ ମୁଖ୍ୟ ମନ୍ଦିରଟି ହେଉଛି ରାଜସ୍ଥାନର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର। ଏହି ମନ୍ଦିରର ବୈଚିତ୍ର ହେଉଛି, ଏଠାରେ ମହାଦେବଙ୍କ ପୂର୍ବରୁ ଅସୁରରାଜ ରାବଣଙ୍କ ପୂଜାର୍ଚ୍ଚନା କରାଯାଏ। ଭକ୍ତମାନେ ପ୍ରଥମେ ରାବଣଙ୍କୁ ଦର୍ଶନ କରିବା ପରେ ମହାଦେବଙ୍କୁ ଦର୍ଶନ କରନ୍ତି। କମଳନାଥ ମହାଦେବ ନାମରେ ପ୍ରସିଦ୍ଧ ଏହି ମନ୍ଦିର ଉଦୟପୁରଠାରୁ ପ୍ରାୟ ୭୦ କି.ମି. ଦୂର ଝାଡୋଲ୍ ଅଞ୍ଚଳର ଆୱରଗଡ଼ ପାର୍ବତ୍ୟାଞ୍ଚଳରେ ରହିଛି। ସ୍ଥାନୀୟ ଲୋକକଥା ଅନୁସାରେ ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିଥିଲେ। ତପସ୍ୟା ସମୟରେ ରାବଣ ପ୍ରତିଦିନ ୧୦୮ ଟି ପଦ୍ମ ଶିବଙ୍କୁ ଅର୍ପଣ କରୁଥିଲେ। ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ରାବଣଙ୍କ ଭକ୍ତି ପରୀକ୍ଷା ନେବା ପାଇଁ ଗୋଟିଏ ପଦ୍ମପୁଷ୍ପ ଅଦୃଶ୍ୟ କରିଦେଲେ। କମଳ ପୁଷ୍ପର ଅଭାବକୁ ପୂରଣ କରିବା ପାଇଁ ରାବଣ ନିଜ ମସ୍ତକ ଛେଦନ କରି ମହାଦେବଙ୍କୁ ଅର୍ପଣ କଲେ। ରାବଣଙ୍କ ଭକ୍ତିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ପ୍ରକଟ ହୋଇ ରାବଣଙ୍କ ନାଭିରେ ଅମୃତକୁଣ୍ଡ ସ୍ଥାପନାର ବରଦାନ ଦେବା ସହିତ ଦଶାନନ ହେବାର ସୌଭାଗ୍ୟ ପ୍ରଦାନ କଲେ। ଏହି ସ୍ଥାନରେ ରାବଣ କମଳପୁଷ୍ପ ସ୍ଥାନରେ ନିଜର ମସ୍ତକ ଅର୍ପଣ କରି ଶିବଙ୍କୁ ପ୍ରସନ୍ନ କରିଥିବାରୁ ଏହି ଶିବଲିଙ୍ଗ କମଳନାଥ ନାମରେ ନାମିତ ହୋଇଛନ୍ତି। ଏଠାରେ ରାବଣଙ୍କ ପୂଜାର୍ଚ୍ଚନା ବିନା ଶିବ ଦର୍ଶନ ବ୍ୟର୍ଥ ବୋଲି କୁହାଯାଉଛି। ତେଣୁ ସ୍ଥାନୀୟ ବିଶ୍ୱାସ ଅନୁସାରେ ମହାଦେବଙ୍କୁ ପ୍ରସନ୍ନ କରି ମନୋବାଞ୍ଛିତ ବରଦାନ ପ୍ରାପ୍ତି କରିବାକୁ ହେଲେ ପ୍ରଥମେ ରାବଣଙ୍କୁ ପୂଜା କରାଯାଉଛି। ରାବଣଙ୍କ ପୂଜା କରିବା ଦ୍ୱାରା ମହାଦେବଙ୍କ ବିଶେଷ କୃପା ଲାଭ ହୋଇଛି ବୋଲି ଶ୍ରଦ୍ଧାଳୁମାନେ ସେମାନଙ୍କର ଅଭିଜ୍ଞତା ଓ ଅନୁଭବରୁ କହିଥା'ନ୍ତି।

ଦେବଭୂମି ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ବେରାସକୁଣ୍ଡଠାରେ ମହାଦେବଙ୍କର ଏକ ପ୍ରାଚୀନ ମନ୍ଦିର ଅଛି, ଯାହା ନିକଟରେ ରହିଛି ରାବଣ ଶିଳା। ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ୧୦ ହଜାର ବର୍ଷ କଠୋର ତପସ୍ୟା କରିଥିଲେ। ତପସ୍ୟା ଫଳପ୍ରସୂ ନହେବାର ଆଶଙ୍କା କରି ରାବଣ ଏଠାରେ ତାଙ୍କର ଶିର ଛେଦନ କରି ମହାଦେବଙ୍କୁ ଅର୍ପଣ କରିଥିଲେ ବୋଲି ଲୋକକଥା ଅଛି। ନଅଟି ଶିର ଛେଦନ ପରେ ଦଶମ ଶିର ଛେଦନ କରିବା ସମୟରେ ସ୍ୱୟଂ ଶିବ ରାବଣଙ୍କ ସମ୍ମୁଖରେ ପ୍ରକଟ ହେଲେ ଏବଂ ବର ଯାଚନା କରିବାକୁ କହିଲେ। ମହାଦେବ ସବୁଦିନ ପାଇଁ ସେହି ସ୍ଥାନରେ ଅବସ୍ଥାନ କରନ୍ତୁ ବୋଲି ରାବଣ ବର ମାଗିବାରୁ ମହାଦେବ ସନ୍ତୁଷ୍ଟ ହୋଇ ଶିବଲିଙ୍ଗ ଭାବେ ସେଠାରେ ରହିଲେ। ବେରାସକୁଣ୍ଡ ମହାଦେବ ସ୍ୱୟଂମ୍ଭୂ ବୋଲି କୁହାଯାଏ। 'ସ୍କନ୍ଦପୁରାଣ'ର 'କେଦାରଖଣ୍ଡ'ରେ ମଧ୍ୟ ଏହି ଅଞ୍ଚଳକୁ ଏକ ପବିତ୍ରଭୂମି ଭାବେ ବର୍ଣ୍ଣନା କରାଯାଇଛି। ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଦଶୋଲି ନାମକ ଗୋଟିଏ ଗାଁର ଅଛି। ଦଶାନନ ନାମର ଅପଭ୍ରଂଶ ହୋଇ ଏହା ଦଶୋଲି ହୋଇଥାଇପାରେ ବୋଲି ଐତିହାସିକମାନେ ମତ ଦିଅନ୍ତି। 'ରାବଣ ସଂହିତା'ରେ ଉଲ୍ଲେଖ ଅଛି ଯେ, ଏହି ସ୍ଥାନରେ ରାବଣ 'ନାଡ଼ି ବିଜ୍ଞାନ' ରଚନା କରିଥିଲେ। ରାବଣ ଶିଳାକୁ ଶ୍ରଦ୍ଧାଳୁମାନେ ରାବଣଙ୍କ ପ୍ରତୀକ ଭାବେ ପୂଜାର୍ଚ୍ଚନା କରିଥା'ନ୍ତି।

ଭାରତର ଆଉ କେତେକ ମନ୍ଦିର ମଧ୍ୟ ରାବଣଙ୍କୁ ସମର୍ପିତ। ଯଥା - ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରୁ ପ୍ରାୟ ୧୫ କିଲୋମିଟର ଦୂର ବିସରଖ ଗାଁରେ ଥିବା ରାବଣ ମନ୍ଦିର, ଯାହାକୁ ରାବଣଙ୍କ ଜନ୍ମସ୍ଥାନ ବୋଲି କୁହାଯାଉଛି। ଏଠାରେ ରାବଣଙ୍କ ଏକ ସୁନ୍ଦର ମନ୍ଦିର ସହିତ ତାଙ୍କର ପିତା ବିଶ୍ରବାଙ୍କ ମଧ୍ୟ ଗୋଟିଏ ମନ୍ଦିର ଅଛି। ରାବଣ ମନ୍ଦିର ପରିସର ଭିତରେ ଗୋଟିଏ ପ୍ରାଚୀନ ଶିବ ମନ୍ଦିର ରହିଛି। ଏହି ଶିବଲିଙ୍ଗଙ୍କୁ ରାବଣ ପୂଜା କରୁଥିଲେ ବୋଲି କୁହାଯାଏ। ଏଠାରେ ଦଶହରା ଦିନ ରାବଣଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଇ ସ୍ୱାଦିଷ୍ଟ ଭୋଗ ଅର୍ପଣ କରାଯାଇଥାଏ। ଜନଶ୍ରୁତି କହେ ଯେ, ଅନେକ ବର୍ଷ ପୂର୍ବରୁ ଏହି ଗ୍ରାମରେ ମଧ୍ୟ ଦଶହରା ପାଳନ ପୂର୍ବକ ରାବଣଙ୍କ ପୁତ୍ତଳିକାକୁ ଦହନ କରାଯାଇଥିଲା। ପରିଣାମ ସ୍ୱରୂପ ଗ୍ରାମରେ ଅନେକ ଲୋକ ମୃତାହତ ହେଲେ। ଏହାପରେ ଅନେକ ଯଜ୍ଞ ଏବଂ ରାବଣଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୋଚାରଣ ଦ୍ୱାରା ଶୁଭଫଳ ଲାଭ ହେଲା। ଏହା ପରଠାରୁ କେବେ ମଧ୍ୟ ଏହି ଗ୍ରାମରେ ରାବଣପୋଡ଼ି କରାଯାଏନାହିଁ। କାନପୁରରେ ଥିବା ରାବଣ ମନ୍ଦିର, ଯାହାକି କେବଳ ଦଶହରା ଦିନ ଖୋଲାଯାଏ ଏବଂ ଏହିଦିନ ରାବଣଙ୍କୁ ଦୁଗ୍ଧରେ ଅଭିଷେକ କରାଇ ଶୃଙ୍ଗାର କରାଯାଇ ଆଳତି ଓ ପୂଜାର୍ଚ୍ଚନା କରାଯାଏ। ମଧ୍ୟପ୍ରଦେଶର ବିଦିସାଠାରେ ଥିବା ରାବଣ ମନ୍ଦିରରେ କାନ୍ୟକୁବ୍‌ଜ ବ୍ରାହ୍ମଣ ସମୁଦାୟର ବରବଧୂ ରାବଣଙ୍କ ଆଶୀର୍ବାଦ ନେବା ପାଇଁ ଆସନ୍ତି। ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ଥିବା ଶିବ ମନ୍ଦିରରେ ପ୍ରାୟ ୩୦ଫୁଟ ଉଚ୍ଚର ରାବଣଙ୍କ ମୂର୍ତ୍ତି ରହିଛି। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗଙ୍କୁ ରାବଣ ନିଜେ ପ୍ରତିଷ୍ଠା କରାଇଥିଲେ ବୋଲି ଲୋକକଥା ଅଛି।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## 'ସୁଭଦ୍ରା'ର ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

# ହିତାଧିକାରୀମାନଙ୍କ ସାମଗ୍ରିକ ଆର୍ଥିକ ସଶକ୍ତୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୧।୭ (ସମିସ): ଲୋକସେବା ଭବନ ସମ୍ମିଳନୀ କକ୍ଷରେ "ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରି ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ ସେ ସମ୍ପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ଆଲୋଚନା କରିଥିଲେ। ସେହିପରି ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ୍ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ଲକ୍ଷ ୮୩ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି। କେବଳ ମହିଳାମାନଙ୍କ ଦ୍ୱାରା ଚାଲୁଥିବା 'କୁହ ସୁଭଦ୍ରା' ଅଭିଯୋଗ ସମାଧାନ କେନ୍ଦ୍ରରେ ଏପର୍ଯ୍ୟନ୍ତ ଦିନକୁ ପ୍ରାୟ ୨୦ ହଜାରରୁ ଅଧିକ କଲ୍ ଗ୍ରହଣ କରାଯାଇ ସେସବୁର ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଲ୍ଲେଖ କରିଥିଲେ। କ୍ୟାବିନେଟ ଅନୁମୋଦନର ମାତ୍ର ୧୦୦ ଦିନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବା ସହ ଦୁଇଟି କିସ୍ତିରେ ହିତାଧିକାରୀଙ୍କୁ ସୁବିଧାରେ ଆର୍ଥିକ ସହାୟତା ସ୍ଥାନାନ୍ତର କରିବାରେ ସାମୂହିକ ସରକାରୀ ବ୍ୟବସ୍ଥା ସହ ମହିଳା ଓ ଶିଶୁ ବିକାଶ ବିଭାଗର ସୁସମନ୍ୱୟ ନିମନ୍ତେ ମୁଖ୍ୟ ଶାସନ ସଚିବ ମହିଳା ଓ ଶିଶୁ ବିଭାଗକୁ ପ୍ରଶଂସା କରିଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଇଏଏସ୍ ସ୍ତରରେ ଅଦଳବଦଳ

## ୪ ଉନ୍ନୟନ କର୍ତ୍ତୃପକ୍ଷରେ ଉପାଧ୍ୟକ୍ଷ ନିଯୁକ୍ତି

ଭୁବନେଶ୍ୱର,୩୧।୭ (ସମିସ): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୧୫ ମସିହା ବ୍ୟାଚ୍ ଆଇଏଏସ ଆବୋଲି ସୁନିଲ ନରଭଣେଙ୍କୁ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ୍ ଧିନା ଦସ୍ତାଗିରଙ୍କୁ ରାଉରକେଲା ମହାନଗର ନିଗମର କମିଶନର, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ ରେହାନ ଖତ୍ରୀଙ୍କୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ସମାନ ବ୍ୟାଚ୍‌ର କିରଣଦୀପ କୌର ସାହୋତାଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଆଇଏଏସ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

■ ହାଇକୋର୍ଟରେ ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ଘଟଣା

# ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ପୁଣି ଖାରଜ

କଟକ, ୩୧।୭ (ସମିସ): ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଏହି ଚିଟ୍‌ଫଣ୍ଡ ସଂସ୍ଥାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ପକ୍ଷରୁ ଦାୟର ଜାମିନ ଆବେଦନକୁ ତୃତୀୟଥର ପାଇଁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ୧୭ ହଜାର ୩୬୭କୋଟିର ଏହି ବଡ଼ ଠକେଇ ଘଟଣାରେ ଅଦ୍ୟାବଧି ଜମାକାରୀଙ୍କୁ ୯ହଜାର କୋଟି ଟଙ୍କା ଜମାକାରୀଙ୍କୁ ପଇଠ ହୋଇପାରିନାହିଁ। ବହୁସଂଖ୍ୟାରେ ଜମାକାରୀ ବିପୁଳ ପରିମାଣର ଠକେଇର ଶିକାର ହୋଇଥିବାକୁ ଦୃଷ୍ଟି ରଖି ହାଇକୋର୍ଟ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନକୁ ଗତ୨୦୨୪ଅଗଷ୍ଟ୨୧ଓ୨୦୨୪ଡିସେମ୍ବର୨୪ରେଦୁଇ ଥର ପାଇଁ ହାଇକୋର୍ଟ ଖାରଜ କରିଛନ୍ତି। ଏପରିକି, ଏହା ବିରୋଧରେ ସେ ଦାୟର କରିଥିବା ଆବେଦନକୁ ମଧ୍ୟ ଗତ ୨୦୨୫ ଫେବ୍ରୁଆରି ୩ରେ ସର୍ବୋଚ୍ଚ ଅଦାଲତରେ ଖାରଜ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଏହି ତଥ୍ୟ ଲୁଚାଯାଇଥିବା ନେଇ ଅଦାଲତ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ରୋଜଭ୍ୟାଲି ଗ୍ରୁପ ଲକ୍ଷାଧିକ ଜମାକାରୀଙ୍କଠାରୁ ୧୭ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହାର ତଦନ୍ତ କରିଥିଲା। ୨୦୧୫ରେ ଇଡି ଓ ସିବିଆଇ ଏହି ମାମଲାର ତଦନ୍ତ କରି ସଂସ୍ଥାର ଅଧ୍ୟକ୍ଷ ଶ୍ରୀ କୁଣ୍ଡୁ ଓ ତାଙ୍କ ପତ୍ନୀ ଶୁଭ୍ରା କୁଣ୍ଡୁଙ୍କୁ ଗିରଫ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଏବେ ଏହି ମାମଲା ବିଚାରାଧିନ ରହିଛି। ଖୋର୍ଦ୍ଧା ଦୌରା ଅଦାଲତ ୨୦୧୭ନଭେମ୍ବର୨୪ରେ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ବର୍ତ୍ତମାନ ସମୟ ମଧ୍ୟରେ ଏହି ମାମଲାରେ ଅନେକ ଅଗ୍ରଗତି ହୋଇଛି। ବିଶେଷକରି ଅତିରିକ୍ତ ଚାର୍ଜସିଟ ଦାଖଲ କରାଯାଇଛି ଓ ଅନ୍ୟ କେତେକସହ ଅଭିଯୁକ୍ତ ମାନଙ୍କୁ ଜାମିନ ମିଳିସାରିଛି।

# ଛାତ୍ରୀଙ୍କୁ ଅସଦାଚରଣ; ଟ୍ୟୁସନ୍ ଶିକ୍ଷକ ଗିରଫ

ପାତ୍ରପୁର,୩୧।୭ (ସମିସ): ଜରଡ଼ା ଥାନା ଅଞ୍ଚଳର ଏକ ଗାଁର ଜଣେ ଛାତ୍ରୀକୁ ଅସଦାଚରଣ ଅଭିଯୋଗରେ ଗିରଫ ହୋଇଛନ୍ତି ଟ୍ୟୁସନ୍ ଶିକ୍ଷକ। ଅଭିଯୁକ୍ତ ଟ୍ୟୁସନ୍ ଶିକ୍ଷକ ହେଲେ, ସେହି ଗାଁର ଗଣେଶ ପ୍ରଧାନ(୨୩)। ଗଣେଶ ବୁଧବାର ଷଷ୍ଠ ଶ୍ରେଣୀ ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ଗାଁ ଶେଷ ମୁଣ୍ଡରେ ଥିବା ବିଦ୍ୟାଳୟ ନିକଟକୁ ଡ଼ାକି ଅସଦାଚରଣ କରିଥିଲେ। ଛାତ୍ରୀଜଣଙ୍କ ପାଟି କରିବାରୁ ଗଣେଶ ସେଠାରୁ ଦୌଡ଼ି ପଳାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ନଂ୨୬୩/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୁଷ ସହ...

ବ୍ୟବସାୟିକ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରି ଆସିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ୧୯୧ ଆରବ ଡ଼ଲାର କାରବାର ହେଉଛି ଓ ୨୦୩୦ ସୁଦ୍ଧା ଏହାକୁ ୫୦୦ ଆରବ ଡ଼ଲାରରେ ପହଞ୍ଚାଇବାକୁ ଆଲୋଚନା ଚାଲିଛି। ମାତ୍ର ଏହି ସମୟରେ ୨୫% ଶୁଳ୍କ ଲାଗୁ ଭାରତୀୟ ବ୍ୟବସାୟୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଆସନ୍ତା ଅଗଷ୍ଟ ୨୬ ତାରିଖରେ ଆମେରିକାର ଏକ ପ୍ରତିନିଧିଦଳ ବ୍ୟବସାୟିକ ଆଲୋଚନା ନିମନ୍ତେ ପୁଣି ଭାରତ ଗସ୍ତରେ ଆସିବେ ଓ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା କରାଯିବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଥିବାବେଳେ ଆସନ୍ତାକାଲିଠାରୁ ନୂଆ ଟିକସ ଲାଗୁ ଭବିଷ୍ୟତରେ ବ୍ୟବସାୟିକ ସମ୍ପର୍କକୁ ବାଧାପ୍ରାପ୍ତ କରିବାର ଆଶଙ୍କା ରହିଛି।

## ସରକାରଙ୍କ ଆଭିମୁଖ୍ୟକୁ...

ଦିନକ ପରେ ହେବାକୁଥିବା ଶୁଣାଣିରେ ରାଜ୍ୟ ସରକାର କେଉଁ ତଥ୍ୟ ରଖିବେ ଓ କେଉଁ ଆଭିମୁଖ୍ୟ ପୋଷଣ କରିବେ ତାହା ଉପରେ ରାଜ୍ୟବାସୀଙ୍କର ନଜର ରହିଛି।

ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ଜଳବିବାଦକୁ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ କରିଥିଲେ। କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏପରିକି ଦୁଇରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ପଦାଧିକାରୀ ମାନେ ଏ ନେଇ ଆଲୋଚନାରତ ଥିବା ବୈଠକରୁ ଜଣା ପଡ଼ିଥିଲା। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଏକାଧିକ ଧର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ବିବାଦ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ସହ କଣ ଆଲୋଚନା ହୋଇଛି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସର୍ବସାଧାରଣରେ ପ୍ରକାଶ କରିନାହାନ୍ତି। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ନେଇ ସରକାର କୌଣସି ନିଷ୍କର୍ସରେ ପହଞ୍ଚିବା ପୂର୍ବରୁ ସମସ୍ତଙ୍କୁ ବିଶ୍ୱାସକୁ ନେବା ଆବଶ୍ୟକ। ତେଣୁ ଛତିଶଗଡ଼ ସହ କେଉଁପ୍ରକାର ବୁଝାମଣା ହେଉଛି, ତାହା ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ ଛତିଶଗଡ଼ ସହ ଓଡ଼ିଶା ସମସ୍ୟାର ସମାଧାନ ପାଇଁ ଆଲୋଚନା ରତ ବୋଲି ନିଜେ ମୁଖ୍ୟମନ୍ତ୍ରୀ ଓ ଏଜି କହୁଥିଲେ ହେଁ, ପ୍ରତିପକ୍ଷ ଛତିଶଗଡ଼ର ଏଜି ଏହାକୁ ଖଣ୍ଡନ କରୁଛନ୍ତି। ତେଣୁ ସତ କଣ ତାହା ଜାଣିବାର ଅଧିକାର ସମସ୍ତଙ୍କର ରହିଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏନେଇ ନିଜର କ୍ଷୋଭ ପ୍ରକାଶ କରିବା ସହ ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ଏହା ସହ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକ୍ସୁ ବୋଲି ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହା ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଭଲ ନୁହେଁ। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି ଯେ ସରକାରୀ ସ୍ତରରେ ଆପୋଷ ଆଲୋଚନାକୁ ଯିବା ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶାର ରାଜନୈତିକ ଦଳ, ସାମାଜିକ ସଂଗଠନ, ନଦୀ ଆନ୍ଦୋଳନ ତଥା ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯିବା ଜରୁରୀ ଅଟେ। ସରକାର ଏନେଇ ପଦକ୍ଷେପ ନିଅନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି।

## ଉତ୍କଳକୁ ସଂକଟ...

ଗଠନ କରିଛି। ଛାତ୍ରଛାତ୍ରୀ ଅନୁପାତକୁ ନେଇ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ବର୍ଷବର୍ଷ ଧରି ୫୫ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଛି। ଏହାସତ୍ତ୍ୱେ ପଦ ହ୍ରାସ ପାଇଁ ସୁପାରିଶ କରିବାକୁ ଏହି ୪ ଜଣିଆ କମିଟି କିପରି ପ୍ରସ୍ତାବ ଦେଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି କମିଟି ଗୋଟିଏ ପିଜି ବିଭାଗ ପାଇଁ ଜଣେ ପ୍ରାଧ୍ୟାପକ, ୨ଜଣ ସହଯୋଗୀ ପ୍ରାଧ୍ୟାପକ ଓ ୨ଜଣ ସହକାରୀ ପ୍ରାଧ୍ୟାପକ ପଦ ନିୟମ ଲାଗୁ କରୁଛନ୍ତି। ଫଳରେ କୌଣସି ସ୍ପେସିଆଲାଇଜେସନ୍ ପେପର୍ ନେବାର ସୁଯୋଗ ପାଇବେ ନାହିଁ ଛାତ୍ରଛାତ୍ରୀ। ଅନୁରୂପ ଭାବେ ସ୍ନାତକ (ୟୁଜି) ପାଠ୍ୟକ୍ରମ ପଢ଼ାଇବାକୁ କେବଳ ୩ଜଣ ସହକାରୀ ପ୍ରାଧ୍ୟାପକ ରହିବାର ପ୍ରାବଧାନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ୪୬ଟି ମଞ୍ଜୁରୀପ୍ରାପ୍ତ ପ୍ରାଧ୍ୟାପକ ପଦ ରହିଛି। ବିଧାନସଭା ତଥ୍ୟ ଅନୁଯାୟୀ, ମାତ୍ର ୧୦ ଜଣ ପ୍ରାଧ୍ୟାପକ କାର୍ଯ୍ୟରତ ଅଛନ୍ତି। ହେଲେ ସଂଗତୀକରଣ ପ୍ରକ୍ରିୟାରେ ପ୍ରାଧ୍ୟାପକ ପଦ ୨୯କୁ କମାଇବା ପାଇଁ ସୁପାରିଶ କରାଯାଇଥିବା ଜଣାପଡ଼ିଛି। ସେହିପରି ୭୫ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରାଧ୍ୟାପକ ପଦ ମଧ୍ୟରୁ ମାତ୍ର ୩୦ଜଣ କାର୍ଯ୍ୟରତ ଅଛନ୍ତି। ଏହି ପଦ ସଂଖ୍ୟା ମଧ୍ୟ ୫୧କୁ କମାଇବାକୁ ପ୍ରସ୍ତାବ ରହିଛି।

ସଂଗତୀକରଣ ପ୍ରକ୍ରିୟା ଛାତ୍ର-ଶିକ୍ଷକ ଅନୁପାତକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ଶିକ୍ଷାବିତ୍ ଡ. ମାନସ ବେହେରା କହିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ସ୍ନାତକରେ ୨୬ ଶହ ନମ୍ବର ବଦଳରେ ୩୬ ଶହ ମାର୍କର ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ସଂଗତୀକରଣ ପ୍ରକ୍ରିୟା ଦ୍ୱାରା ଅଧ୍ୟାପକ ପଦ କମୁଥିବାରୁ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ପାଇବ। ଅଧ୍ୟାପକଙ୍କ ଉପରେ କାର୍ଯ୍ୟଭାର ମଧ୍ୟ ବଢ଼ିବ। ଏଣୁ ଛାତ୍ର-ଶିକ୍ଷକଙ୍କ ଅନୁପାତକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ ସଂଗତୀକରଣ ପ୍ରକ୍ରିୟା ନେଇ ବିଶ୍ୱବିଦ୍ୟାଳୟର ପଦ ସଂଖ୍ୟା ବଢ଼ିବା ବା କମିବା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସରକାର ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ନାକ୍ ମାନ୍ୟତା ପାଇବାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମସ୍ୟାର ସମ୍ମୁଖୀନ ହେବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଛାତ୍ର-ଶିକ୍ଷକ ଅନୁପାତ କମିଲେ 'ଏ+' ମାନ୍ୟତା ଆହୁରି ନିମ୍ନଗାମୀ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ...

ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା ବେଳେ କେତେଜଣ ଆହତ ମଧ୍ୟ ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଉନ୍ନୟନ କମିସନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉନ୍ନୟନ କମିସନରଙ୍କୁ ସହଯୋଗ କରିବା ପାଇଁ ୪ ଜଣ ଓଏଏସ ଅଧିକାରୀଙ୍କୁ ମଧ୍ୟ କମିଟିରେ ସ୍ଥାନ ମିଳିଥିଲା। ଉନ୍ନୟନ କମିଶନର ନିଜେ ଭୁବନେଶ୍ୱର ଏବଂ ପୁରୀରେ ଶୁଣାଣି କରିବା ସହ ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ମତାମତ ଗ୍ରହଣ କରିଥିଲେ।

## ଆଖୁ ଚାଷର...

ଆଗ୍ରହ ପ୍ରକାଶ କରୁନାହାନ୍ତି। ୨୦୦୦-୦୧ ବର୍ଷ ବେଳକୁ ଓଡ଼ିଶାରେ ଆଖୁଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୩୧ହଜାର ହେକ୍ଟର ଥିଲା। ଏହି ବର୍ଷରେ ୨୧ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ୨୦୧୮-୧୯ ବର୍ଷରେ ଓଡ଼ିଶାରେ ୨୫ହଜାରରୁ ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୮ ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିବା ସ୍ଥଳେ ୨୦୧୯-୨୦ ବର୍ଷରେ ୧୯ହଜାର ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୪ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ଗତବର୍ଷ ପାଖାପାଖି ୧୫ ଲକ୍ଷ ହେକ୍ଟର ଚାଷ ଜମିରେ ୧୧ରୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦନ ହୋଇଛି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ବ୍ରିଟିଶ ସରକାର ସମୟରୁ ଆସିକାରେ ଚିନିକଳ ସ୍ଥାପିତ ହୋଇଥିଲା। ଚିନିକଳଗୁଡ଼ିକ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ କିସମର ଆଖୁ ବିହନ ସମେତ ସାର ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଚାଷୀମାନଙ୍କଠାରୁ ଆଖୁ ସଂଗ୍ରହ କରି କାରଖାନାରେ ଚିନି ଉତ୍ପାଦନ କରାଯାଉଥିଲା। ଏଥିଯୋଗୁଁ ଚାଷୀମାନେ ଅଧିକ ଲାଭ ପାଇବା ଆଶାରେ ଆଖୁଚାଷ କରୁଥିଲେ। କିନ୍ତୁ ଚିନିକଳଗୁଡିକ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଯିବା ଫଳରେ ଉତ୍ପାଦିତ ଆଖୁ ବିକ୍ରି ମୁଖ୍ୟ ସମସ୍ୟା ହେଉଛି। ବାରମ୍ବାର କ୍ଷତି ସହିବା ଫଳରେ ଚାଷୀମାନେ ଆଖୁଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଗାଁ ଗହଳରେ ଆଖୁ ପେଡି ଗୁଡ଼ ଉତ୍ପାଦନ କରି ଚାଷୀମାନେ ବିଶେଷ ଲାଭବାନ ହେଉଥିଲେ। ଚିନିକଳ ସ୍ଥାପନ ପରେ ସମ୍ପୃକ୍ତ ଅଞ୍ଚଳରେ ଗୁଡ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଯିବାରୁ ଏବେ ଗୁଡ ପାଇଁ ବି ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ବିରତି ନେବ...

ସିଧା ପୃଥିବୀ ଉପରେ ପଡ଼ିଥାଏ। ଏଥିପାଇଁ ତାପମାତ୍ରା ବଢ଼ିବା ସହ ମୌସୁମୀ ସମୟରେ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଏହା ବିଜୁଳି ଘଡ଼ିଘଡ଼ି ପାଇଁ ମଧ୍ୟ ସ୍ଥିତି ଅନୁକୂଳ କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଥାଉ କି ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତର ମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁଲାଇ ୩୦ ତାରିଖ ସୁଦ୍ଧା ରାଜ୍ୟରେ ୬୧୩.୯ ମିମି ବର୍ଷା ହୋଇ ସାରିଛି। ଯାହାକି ସାରା ରାଜ୍ୟରେ ସ୍ୱାଭାବିକ ବର୍ଷା ୫୫୦.୭ ମିମି ତୁଳନାରେ ୧୧ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ମୌସୁମୀ ବିରତି ଯୋଗୁଁ ଦୁଇ ସପ୍ତାହ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସାରା ରାଜ୍ୟରେ ଅଗଷ୍ଟରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଅଗଷ୍ଟ ମାସ ପାଇଁ ମୌସୁମୀ ବର୍ଷାଜନିତ ଆକଳନ କରି ଆଇଏମ୍‌ଡି କହିଛି, ରାଜ୍ୟର କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅବଶିଷ୍ଟ ସଅଞ୍ଚଳରେ ଅଗଷ୍ଟ ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ କମ୍ ରହିବ। ଦୁଇ ତଳେ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକାରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିଲା। ଏହା ପ୍ରଭାବରେ ଗୁରୁବାର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର ମଧ୍ୟ କେବଳ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମାତ୍ର ଶନିବାରଠାରୁ ବର୍ଷାର ପରିମାଣ ମାତ୍ରାଧିକ ହ୍ରାସ ପାଇବା ସହ ସାରା ଓଡ଼ିଶାରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି।

## AFFIDAVIT

By the virtue of an affidavit sworn before the Notary Public, Daringibadi, Dated 31.07.2025. I, Radhika Deshmajhi, W/o- Binod Deshmajhi, Address Kalikia, Po: Kasabasa, Ps: Bamunigam, Dist: Kandhamal, State: Odisha-762021 declare that I have changed my minor daughter's name from ANJITA DESHMAJHI to MEGHA DESHMAJHI. Henceforth, She shall be known as **MEGHA DESHMAJHI** for all purposes.

## AFFIDAVIT

I, Swornabala Jena W/o Samaresh Jena, Resident of Plot No-62, Lal Bahadur Colony, Old Station Square, PO - Budheswari, PS-Laxmisagar, Bhubaneswar, Dist-Khordha, Pin-751006, Odisha declare by this affidavit No.106 dated 30.07.2025 that now onwards I shall be known as **SWORNABALA PRADHAN** for all future purposes.

## AFFIDAVIT

By virtue of an affidavit No.2094, dtd.28.07.2025 in the court of the Executive Magistrate, Sukinda, Jajpur, I, Jogesh Kumar Majhi, Vill- Kantira, Po- Atta, Ps- Sukinda, Jajpur-755018 have changed my minor son's name from Asian Majhi to **Ashish Kumar Majhi** for all purposes.

**Sd/- Jogesh Kumar Majhi**

## AFFIDAVIT

By virtue of an affidavit No.2465, dtd.24.06.2025 in the court of the Executive Magistrate, Pipili, Puri, I, Rojalin Rath, Vill- Mahasingpatna, Po- Dandamukundapur, Ps- Pipili, Dist- Puri, Odisha have changed my name from Rosalin Dash (Dob-12.06.1987) to Rojalin Rath (correct Dob-12.06.1988) for all purposes.

**Sd/- Rojalin Rath**

## AFFIDAVIT

I, Subhashree Das W/o Satyabrata Prusty, Resident of Plot No - 219/9379 , Chakeisihani, PO - Rasulgarh, PS- Mancheswar, Bhubaneswar, Dist - Khordha, Odisha - 751010, declare by this affidavit No.026 dated 06.01.2020 that now onwards I shall be known as **SUBHASHREE PRUSTY** for all future purposes.

## Notice(For Minor)

By virtue of an affidavit sworn before The Executive Magistrate, Kaptipada, Udala, Mayurbhanj , dated 30-07-2025. I, Malati Tudu, Address At- Debala, Po- Gadigaon, Dist- Mayurbhanj, Pin- 757087 declare that I have changed the name of my Son from Suray Tudu to Mangal Tudu . Henceforth, he shall be known as Mangal Tudu for all purposes.

**Malati Tudu**

## NOTICE

By virtue of an affidavit sworn before the Notary Public, Cuttack, dated 23.07.2025 I, Maguni Prasad Singh Samanta, resident of At- Kendubilwa, PO- Prataprudrapur, PS- Balianta, Dist- Khordha-752102, Odisha have changed my name from Maguni Pradhan to Maguni Prasad Singh Samanta. Henceforth, I shall be known as **Maguni Prasad Singh Samanta** for all purposes.

**Maguni Prasad Singh Samanta**

## AFFIDAVIT

I, Swapna Das W/o Saroj Kumar Tarasia, Resident of Plot No 361(P) , Saneigadia, PO- Rasulgarh, PS-Mancheswar, Bhubaneswar, Dist-Khordha, Odisha-751010, declare by this affidavit No.1465 dated 31.07.2025 that now onwards I shall be known as **SWAPNA TARASIA** forall future purposes.

## AFFIDAVIT

By virtue of an affidavit sworn before Notary Public Titilagarh, dated 30.07.2025 I, Kuma Bag , Address At- Dhatuk, Po- Barbahal, Ps- Patnagarh, Dist- Balangir, Odisha, Pin- 767027 declare that I have changed my name from Kumbha Bag to Kuma Bag. Henceforth, I shall be known as **Kuma Bag** for all purposes.

**Kuma Bag**

## AFFIDAVIT

I ALAYANA DURGAMBA, W/o A THIRUPATI, resident of Bharat Nagar Colony 1st lane, Bell Road, Po- P.R.Peta, PS- JEYPORE, Dist- Koraput, Odisha -764003, Odisha declare by this Affidavit No.678, Dated - 31/07/2025, that now onwards I shall be known as A DURGAMBA for all future purpose.

## AFFIDAVIT

By virtue of an affidavit No.356, dtd.10.07.2025 in the court of Executive Magistrate, Chatrapur, Ganjam, I, Tukuna Nahak have changed my son namely Aswini Kumar Nahak, Date of Birth from 14.09.2007 to 29.10.2008 vide his Birth certificate Regd. No. 236/2012 and Aadhar card no. 349739778541. Henceforth my son's actual and correct date of Birth is 29.10.2008 for all purposes.

**Sd/- Tukuna Nahak**

## AFFIDAVIT

I, Olivia Parida, W/o-Manas Kumar Parida, resident of vill - Baligohiri, PO - Raj Nilgiri, Dist - Balasore, Pin -756040, Odisha, declare by this affidavit No -7354, dated- 30/07/2025, that now onwards I shall be known as **OLIVIA MAITY** for all future purposes.

## AFFIDAVIT

By virtue of an affidavit Sl. No. 558, dtd. 10.07.2025 before the Notary, Bhubaneswar, I Payoja Priyadarsini Resident of At-Sanabankihati, Po- Bilasuni, Ps-Niali, Dist- Cuttack, Pin-754004, Odisha I have changed my name from Payaja Priyadarsini to Payoja Priyadarsini for all purposes.

**Sd/- Payoja Priyadarsini**

## CHANGE OF NAME

By virtue of an affidavit sworn before Executive Magistrate, Nabarangpur dtd. 30th July 2025, I, N Vijay Nagendra (New Name), permanent resident of Gadabaguda, Nabarangpur, in the district of Nabarangpur, Odisha, Pin-764059, declare that I have changed my name from **Roshit Kumar** (Old Name) to **N Vijay Nagendra** (New Name). Henceforth, I shall be known as **N Vijay Nagendra** (New Name) for all purposes.

**N Vijay Nagendra**

## AFFIDAVIT

By virtue of an affidavit before the Notary Public, dtd- 28/07/2025. I **Gumani Sahoo,** aged about 85 years, W/o- Late Rushinath Sahoo, At- Dadhapatna, PO/PS- Barang, Dist- Cuttack, Pin- 754005, Odisha have changed my name from **Guna Lata Sahoo** to **Gumani Sahoo.** Henceforth, both the names **Guna Lata Sahoo** and **Gumani Sahoo** is one and same person and I shall be known as **Gumani Sahoo** for all purposes.

## AFFIDAVIT

By virtue of an affidavit Sl. No.- 2099, dtd.31.07.2025 in the court of the Executive Magistrate, Phulbani, Dist.- Kandhamal, I, Subhalata Kanhar, have changed my name from Subhalaxmi Kanhar to Subhalata Kanhar. Henceforth I shall be known as **Subhalata Kanhar** for all purposes.

**Sd/- Subhalata Kanhar**

## AFFIDAVIT

I ALAYANA THIRUPATI, S/o ALAYANA ESWAR, resident of Bharat Nagar colony 1st lane, Bell Road, Po- P.R.Peta, PS- JEYPORE, Dt-Koraput, Odisha - 764 003 declare by this Affidavit No.677, Dated - 31/07/2025,that now onwards I shall be known as A THIRUPATI for all future purpose.

## CHANGE OF NAME

By virtue of an affidavit sworn before The Notary Public, Sunabeda dated 31/07/2025 I, Smt. Jashoda Majhi, W/o Keshaba Majhi, Village - Parata, PO. - Thuba, PS. - Nandapur, District - Koraput declare that I have changed my name from **Yasoda Majhi** to **Jashoda Majhi**. Henceforth, I shall be known as **Jashoda Majhi** for all purposes.

**Jashoda Majhi**

## AFFIDAVIT

By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar,I Srabana Kumar Naik Resident of At-Ganikumpa, Po- Podasahi, Ps-Banigochha, Dist-Nayagarh, Pin- 752089,Odisha I have changed my name from Muna Sahu to Srabana Kumar Naik for all purposes.

**Sd/- Srabana Kumar Naik**

## AFFIDAVIT

I, Mamata Rani Das, W/o- Snehasis Pattanaik, resident of Flat No. 204/A, Trident Galaxy, kalinga Nagar, Ghatikia, Ps- Chandaka, Bhubaneswar, Pin-751030, Dist- Khordha, Odisha declare by this affidavit No. 499, date- 30/07/2025, that now onwards I shall be known as **MAMATA DAS** for all future purposes.

O-517 | Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-03 OF 2025-26 Dates:28.07.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Building works in the district of Kalahandi as mentioned in DTCN
2. Total No of Works : 02No.
3.Estimated Cost : Rs.12.60 lakhs to Rs.13.83 lakhs
4.Period of Completion: : 02 Calendar Month
5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 01.08.2025 At 10.00 AM | 14.08.2025 Up to 5.00 PM | 12.08.2025 Up to 5.00 PM | 16.08.2025 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0025/2526

## LOST

I, **Sandip Kumar Beura,** S/o.: Sulekha Chandra Beura, Village: Raghunathpur, PO.: RK Patna, P.S.: Patkura, Dist.: Kendrapara, state that the Original Regd. Sale Deed No.: 10931204085 dt.10.1.2025 executed by Balaram Parida in favour of Dhaneswar Behera & original ROR Khata No.: 3537/7925 of Mouza: Samagudia favouring Dhaneswar Behera have been lost/ misplaced from my custody and my all attempt to trace/find the same fruitless despite of my best efforts. A Station Diary vide GD No.: 19 dt.2.7.2025 has been made at Kendrapara town police station in this respect on my report. No mortgage/charge/security has been created with any banks/Financial institutions by depositing the said Regd. sale deed & ROR in original for any advance till date. If no objection is received from any concerned within a period of **15 days** from the date of publication of this notice. it will be presumed that the property in question is free from all encumbrances by others.

**(Sri Sandip Kumar Beura)**
**Mob. No.7873759098**

# ୟୁଏଏସ୍ ପୋର୍ଟାଲକୁ ଶିକ୍ଷକଙ୍କ ବିରୋଧ







ଭବାନୀପାଟଣା, ୩୧।୭ (ସମିସ)

କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ୍)କୁ ବିରୋଧ କରାଯାଇଛି। ଏହିମର୍ମରେ ସଦର ବିଇଓ ଆଚାରି ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ମଧୁସୂଦନ ପ୍ରଧାନ ଓ ସମ୍ପାଦକ ପ୍ରଦ୍ୟୁମ୍ନ ହୋତାଙ୍କ ନେତୃତ୍ୱରେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ବ୍ଲକର ୩୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗ ଦେଇଥିଲେ। ସଦର ବ୍ଲକ ଉପ ସଭାପତି ବେଣୁଧର ବିଶ୍ୱାଳ, ଉପଭାନେତ୍ରୀ ସୁପ୍ରଭା ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପିତାମ୍ବର ସାହୁ, ବିଶ୍ୱନାଥ ପଣ୍ଡା, ଶଙ୍କର ବିଶି, ଉପସଭାନେତ୍ରୀ ବସୁମତୀ ସାହୁ, କୋଷାଧ୍ୟକ୍ଷ କୁଞ୍ଜବିହାରୀ ମିଶ୍ର, ବ୍ଲକ ସଂଯୋଜକ ଦୁଷ୍ମନ୍ତ ସାହୁ, ପରାମର୍ଶଦାତା ସୁଶାନ୍ତ ସ୍ୱାଇଁ, ଅରୁଣ ବିଶି, ବାଞ୍ଛାନିଧି ମିଶ୍ର, ପ୍ରଫୁଲ୍ଲ ଠାକୁର, ଜାକିର ମହମ୍ମଦ, ତ୍ରିଲୋଚନ ସାହୁ, ଦୁର୍ଗା ଆଚାରି, ଦାମୋଦର ଚନ୍ଦନ, ନିତ୍ୟାନନ୍ଦ ରଣା, କାଳିନ୍ଦ୍ରି ସ୍ୱାଇଁ, ପ୍ରମୋଦ ମୁଦୁଲି, ବିଶ୍ୱଜିତ୍ ରାଏ, ଜିଲ୍ଲା କୋର୍ କମିଟି ସଦସ୍ୟ ଯୋଗେଶ୍ୱର ମିଶ୍ର ଓ ଅମରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଏକ ବିରାଟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୟୁଏଏସ୍ ପୋର୍ଟାଲକୁ ବିରୋଧ ସହ ଶିକ୍ଷକ ସଂଘ ଦର୍ଶାଇଛି ଯେ, ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପ୍ରୟାସ କରୁଛନ୍ତି ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମାତ୍ର ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ସୁଦୃଢ ନ କରି, ନୂତନ ଶିକ୍ଷକ ନିଯୁକ୍ତି ନ କରି ସରକାର ଅନେକ ଅଣଶୈକ୍ଷିକ କାର୍ଯ୍ୟ ଶିକ୍ଷକମାନଙ୍କ ଉପରେ ଲଦି ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ବିଦ୍ୟାଳୟଗୁଡ଼ିକରେ ଚଳିତ ବର୍ଷରୁ ଶିଶୁ ବାଟିକା ଶ୍ରେଣୀକୁ ନୂତନ ଭାବେ ଯୋଗ କରାଯାଇଛି। ମାତ୍ର ଶିକ୍ଷାଦାନ ପାଇଁ ନୂତନ ଶିକ୍ଷକ ନିଯୁକ୍ତି କରାଯାଇନାହିଁ। ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ନାହାନ୍ତି। ଏହା ବ୍ୟତୀତ ବିଦ୍ୟାଳୟରେ ୟୁଏଏସ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟରେ ୟୁଏଏସ ବ୍ୟବସ୍ଥା କରାଗଲେ ଶିକ୍ଷକମାନେ ଅଧିକାଂଶ ସମୟ ବ୍ୟସ୍ତ ରହିବେ। ଏହାଫଳରେ ଶିକ୍ଷଣ ଓ ଶିକ୍ଷାଦାନ କାର୍ଯ୍ୟ ବ୍ୟାହତ ହେବ। ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ଯେଉଁ ଟାବଲେଟ୍ ଯୋଗାଇ ଦିଆଯାଇଥିଲା ତାହା ଚାର୍ଜ ରଖୁଥିବା ବେଳେ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଶିକ୍ଷକମାନଙ୍କ ପାଖରେ ଯେଉଁ ସେମାନଙ୍କ ବ୍ୟକ୍ତିଗତ ମୋବାଇଲ ରହିଛି ସେମାନେ ନିଜସ୍ୱ ଖର୍ଚ୍ଚରେ ଡାଟା ପ୍ୟାକ୍ ପକାଇ ସରକାର କାର୍ଯ୍ୟ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅନେକ ବିଦ୍ୟାଳୟରେ ବିଦ୍ୟୁତ୍ ନ ଥିବା ବେଳେ ଦିନସାରା ନେଟୱର୍କର ସମସ୍ୟା ଲାଗିରହିଛି। ଭାରତ ବର୍ଷର ସର୍ବନିମ୍ନ ଗ୍ରେଡ୍ ପେ ଏ ହାରରେ ଦରମା ପାଉଥିବା ପ୍ରାଥମିକ ଶିକ୍ଷକମାନଙ୍କୁ ଆର୍ଥିକ ଓ ମାନସିକ ଭାବେ ଚାପଗ୍ରସ୍ତ କରାନଯାଇ ଏହି ସବୁ ଘଟଣାକୁ ସରକାର ବିଚାରକୁ ନେଇ ସମାଧାନ କରିବା ପରେ ୟୁଏଏସ ପୋର୍ଟାଲ ଲାଗୁ କରିବା ପାଇଁ ଶିକ୍ଷକ ସଂଘ ଦାବି କରିଛି।

**ଥୁଆମୂଳ ରାମପୁର:** ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନ ଥାଇ ୟୁଏଏସ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟି ଅଭାବ ବୋଲି ଥୁଆମୂଳ ରାମପୁର ପ୍ରାଥମିକ ଶିକ୍ଷକ ସଂଘ ମଧ କହିଛି। ଥୁଆମୂଳରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସଭାପତି ଅଜିତ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ମା' ମାଣିକେଶ୍ୱରୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବି ପ୍ରଦାନ କରାଯାଇଥିଲା। ଜିଲ୍ଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପ୍ରଧାନ, ବ୍ଲକ ସମ୍ପାଦକ ସୁରେଶ ଚନ୍ଦ୍ର ନାଏକ, ଉପସଭାପତି ସୁବାଷଚନ୍ଦ୍ର ନାଏକ, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ବେହେରା, କୋଷାଧ୍ୟକ୍ଷ ମାଧବ ଚନ୍ଦ୍ର ନାଏକ, ସଂଯୋଜକ ଚୈତନ୍ୟ ନାଏକ, ଅର୍ଣ୍ଣପୂର୍ଣ୍ଣ ବାଗ, ଉପସଭାନେତ୍ରୀ ସୁକାନ୍ତି ନାଏକ, ଜିଲ୍ଲା କୋର୍ କମିଟି ସଦସ୍ୟ ସୁବାଷ ବିଶ୍ୱାଳ, ରାମେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଛାତ୍ରୀକୁ ଅପହରଣ ଅଭିଯୋଗ

**ମନମୁଣ୍ଡା, ୩୧।୭ (ସମିସ):** ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଏହି ଛାତ୍ରୀ ଜଣକ ପଲସାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷର ଛାତ୍ରୀ। ସେ ତାଙ୍କର ଜଣେ ସହପାଠି ସହ ବିଦ୍ୟାଳୟରୁ ସାଇକଲରେ ଘରକୁ ଫେରୁଥିଲେ। ସେହି ସମୟରେ ଏକ ଚାରି ଚକିଆ ଗାଡ଼ି ସେମାନଙ୍କୁ କଣ୍ଟିଆପାଲି ଛକରେ ଅଟକାଇଥିଲା। ଗାଡ଼ିରୁ ୩ ଜଣ ଯୁବକ ବାହାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଝିଅକୁ ଜବରଦସ୍ତ ନେଇ ଗାଡ଼ିରେ ବସାଇଥିଲା। ଏହାପରେ ଗାଡିଟି ଗବଜୋର ଆଡ଼କୁ ପଳାଇଥିଲା। ତାଙ୍କ ସହ ଯାଉଥିବା ସାଙ୍ଗଠାରୁ ନାବାଳିକାଙ୍କ ବାପା ଘଟଣା ସମ୍ବନ୍ଧରେ ଜାଣିବା ପରେ ଥାନାରେ ଏତଲା ଦେଇଛନ୍ତି।

## ଉପଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

**ସୁବଳୟା, ୩୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦରସ୍ଥିତ ମୈତ୍ରୀ ସଦନରେ ନୂତନ ଭାବରେ ଯୋଗ ଦେଇଥିବା ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ସାଂସ୍କୃତିକ ସଂସଦ ପକ୍ଷରୁ ଏହି



ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସ୍ୱୟମ୍ଭୁନାଥ ଖଣ୍ଡଗିରି, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, ଭୂଷଣ ପାତ୍ର, ଡ. ପ୍ରଫୁଲ୍ଲ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। କିଶୋର ହୋତା, ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ, ଶିକ୍ଷକ ଅକ୍ଷୟ ରାୟ, ରାମକୃଷ୍ଣ ହୋତା, ଅଧ୍ୟାପିକା ସନ୍ତୋଷିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମୋନାଲିସା ନନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥଲେ। ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସିନାପାଲି ଅବକାରୀ ଥାନା ରାସ୍ତା କାଦୁଅ ପଚ୍ ପଚ୍

**ସିନାପାଲି, ୩୧।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହରର ଯୁଗେନପଦର ନିକଟ ଅବକାରୀ ଥାନାକୁ ଯିବା ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ହୋଇ ପାରିନାହିଁ। ଏହାଫଳରେ କର୍ମଚାରୀ ତଥା ଜନସାଧାରଣଙ୍କୁ କାଦୁଅ ପଚ୍ ପଚ୍ ରାସ୍ତାରେ ଯିବାକୁ ପଡୁଛି। ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ଅନେକ ପାଣ୍ଠି ରହିଛି; ହେଲେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଯିବା ରାସ୍ତା ଅବ୍ୟବସିତ ହୋଇ ପଡ଼ିରହିଛି।



ଏଥିପ୍ରତି ସ୍ଥାନୀୟ ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉ ନାହାନ୍ତି। ଏଠାରେ ରାଜିବ ଗାନ୍ଧୀ ସେବା ଆଶ୍ରମ ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ରହିଛି। ଏହି ସେବା କେନ୍ଦ୍ରରେ ପଞ୍ଚାୟତ ପକ୍ଷରୁ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଛି; ହେଲେ ଦୀର୍ଘ ବର୍ଷ ହେଲା ରାସ୍ତା କାମ ହୋଇନି। ଫୋରୱେ ମୁଖ୍ୟ ରାସ୍ତାରୁ ଅବକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପକ୍କା ରାସ୍ତା ପାଇଁ ନିର୍ମାଣ ପାଇଁ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଉନି।

## ଆମପାଣି ମଣ୍ଡିରେ ରହିବାକୁ ସିଉନୀ ଗ୍ରାମବାସୀଙ୍କ ଜିଦ୍

**କୋକସରା, ୩୧।୭ (ସମିସ):** କୋକସରା ବ୍ଲକ ବରାଡଙ୍ଗାଠାରେ ନିର୍ମାଣ ହେବାକୁ ଥିବା ନୂତନ ଧାନ ମଣ୍ଡିକୁ ସିଉନୀ ଗ୍ରାମବାସୀ ଅନିଚ୍ଛା ପ୍ରକାଶ କରି ଗୁରୁବାର କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆମପାଣି ଧାନ ମଣ୍ଡିରେ ରହିବା ପାଇଁ ସେମାନେ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ସିଉନୀଠାରୁ ବରାଡଙ୍ଗାକୁ



ଯିବାପାଇଁ ଭଲ ରାସ୍ତା ନାହିଁ। ୩. କିମି ଯିବାକୁ ପଡ଼ିବ। ତେଣୁ ଦେଢ କିଲୋମିଟର ଦୂର ଆମପାଣି ଧାନ ମଣ୍ଡିରେ ସେମାନଙ୍କୁ ସୁବିଧା ହେବ। ନୂତନ ଧାନ ମଣ୍ଡିରେ ସିଉନୀ ଗ୍ରାମର ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେଣୁ ଆମପାଣି ମଣ୍ଡିରେ ହିଁ ରହିବା ପାଇଁ ଚାଷୀମାନେ ଦାବି କରି କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସିଉନୀ ଗ୍ରାମବାସୀଙ୍କୁ ଆମପାଣି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସୁଯୋଗ ଦେବାପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ମଣ୍ଟୁ ଧ.ମାଝୀ, ସୁବାଷ ବେହେରା, ଗୋବିନ୍ଦ ମାଝୀ, ହିମାଞ୍ଚଳ ପୁଝାରୀ, କାର୍ତ୍ତିକ ରାଉତ, ଦେବାନନ୍ଦ ରାଉତ, ମୋହନ ରାଉତ, ଜଗନ୍ନାଥ ପୁଝାରୀ, ନରେନ୍ଦ୍ର ଧ. ମାଝୀ, ସମନ୍ତ ପଣ୍ଡା, ପରମେଶ୍ୱର ଧ.ମାଝୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୨ ରେ ଡାକ ସେବା ବନ୍ଦ

**କେସିଙ୍ଗା, ୩୧।୭ (ସମିସ):** ଅଗଷ୍ଟ ୨ ତାରିଖ ଶନିବାର କେସିଙ୍ଗା ମୁଖ୍ୟ ଡାକଘର ସମେତ ସମସ୍ତ ବ୍ରାଞ୍ଚ ପୋଷ୍ଟ ଅଫିସର ସମସ୍ତ ସେବା ଗୋଟିଏ ଦିନ ପାଇଁ ବନ୍ଦ ରହିବ। ନୂତନ ସଫ୍ଟୱେର ପ୍ରଚଳିତ ହେବ। ତେଣୁ ସାରା ରାଜ୍ୟରେ ଏହା ଇନଷ୍ଟଲ କରାଯିବ। ୪ ତାରିଖରୁ ଡାକ ଘରେ ନୂତନ ସଫ୍ଟୱେର ପ୍ରଚଳନ ହେବ। ଏଣୁ ୨ ତାରିଖ ଦିନ ସହଯୋଗ କରିବା ପାଇଁ କେସିଙ୍ଗା ସବ୍ ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଝାସକେତନ୍ ତ୍ରିପାଠୀ ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି।

## ନାଁକୁ ମାତ୍ର ମେଡିକାଲ କଲେଜ

**ବଲାଙ୍ଗିର, ୩୧।୭ (ସମିସ):** ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲାରେ ହନ୍ତସନ୍ତ ରୋଗୀ। ମେଡିକାଲ କଲେଜ ଡାକ୍ତରଖାନାରେ ଆବଶ୍ୟକ ଚିକିତ୍ସା ନପାଇ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରୋଗୀଙ୍କୁ ଅନେକ ହଇରାଣ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବିବିଏମ୍‌ସିଏଚ୍ ଅଣାନିଆ କରି ରୋଗୀ ସମ୍ପର୍କିୟ ହଇରାଣ ହୋଇଥିବା ବେଳେ ଶେଷରେ ଚିକିତ୍ସା ନକରି ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯିବା



କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ୩୦ ତାରିଖରେ ଖପ୍ରାଖୋଲ ବ୍ଲକ ଲୁହାସିଂହାର ଦୁର୍ଗା ପ୍ରସାଦ କୁଅଁରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା କରାଯିବା ବଦଳରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ମେଡିକାଲ କଲେଜ ଡାକ୍ତରଖାନାର ଦୂରତା ପ୍ରାୟ ୫ ରୁ ୬ କିମି ହେବ। ସେଠାରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କର ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ସିଟି ସ୍କାନ କରିବାକୁ କହିଥିଲେ। ଯାହାକି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ହେବ। ପୁଣି ରୋଗୀ ସମ୍ପର୍କିୟ ତାଙ୍କୁ ନେଇ ଜିଲ୍ଲା ଡାକ୍ତରଖାନାକୁ ଆସିଥିଲେ। ସିଟି ସ୍କାନ କରିବା ପରେ ପୁଣି ମେଡିକାଲ କଲେଜ ଡାକ୍ତରଖାନାକୁ ନେଇ ସେଠାରେ ଡାକ୍ତରଙ୍କୁ ରିପୋର୍ଟ ଦେଖାଇଥିଲେ। ରିପୋର୍ଟ ଦେଖିବା ପରେ ତାଙ୍କର ଚିକିତ୍ସା କରିବା ବଦଳରେ ତାଙ୍କୁ ପୁଣି ବୁର୍ଲା ଭିମସାରକୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲାରେ ଥିବା ମେଡିକାଲ କଲେଜ ଡାକ୍ତରଖାନାରେ ଏ କି ଅବସ୍ଥା। ରୋଗୀମାନଙ୍କ ସିଟିସ୍କାନ, ରକ୍ତ ପାଇଁ ବାରମ୍ବାର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯିବାକୁ ପଡୁଥିବା ବେଳେ ଯିବା ଆସିବା କରି ଉଭୟ ରୋଗୀ ଓ ସମ୍ପର୍କିୟମାନେ ହଇରାଣ ହେଉଛନ୍ତି। ସିଟିସ୍କାନ ଓ ରକ୍ତ ଭଣ୍ଡାର ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇନଥିବାରୁ ଏହିଭଳି ପ୍ରାୟତଃ ରୋଗୀ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏଥରପ୍ରତି ସ୍ୱାସ୍ଥ ବିଭାଗ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବର୍ଷା ହେଲେ ଛାତ୍ରଛାତ୍ରୀ ଜଳବନ୍ଦୀ



**କଲମପୁର, ୩୧।୭ (ସମିସ):** କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ସଦରମହକୁମା କଲୋନୀ ପଡ଼ାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ରହିଛି। ଏହି ସ୍କୁଲରେ ୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ର ସମ୍ମୁଖ ଖାଲୁଆ ହେତୁ ବର୍ଷା ପାଣି ଜମି ରହୁଛି। କଲୋନୀ ପଡ଼ାର ଉଚ୍ଚ ଜାଗାରୁ ଆବର୍ଜନା ପାଣି ସ୍କୁଲ ପରିସର ଦେଇ ଭିତରକୁ ଆସି ଖାଲୁଆ ଜାଗାରେ ଅଟକି ଯାଉଛି। ଠିକ୍ ଭାବେ ଜଳ ନିଷ୍କାସନ ହୋଇ ପାରୁନାହିଁ। ଚତୁଃପାର୍ଶ୍ୱ ଅନାବନା ଗଛରେ ଭର୍ତ୍ତି ହୋଇ ଯାଇଛି। ଦୁର୍ଗନ୍ଧଯୁକ୍ତ ପରିବେଶ ରହୁଛି। ପାଚେରୀ ନ ଥିବା ଫଳରେ ଗାଈଗୋରୁ ଅବାଧରେ ପ୍ରବେଶ କରୁଛନ୍ତି। ସେଠାରେ ଅସାମାଜିକ ଲୋକଙ୍କ ମଧ୍ୟ ଅବାଧରେ ଯିବାଆସିବା ଲାଗି ରହିଛି। ସ୍କୁଲର ଆଗ ଏବଂ ପଛ ପଟ ବଡ଼ ବଡ଼ ଗଛ ରହିବା ଫଳରେ ଶ୍ରେଣୀ କୋଠାଗୁଡିକ ଅନ୍ଧାରୁଆ ରହୁଛି। ଏହାଫଳରେ ବହୁ ମାତ୍ରାରେ ମଶା ଉପଦ୍ରବ ଲାଗି ରହୁଛି। ଏହା ପାଠପଢ଼ାରେ ବାଧକ ସାଜିଛି। ଲଗାଣ ବର୍ଷା ହେଲେ ସ୍କୁଲ ଉପସ୍ଥାନ କମି ଯାଉଛି। ସ୍କୁଲ ପରିବେଶରେ ଯେଉଁ ନଳକୂପ ରହିଛି ଚତୁଃପାର୍ଶ୍ୱ ଅଳିଆ ଆବର୍ଜନା ପାଣି ଜମି ରହୁଥିବାରୁ ନଳକୂପ ପାଣି ମଧ୍ୟ ଦୂଷିତ ହେବା ଆଶଙ୍କା ରହିଛି। ବର୍ଷା ଋତୁରେ ଅସ୍ୱାସ୍ଥ୍ୟକର ପରିବେଶ ହେତୁ ମ୍ୟାଲେରିଆ, ଡାଇରିଆ ଭଳି ଅନେକ ଜଳ ଜନିତ ରୋଗ ହେବା ଆଶଙ୍କା ରହିଛି। ପାଣି ଜମି ରହିବାରୁ ସ୍କୁଲ ପିଲା ସେହି ପାଣିରେ ଖେଳକୁଦ କରି କାଦୁଅ କରି ଦେଉଛନ୍ତି। ସରୀସୃପ ଭୟ ମଧ୍ୟ ଲାଗି ରହୁଛି। ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରକୁ ଯିବାକୁ ରାସ୍ତା ବି ନାହିଁ। ବର୍ଷା ଲାଗି ରହିଲେ ଅଙ୍ଗନବାଡି କେନ୍ଦ୍ର ଛାତରୁ ମଧ୍ୟ ପାଣି ଝରୁଛି। ଏହାଫଳରେ ପିଲାମାନେ ତଳେ ଆଉ ବସି ପାରୁନାହାନ୍ତି। ଠିଆ ହୋଇ ରହୁଛନ୍ତି। ଅନ୍ୟପକ୍ଷେ ପାଚେରି ପାଇଁ ଅଭିଭାବକମାନେ ପଞ୍ଚାୟତ ଏବଂ ବ୍ଲକରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି।

### କଣ୍ଟାବାଞ୍ଜିରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ଭାରିଯାନ ଉପରେ କଟକଣା ନାହିଁ

**କଣ୍ଟାବାଞ୍ଜି, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଦିନକୁ ଦିନ ଭାରିଯାନ ଯୋଗୁଁ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ପ୍ରତ୍ୟେକ ଦିନ ସହର ଭିତକୁ ବଡ ବଡ ଭାରିଯାନ ପ୍ରଶେଷ କରିବା ଯୋଗୁଁ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ସହର ଭିତରୁ ଭାରିଯାନ ପ୍ରଶେଷ କରୁଥିବା ବେଳେ ପ୍ରଶାସନ ସେ ଉପରେ କଟକଣା ଜାରି କରୁନଥିବା ଯୋଗୁଁ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କଣ୍ଟାବାଞ୍ଜି ସହରରେ ବାରମ୍ବାର ଟ୍ରାଫିକ ସମସ୍ୟା ନେଇ ଗଣମାଧ୍ୟମ ରେ ଖବର ହେବାରେ ପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ କଣ୍ଟାବାଞ୍ଜି ସହରରେ କଟକଣା ପାଇଁ ପ୍ରସ୍ତୁତି ଆରମ୍ଭ କରି ଜିଲ୍ଲା ପରିବହନ ବିଭାଗ ପକ୍ଷରୁ କଣ୍ଟାବାଞ୍ଜି ତହସିଲ କର୍ତ୍ତୃପକ୍ଷଙ୍କୁ ସହର ବାହାରେ ଭାରିଯାନ ରଖିବାକ ଜଣି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଯାଇଥିଲା। ଏହାପରେ କଣ୍ଟାବାଞ୍ଜି ସହର ତତ୍କାଳୀନ ତହସିଲଦାର କଣ୍ଟାବାଞ୍ଜି କୁର୍ଲି ନିକଟସ୍ଥ ଧୂବାଘାଟ ଓ କଣ୍ଟାବାଞ୍ଜି କେଭି କଲେଜ ନିକଟରେ ଭାରିଯାନ ରଖିବାକୁ ଗତ ୩ ମାସ ତଳେ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇ ଥିବା ବେଳେ ଆଜିଯାଏ କଣ୍ଟାବାଞ୍ଜି ସହରରେ ଭାରିଯାନ ଚଳାଚଳ ଉପରେ ବଲାଙ୍ଗିର ଜିଲ୍ଲାପାଳ କଟକଣା ଜାରି କରିନାହାଁନ୍ତି। ପ୍ରତ୍ୟେକ ଭାରିଯାନ ଯୋଗୁଁ ଧୂଳି ପ୍ରଦୂଷଣର ଲୋକେ ଶିକାର ହେଉଥିବା ବେଳେ ବିଦ୍ୟାଳୟକୁ ଯାଉଥିବା ଛାତ୍ର ଛାତ୍ରୀ ଓ ସରକାରୀ କର୍ମଚାରୀମାନେ ମଧ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଣ୍ଟାବାଞ୍ଜି ସହରର ଥିବା କିଛି ଅମାନ୍‌ଯୟା ବ୍ୟବସାୟି ରାସ୍ତା ଉପରେ ଗୋଦାମ କରି ମନଇଚ୍ଛା ଭାରିଯାନ ଗୁଡିକୁ



ରାସ୍ତା ଉପରେ ରଖି ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ରାସ୍ତା ଜାମ କରୁଛନ୍ତି। ପ୍ରତ୍ୟେକ ଦିନ ଭାରିଯାନ ଯୋଗୁଁ କାଭା ଦୁର୍ଘଟଣା ଘଟୁଥିବା ନଜର ହେଉଛି। ପୂର୍ବରୁ କଣ୍ଟାବାଞ୍ଜି ପୁଲିସ ପକ୍ଷରୁ ସୋମବାର ଓ ଶୁକ୍ରବାର ସହରରେ ବଜାର ଦିନ ଥିବା ଯୋଗୁଁ ଭାରିଯାନ ଚଳାଚଳ ଉପରେ କଟକଣା କରିଥିବା ବେଳେ ଭାରିଯାନ ମାଲିକମାନେ ପୁଲିସର କଟକଣାକୁ ମଧ ପାଳନ କଲେ ନାହିଁ ନିଜ ମନମୁତାବକ ଦିନ ରାତି ଭାରିଯାନ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ଯଦି କାଭା ଭାରିଯାନ ଯୋଗୁଁ କଣ୍ଟାବାଞ୍ଜି ସହରରେ ଭିତରେ ଯଦି କୌଣସି ବଡ ଦୁର୍ଘଟଣା ଘଟି କାହାର ଜୀବନ ଚାଲିଯାଏ ତେବେ ସେଥି ପାଇଁ ଦାୟୀ କିଏ ହେବ ବୋଲି ବୁଦ୍ଧିଜୀବୀ ମହଳ ରେ ପ୍ରଶ୍ନ ଉଠୁଛି। ତେବେ ବଲାଙ୍ଗୀର ଜିଲ୍ଲାପାଳ ତୁରନ୍ତ ନଜର ଦେଇ କଣ୍ଟାବାଞ୍ଜି ସହର ରେ ଭାରିଯାନ ଉପରେ କଟକଣା ଜାରି କହିବାକୁ ସାଧାରଣରେ ଦାବି ହେଉଛି।

### ୭୨ତମ ଜାତୀୟ ପୁରୁଷ ଓ ମହିଳା କବାଡି ପ୍ରତିଯୋଗିତାରେ ଇତିହାସ ରଚିଲା ଓଡ଼ିଶା

## ବିଜୟୀ ଖେଳାଳିଙ୍କୁ ସମ୍ମାନ ଦେଇପାରିଲାନି ପ୍ରଶାସନ





ନୂଆପଡ଼ା, ୩୧।୭ (ସମିସ)


ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼ରେ ଚାଲିଥିବା ୭୨ତମ ଜାତୀୟ କବାଡି ଟୁର୍ଣ୍ଣାମେଣ୍ଟରେ କୃତିତ୍ୱ ହାସଲ କରି ଓଡ଼ିଶା ଟିମ୍ ଫେରିଛି। ଟିମ୍‌ରେ ସାମିଲ ନୂଆପଡ଼ାର ଖେଳାଳିଙ୍କୁ ଖରିଆରରୋଡ଼ ଓ ନୂଆପଡ଼ାରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଛି। ତେବେ ନୂଆପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ନିରାଶ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ପୂର୍ବାହ୍ନରେ ଟିମ୍‌ର ଖେଳାଳିମାନେ ଖରିଆରରୋଡ଼ ରେଳ ଷ୍ଟେସନରେ ପହଞ୍ଚିଥିଲେ। ଏମାନଙ୍କୁ ସ୍ଥାନୀୟ ଯାଦବ ସମାଜ ତରଫରୁ ସଭାପତି ନବୀରାଜ ଯଦୁ ସଲମାଙ୍କ ନେତୃତ୍ୱରେ ସହରବାସୀ ଫୁଲତୋଡ଼ା, ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ଯାଦବ, ଜୀବନ ଯାଦବ, ଯାଦବ ସମାଜର ପରାମର୍ଶଦାତା ଘନଶ୍ୟାମ ଭୋଇ, କେଶରୱାନୀ ସମାଜ ତରଫରୁ ଶ୍ୟାମ କେଶରୱାନୀ, ପ୍ରକୃତି ପ୍ରେମୀ ମନୋଜ ଡାଗା, ତାଳେଶ୍ୱର ଦେୱାଙ୍ଗନ ପ୍ରମୁଖ ସାମିଲ ଥିଲେ। ଏହା ପରେ ନୂଆପଡ଼ା ଏକତା ମଞ୍ଚ ନିକଟରେ ପୂର୍ବତନ ରାଜ୍ୟ କ୍ରିକେଟ ଆସୋସିଏସନ ଉପସଭାପତି ସରୋଜ ସାହୁ, ସୁଶାନ୍ତ ପତି, ଜିଲ୍ଲା କ୍ରୀଡାଧିକାରୀ ରାଜେନ୍ଦ୍ର ବଢେଇ, ଅଭିନନ୍ଦନ ପଣ୍ଡା ପ୍ରମୁଖ ସ୍ୱାଗତ କରିଥିଲେ।

ଏହି କବାଡି ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶାର ପୁରୁଷ ଓ ମହିଳା ଟିମ୍ ଗସ୍ତ ଗସ୍ତ କରିଥିଲା। ଏଥିରେ ଜିଲ୍ଲାରୁ ୮ ଜଣ ଖେଳାଳି ସାମିଲ ଥିଲେ। ମହିଳା ଟିମ୍‌ରେ ୨ଜଣ ଖେଳାଳି ସାମିଲ ଥିଲେ। ଏଥିରେ ଓଡ଼ିଶା ପୁରୁଷ ଦଳ ତାର ଲିଗ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ ଜାମ୍ମୁ କାଶ୍ମୀରକୁ ୩୯-୧୩ (୨୬ ପଏଣ୍ଟ) ବ୍ୟବଧାନରେ, ରାଜସ୍ଥାନକୁ ୫୧-୧୫ (୩୬ ପଏଣ୍ଟ) ବ୍ୟବଧାନରେ, ଲଦାଖକୁ ୭୫-୦୫ (୭୦ ପଏଣ୍ଟ) ବ୍ୟବଧାନରେ ପରାସ୍ତ କରି ଗ୍ରୁପରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ପ୍ରି-କ୍ୱାର୍ଟର ବିଭାଗରେ ପଶ୍ଚିମବଙ୍ଗକୁ ୨୭-୧୭ (୧୦ ପଏଣ୍ଟ) ବ୍ୟବଧାନରେ, କ୍ୱାର୍ଟରରେ ପଞ୍ଜାବକୁ ୩୭-୧୩ (୨୪ପଏଣ୍ଟ) ବ୍ୟବଧାନରେ ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ମହାରାଷ୍ଟ୍ରଠାରୁ ୨୮-୨୨ (୬ ପଏଣ୍ଟ) ବ୍ୟବଧାନରେ ପରାସ୍ତ ହୋଇଥିଲା। ମହାରାଷ୍ଟ୍ର ଫାଇନାଲ ପର୍ଯ୍ୟାୟରେ ହରିୟାଣାକୁ ୩୫-୩୩ (୦୨ ପଏଣ୍ଟ) ହରାଇ ଚାମ୍ପିଅନ ହୋଇଥିଲା। ଏଥିସହ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରୁଷ ଦଳର ଅଧିନାୟକ ଭାବରେ ଭୂପିନ୍ଦର ରାଉତ ନେତୃତ୍ୱ ନେଇଥିଲେ। ଓଡ଼ିଶା ପୁରୁଷ ଦଳର ପ୍ରଶିକ୍ଷକ ଭାବରେ ପ୍ରେମଚନ୍ଦ ସାହୁ ଓ ମ୍ୟାନେଜର ଓ ଭାବରେ ଦେବେନ୍ଦ୍ର ବାରିକ କାର୍ଯ୍ୟ ତୁଲାଇଥିଲେ। ଓଡ଼ିଶା ଦଳର ଓଡ଼ିଶା ମହିଳା ଦଳ ଲିଗ୍ ପର୍ଯ୍ୟାୟରେ ମହାରାଷ୍ଟ୍ରକୁ ହରାଇ ୩୭-୨୪ (୧୩ ପଏଣ୍ଟ) ବ୍ୟବଧାନରେ, ପଞ୍ଜାବକୁ ହରାଇ ୨୨-୧୪ (୦୮ ପଏଣ୍ଟ) ବ୍ୟବଧାନରେ, ରାଜସ୍ଥାନଠାରୁ ୪୧-୨୧ (୨୦ପଏଣ୍ଟ) ବ୍ୟବଧାନରେରେ ପରାସ୍ତ ହୋଇ ଗ୍ରୁପ୍ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା। ମହିଳା ଦଳର ଅଧିନାୟିକା ଭାବରେ ରଙ୍ଗୋଲି ଦାସ ନେତୃତ୍ୱ ନେଇଥିଲେ। ଓଡ଼ିଶା ମହିଳା ଦଳର ପ୍ରଶିକ୍ଷଣ ସମରେନ୍ଦ୍ର ନାୟକ ଓ ନାରାୟଣ ଜେନା ମ୍ୟାନେଜର ଭାବରେ କାର୍ଯ୍ୟ ତୁଲାଇଥିଲେ।

ତେବେ ନୂଆପଡ଼ା ଭଳି ଜିଲ୍ଲାରୁ ଖେଳାଳିମାନେ ଆଜି ଜାତୀୟ ସ୍ତରକୁ ଗଲେଣି; ହେଲେ ଜିଲ୍ଲା ପ୍ରଶାସନ ତରଫରୁ ଯେଉଁଳି ପ୍ରୋତ୍ସାହନ ମିଳିବା କଥା ତାହା ମିଳି ପାରୁନାହିଁ। ପାରିବାରିକ ସ୍ଥିତିକୁ ଚ୍ୟାଲେଞ୍ଜ କରି ଏମାନେ ନିଜ ଖର୍ଚ୍ଚରେ ଦୂର ଦୁରାନ୍ତକୁ ଖେଳିବାକୁ ଯାଉଛନ୍ତି। ଏଥିପାଇଁ ସରକାର କ'ଣ ଦେଉଛନ୍ତି ଆମେ ଜାଣି ପାରୁନାହୁଁ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଫାଟିଗଲାଣି ଟୁରିଦେଉଳ ଅଙ୍ଗନବାଡି କାନ୍ଥ

**ଶଗଡ଼ା, ୩୧।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବଶରୀ ପଞ୍ଚାୟତ ଟୁରିଦେଉଳ ଅଙ୍ଗନବାଡି କେନ୍ଦ୍ର ଭାଙ୍ଗିଗଲାଣି। କାନ୍ଥ ଫାଟି ଆଁ କରିଛି। କୋମଳମତି ଶିଶୁ ଏଠାରେ ବିପଦସଂକୁଳ ଭାବେ ପଢୁଛନ୍ତି। ଏହି ଅଙ୍ଗନବାଡି ଗୃହଟି ଦୀର୍ଘ ବର୍ଷ ହେବ ମରାମତି ହୋଇନି। ଛାତରୁ ପ୍ଲାଷ୍ଟର ଖସୁଛି। କେତେ ବେଳେ କାନ୍ଥ ଗଳି ପଡ଼ିବ କହିହେବନି। ବର୍ଷା ଦିନେ ଛାତରୁ ପାଣି ଗଳୁଥିବାରୁ କୁନି କୁନି ଶିଶୁମାନେ ବିପଦସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି। ଅଙ୍ଗନବାଡି କର୍ମୀ ଓ ସହାୟିକା ମଧ୍ୟ କାର୍ଯ୍ୟାଳୟ ଭିତରକୁ ଯିବାକୁ ଡରୁଛନ୍ତି। ବର୍ଷା ଦିନେ ପାଣି ପଡ଼ି ପିଲାଙ୍କ ପାଠ୍ୟ ଉପକରଣ, ଚାଉଳ ଆଦି ଅନେକ ଜିନିଷପତ୍ର ନଷ୍ଟ ହେଉଛି। ଅନ୍ୟପଟେ ରୋଷେଇ ଘର ନ ଥିବାରୁ ବାରଣ୍ଡାରେ ରୋଷେଇ କରିବାକୁ ପଡୁଛି। କେନ୍ଦ୍ର ବିପଦସଂକୁଳ ଥିବାରୁ ନିକଟ ବିଦ୍ୟାଳୟରେ କୁନି ଶିଶୁଙ୍କୁ ପାଠ ପଢ଼ା ଚାଲିଛି। ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେହି କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ କହିଛନ୍ତି। ତେବେ ଏ ସମ୍ପର୍କରେ କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ରଙ୍କୁ ପଚାରିବାରୁ କେନ୍ଦ୍ର ବିପଦସଂକୁଳ ଥିବାରୁ ବିଦ୍ୟାଳୟରେ ପାଠ ପଢ଼ା ଚାଲିଛି। କେନ୍ଦ୍ରକୁ ବିପଦସଂକୁଳ ଘୋଷଣା କରାଯାଇ ଖୁବ ଶୀଘ୍ର ନୂତନ କେନ୍ଦ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି।



## ରାସ୍ତା ଖରାପରୁ ଅଧା ବାଟରେ ଫସିଲା ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲା ରୋଗୀ

**ବୌଦ୍ଧ, ୩୧।୭(ସମିସ)**

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଗାଁକୁ ପହଁଞ୍ôଚ ପାରିଲା ନାଇଁ ବିକାଶ। ଏପର୍ଯ୍ୟନ୍ତ ଗାଁ କୁ ନାହିଁ ଖଣ୍ଡିଏ ସ୍ଥାୟୀ ରାସ୍ତା। ଫଳରେ ବିଭିନ୍ନ ସମୟରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଗୁରୁବାର ଆମ୍ବୁଲାନ୍ସ ଅଧା ବାଟରେ କାଦୁଅରେ ଫସିବାରୁ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିଲେ ପରିବାର ଲୋକ। ଏଭଳି ଚିତ୍ର ସାମ୍ନା କୁ ଆସିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଂକୁଳେଇ ପଞ୍ଚାୟତ ହରିହର ପୁର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମରେ ବିଷ୍ଣୁ ପ୍ରଧାନ ଦେହ ଅସୁସ୍ଥ ଥିବାରୁ ଗୁରୁତର ହୋଇଥିଲେ ଫଳରେ ପରିବାର ଲୋକ ଆମ୍ବୁଲାନ୍ସକୁ ଡାକିଥିଲେ ମଧ୍ୟ ରାସ୍ତା ଖରାପ ଥିବାରୁ ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇ ନପାରି ଅଧା ବାଟରେ ଫସି ରହିଥିଲା। ଫଳରେ ଗୁରତର ବ୍ୟକ୍ତିଙ୍କୁ ଖଟିଆରେ ବୋହି ଅଧ ବାଟକୁ ଆଣି ପୁଣି ଷ୍ଟେଚର ସାହାଯ୍ୟରେ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡ଼ିଥିଲା। ଉକ୍ତ ଗାଁ ରାସ୍ତା ସମସ୍ୟା ନେଇ ଗ୍ରାମବାସୀପକ୍ଷରୁ ସ୍ଥାୟୀ ରାସ୍ତା ପାଇଁ ଅନେକଥର ଜନପ୍ରତିନିଧି ଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ରାସ୍ତା ସମସ୍ୟା ଦୂର ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ନୂଆ ଜିଲ୍ଲାପାଳଙ୍କ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ



**ବୌଦ୍ଧ, ୩୧।୭(ସମିସ):** ଗୁରୁବାର ଅପରାହ୍ନରେ ବୌଦ୍ଧ ଠାରେ ନିର୍ମାଣାଧିନ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ। ଶ୍ରୀ ନାୟକ ତିନି ଦିନ ତଳେ ବୌଦ୍ଧ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ପ୍ରଥମ ଥର ବୌଦ୍ଧଗଡ଼ ଏନ୍‌ଏସି ଦ୍ୱାରା ପରିଚାଳିତ ନିର୍ମାଣାଧିନ ବୌଦ୍ଧ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି।

# ୨ ମାସ ପରେ ମରାମତି ହେଲା ନଳକୂଅ

**ଶଗଡ଼ା, ୩୧।୭(ସମିସ) :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ କିର୍ଲା ଗାଁମୁଣ୍ଡରେ ଥିବା ନଳକୂପ ଟି ୨ମାସ ହେବ ଅଚଳ ହୋଇପଡ଼ିଛି। ଗାଁର ୪୫ ପରିବାର ୨୦୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅଚଳ ନଳକୂଅକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତ ଅନ୍ତର୍ଗତ ଡାହିମାଲ ଗ୍ରାମରେ ଥିବା ନଳକୂପ ମଧ୍ୟ ୨ମାସ ହେବ ଅଚଳ ହୋଇ ପଡ଼ିଥିଲେ ସୁଦ୍ଧା ଅଧିକାରୀଙ୍କୁ ଫୋନ କରି ଜଣାଇବା ପରେ ମଧ୍ୟ ମରାମତି କରାଯାଇ ନାହିଁ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୨ ମାସରୁ ଊର୍ଦ୍ଧ୍ୱ ହେବ ୨ଟି ନଳକୂଅ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଉଭୟ ଗ୍ରାମବାସୀ କହିଛନ୍ତି। ଏ ନେଇ'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଉକ୍ତ ଖବରକୁ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ରମେଶ ମେହେର, ବିନୋଜ କନ୍ହେଧର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ଟୁଇଟ କରି ପ୍ରଶାସନ ସହ ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ବିଭାଗ ପକ୍ଷରୁ ଉକ୍ତ ଦୁଇଟି ନଳକୂଅ ମରାମତି କରାଯାଇଛି।



# ବିଦ୍ୟୁତ୍ ସଜାଡ଼ିବା ବେଳେ ଜଣେ ଗୁରୁତର

**ଶଗଡ଼ା, ୩୧।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ସଦର ଗ୍ରାମରେ ବିଦ୍ୟୁତ୍ ତାର ସଜାଡ଼ିବା ବେଳେ ଅଘଟଣ ଗଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ କଣ୍ଟାମାଳ ଥାନା ହାତୀପାଲି ଗ୍ରାମର ଲୋକନାଥ କର୍ମୀ। ଘଣ୍ଟାପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସେ ବିଦ୍ୟୁତ୍ ସଜାଡୁଥିଲେ। ହେଲେ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇ ତଳେ ପଡ଼ି ଯାଇଥିଲେ। ତାଙ୍କୁତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରା ଯାଇଛି।

# ବିପୁଳ ମହୁଲ ପୋଚ ନଷ୍ଟ

**ଶଗଡ଼ା, ୩୧।୭(ସମିସ):** ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ବାଉଁଶୁଣି ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ମହୁଲ ପୋଚ ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ବାଉଁଶୁଣି ଥାନା ନୂଆପଡ଼ା ଗ୍ରାମ ନିକଟରେ ଚଢ଼ଉ କରିଥିଲା। ସେଠାରେ ଦେଶୀ ମଦ ପ୍ରସ୍ତୁତ ପାଇଁ ରଖା ଯାଇଥିବା ୧୬୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୭୬/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ ଅସିତ ପ୍ରଧାନ ସୂଚନା ଦେଇଛନ୍ତି।

# ସାର ଓ କୀଟନାଶ କଳାବଜାର ରୋକିବାକୁ ଚଢ଼ଉ

**କର୍ଲାମୁଣ୍ଡା, ୩୧।୭(ସମିସ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସାର ଓ କୀଟନାଶକ କଳାବଜାର ରୋକିବାକୁ କୃଷି ବିଭାଗ ପକ୍ଷରୁ ଗୁରୁବାର ଅଚାନକ ଚଢ଼ଉ କରାଯାଇଛି। ଏଥିରେ ନର୍ଲା ଜିଲ୍ଲା କୃଷି ଅଧିକାରୀ ଶୁଭେନ୍ଦୁ କର, କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର ସିଂ, ଏଏଓ କୁମାର ଚିରଞ୍ଜିବୀ ପ୍ରମୁଖ ବ୍ଲକର ଜୋରାଡ଼ବରା, କୁଶୁର୍ଲା, ଖଲିଆପାଲି, ଭଟାପଲା, ସାପଲହରା, ଡୁକେରମାଲ, କର୍ଲାମୁଣ୍ଡା ଆଦି ସ୍ଥାନରେ ଥିବା ସାର ଓ କୀଟନାଶକ ଦୋକାନରେ ପହଞ୍ଚି ସମସ୍ତ ପ୍ରକାର କାଗଜପତ୍ର ଯାଞ୍ଚ କରିଛନ୍ତି। ଏହା ସହ ଏକ୍ସପାରୀ ଔଷଧ, ଷ୍ଟକ ରେଜିଷ୍ଟର, ବିକ୍ରି ରେଜିଷ୍ଟର, ସୋର୍ସ ସାର୍ଟିଫିକେଟ, ଚଢା ଦରରେ ବିକ୍ରିର ତନଖି କରିଥିଲେ। ତେବେ ଏହି ଚଢ଼ଉ ସମୟରେ ବିଭିନ୍ନ ଗାଁର ୯ ଜଣ ସାର ଓ କୀଟନାଶକ ବ୍ୟବସାୟୀ ଅସାଧୁ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଛି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଏଏଓ କୁମାର ଚିରଞ୍ଜିବୀ ସୂଚନା ଦେଇଛନ୍ତି।

# ବେପରୁଆ ଚାଳନା ଯୋଗୁଁ ଡାକ୍ତରଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

**ବୀରମହାରାଜପୁର, ୩୧।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସପ୍ନେଶ୍ୱର ବେହେରାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡାକ୍ତର ବେହେରା ରାତିରେ ଦ୍ରୁତବେଗରେ କାର (ଓଡ଼ି ୦୨ ଏସ ୬୬୬୭) ନେଇ ବୀରମହାରାଜପୁର ଚାରିଛକ ପଟୁ ବୀରମହାରାଜପୁର ଡାକ୍ତରଖାନା ଆଡ଼କୁ ଯାଉଥିଲେ। ଦୁର୍ଭାଗ୍ୟକୁ କାରଟି ଭାରସାମ୍ୟ ହରାଇଥିଲା। ତ୍ରିବେଣୀ ଛକ ପାଖ ଟାଉନ୍‌ହଲ ସମ୍ମୁଖ ଏକ ସିମେଣ୍ଟ ଇଲେକ୍ଟ୍ରି ପୋଲ୍‌ରେ ଜୋର୍‌ରେ ପିଟି ହୋଇଯାଇଥିଲା। ଏହାଫଳରେ ଇଲେକ୍ଟ୍ରି ପୋଲଟି ଭାଙ୍ଗି ଯାଇଥିଲା। ସେହିଭଳି ନିକଟରେ ଥିବା ଏକ ଜାମୁ ଗଛରେ କାରଟି ଧକ୍କା ଖାଇଥିଲା। ଅନ୍ୟପକ୍ଷେ ଏକ ମୋଟସାଇକେଲକୁ ଧକ୍କା ଦେଇଥିଲା। ସେଠାରେ ବେଞ୍ଚରେ ଶୋଇଥିବା ଥାନପତି ଭେରାଇଟି ଷ୍ଟୋର ମାଲିକ ଅମୀୟ ଥାନପତିଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯାଇଥିଲେ ମଧ୍ୟ ବର୍ତ୍ତି ଯାଇଛନ୍ତି। ଏହି ଘଟଣା ପରେ ସେଠାରେ ଥିବା ଲୋକେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ବେପରୁଆ ଭାବେ ଦ୍ରୁତ ଗାଡ଼ି ଚାଳନା କରୁଥିବା ଡାକ୍ତରଙ୍କୁ ଗଳିଗୁଲଜ କରିବା ସହ ହାତ ଉଠାଇବାକୁ ପଛାଇ ନ ଥିଲେ। ଖବର ପାଇ ବୀରମହାରାଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଆୟତ୍ତ କରିଥିଲା। ତେବେ ଜଣେ ଡାକ୍ତର ହୋଇଥିବାରୁ ପୁଲିସ ଅନୁକମ୍ପା ଦେଖାଇ ମାମଲା ରୁଜୁ କରିନି। ଏହି ଘଟଣାକୁ ପୁଲିସ ଅତି ହାଲୁକା ଭାବେ ନେଇଛି। ଡାକ୍ତର ଜଣକ ରାତିରେ ମଦ ପିଇ ଗାଡ଼ି ଚାଳନା କରୁଥିଲେ କି ନାହିଁ ପୁଲିସ ତାହା ବି ପରୀକ୍ଷା କରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

# ସଚିବଙ୍କ ବିଭିନ୍ନ ବିଭାଗର ଉନ୍ନୟନ କାମ ସମୀକ୍ଷା

**ବୌଦ୍ଧ, ୩୧।୭(ସମିସ):** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ତଥା ବୌଦ୍ଧ ଜିଲା ନୋଡାଲ ଅଫିସର ଡ. ବିଜୟ କେତନ ଉପାଧାୟ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭାଗୀୟ ସମୀକ୍ଷା କରିଥିଲେ। ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ବିଭୁତି ଭୂଷଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସଭା ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଓଟିଇଟି ପ୍ରଶ୍ନ ପତ୍ର ଲିକ କେଳେଙ୍କାରୀ

# ଶିକ୍ଷକ ପ୍ରଶାନ୍ତ ଖମାରିଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

**ଭବାନୀପାଟଣା, ୩୧ଫ୭(ସମିସ):** ରାଜ୍ୟରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ମାମଲାର କ୍ରାଇମବ୍ରାଞ୍ଚ ଖୋଲତାଡ଼ କରୁଛି। ଇତିମଧ୍ୟରେ କୋରାପୁଟରୁ ୨ଜଣ ଏବଂ କଳାହାଣ୍ଡିରୁ ଜଣକୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଛି। ଏଥିରେ କଳାହାଣ୍ଡି ଜିଲ୍ଲା ଭେଜିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ ଖମାରୀ ରହିଛନ୍ତି। ତାଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଛି। ପ୍ରତିବର୍ଷ ଓଟିଇଟି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହେଉଛି। ଦୃଢ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅସାଧୁ ଶିକ୍ଷକମାନେ ସାହସ ଜୁଟାଇ ଏହି କାରବାରରେ ଲିପ୍ତ ରହି ଟଙ୍କା ରୋଜଗାର କରିଆସୁଛନ୍ତି।



# ଫାଇଲେରିଆ ନିରାକରଣ ସଚେତନତା ଶିବିର

**ତରଭା, ୩୧।୭(ସମିସ):** ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଗୁରୁବାର ଫାଇଲେରିଆ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମ କୁଓ୍ୱର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସିଡିଏମଓ (ପିଏଚଓ) ଯୋବକିମ୍ବସନ୍ ପ୍ରଧାନ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଶୋକ ବାଗ ଏବଂ ସୁରେନ୍ଦ୍ର ସରଭଙ୍ଗ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଫାଇଲେରିଆ ରୋଗ ଓ ନିରାକରଣ ସମ୍ବନ୍ଧରେ ସଚେତନ କରିଥିଲେ। ଶିକ୍ଷକ ବିକ୍ରମ କେଶରୀ ଭୋଇ, ପ୍ରଦୀପ ପଟେଲ, ମନୋଜ ମେହେର, ସ୍ୱାଗତିକା ପଧାନ, ରାକେଶ ଭୋଇ, ସୂର୍ଯ୍ୟପ୍ରକାଶ ମହାନ୍ତି, ବିଦ୍ୟାଳୟର ଷ୍ଟାଫ ନର୍ସ ଜ୍ୟୋତିର୍ମୟୀ ନାୟକ ସହଯୋଗ କରିଥିଲେ।



# ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ସମ୍ମିଳନୀ

**ବୌଦ୍ଧ, ୩୧।୭(ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବୀନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶେଷଦେବ ବଡେଇ, ମଙ୍ଗଳ ସିଂ ଯୋଗ ଦେଇଥିଲେ। ବସନ୍ତ କର, ବଳରାମ ସାହୁ, ଅଶ୍ୱିନୀ ପ୍ରଧାନ, ହୃଦାନନ୍ଦ ମେହେର, ପ୍ରମୋଦ ଚାନ୍ଦ, ପ୍ୟାରୀମୋହନ ଶତପଥୀ ଓ ଗୀତା ମେହେର, ଡ. ପ୍ରବୀର ଦାସ, ଶୁଭେନ୍ଦୁ ମହାକୁଡ, ତାରେଣୀ ପ୍ରଧାନ, କୈବଲ୍ୟ ପ୍ରଧାନ, ନାରାୟଣ ପ୍ରଧାନ, ନିରଞ୍ଜନ ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଭାବକ-ଶିକ୍ଷକ ବୈଠକ





**ବୌଦ୍ଧ, ୩୧।୭(ସମିସ)**

ଡୁକୁଲୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ବାମଦେବ ଦାଶଙ୍କ ଉଦ୍ୟମରେ ବିଦ୍ୟାଳୟ ତଥା ଶିକ୍ଷାଦାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ନିମନ୍ତେ ସ୍ଥାନୀୟ ବେସରକାରୀ ସଂସ୍ଥା ସହଯୋଗରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପଠନ ଲିଖନ ସାମଗ୍ରୀ ବର୍ଣ୍ଣବୋଧ ବହି, ଖାତା, ପେନ, ପେନସିଲ, ରବର ଓ ଚକୋଲେଟ ବଣ୍ଟନ କରାଯାଇଥିଲା। ଉପସ୍ଥିତ ସମସ୍ତ ଅଭିଭାବକ ଧନ୍ୟବାଦ ପ୍ରଦାନ କରିବା ସହିତ ଆନନ୍ଦ ମନରେ ପ୍ରତିଦିନ ନିଜର ସନ୍ତାନ ସନ୍ତତିମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଶପଥ ପାଠ କରିଥିଲେ। ସେହିଭଳି ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟରେ ଶିକ୍ଷକ ଅବିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାଗତ ଭାଷଣ ଓ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅଧ୍ୟାପକ ପ୍ରସନ୍ନ କୁମାର ଶତପଥି କହିଥିଲେ। ଶ୍ରୀ ଶତପଥି ଛାତ୍ର ଛାତ୍ରୀମାନେ କ୍ଲାସ୍ ଶେଷ ହେବା ପର୍ଯ୍ୟନ୍ତ ରହୁନଥିବାରୁ ଅବିଭାବକମାନେ ଏଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।ଇଂରାଜୀ ଅଧ୍ୟାପକ ଧ୍ରୁବ ଚରଣ ପାଣିଗ୍ରାହୀ, ଶିକ୍ଷା ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ ଅଧ୍ୟାପିକା ଲିପାରାଣୀ, ସୋନାଲି ପ୍ରଧାନ ମଞ୍ଚାସୀନ ଥିଲେ। ଅଭିଭାବକ ସୁଧାଂଶୁ ଶେଖର ମିଶ୍ର ଓଡ଼ିଆ ଅଧ୍ୟାପକ ପଦବୀ ଖାଲିଥିବା, ରୁଟିନ ହିସାବରେ କ୍ଲାସ ହେଉନ ଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ରାମଚନ୍ଦ୍ର ନାଏକ, ସତ୍ୟ ରଞ୍ଜନ ନାଏକ, ସତ୍ୟବାଦୀ ସାହୁ, ସୁରେଶ ବେହେରା, ବୈଶାଖୁ ପ୍ରଧାନ, ସୁରେଶ କହଁର ପ୍ରମୁଖ ଆଲୋଚନା ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ସୁବାଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣପତି ଆଦର୍ଶ ଶିକ୍ଷା ନିକେତନ, ମା' ମାହେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାରାରୋପଣ

**ସୁବଲୟା/ବୀରମହାରାଜପୁର, ୩୧।୭ (ସମିସ):** ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷା ନିକେତନ ପରିଶେଷରେ ଗୁରୁବାର ଚାରୋରୋପଣ କରାଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶାନ୍ତାନୁ ମହାକୁର ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଅତିଥିଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏଥିରେ ବିଦ୍ୟାଳୟର ୪୩୨ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଶିକ୍ଷକ ବ୍ୟମକେଶ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଉଁଶୁଣୀ:** ସ୍ଥାନୀୟ ମା' ମାହେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ସହଯୋଗରେ ଚାରାରୋପଣ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ଡକ୍ଟର ଉମାକାନ୍ତ ବିଶ୍ୱାଳ, ନବକିଶୋର ସ୍ୱାଇଁ, ଡାକ୍ତର ପ୍ରିୟବ୍ରତ ବେହେରା, ସୁନିଲ ବଘାର ପ୍ରମୁଖ ଉପସ୍ଥିତ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୫ ● ପାଉଣ୍ଡ ୧୧୬.୫୪
- ୟୁରୋ ୧୦୦.୧୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୧୮୫.୦୦
- ନିଫ୍ଟି ୨୪,୭୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ୟେଲେ ୟୁନିଭର୍ସିଟି ରିପୋର୍ଟ** | ଟ୍ରମ୍ପ୍ ଶୁଳ୍କରେ ଫସିବ ଖୋଦ୍ ଆମେରିକା

# ଆମେରିକାରେ ଘର ପିଛା ଆୟ ୨ ଲକ୍ଷ ହ୍ରାସ ପାଇବ

ୱାଶିଂଟନ୍,୩୧।୭



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରି ନିଜକୁ ଖୁଓିକରିପାରନ୍ତି, କିନ୍ତୁ ଏହି ନିଷ୍ପତ୍ତି ଆମେରିକୀୟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହାର ପ୍ରଭାବରେ ଆମେରିକାର ପ୍ରତ୍ୟେକ ପରିବାରର ଆୟ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇପାରେ। କେବଳ ଏତିକି ନୁହେଁ, ଦେଶରେ ଆର୍ଥିକ ମାନ୍ଦାବସ୍ଥା ଏବଂ ଚାକିରି ହରାଇବାର ଭୟ ମଧ୍ୟ ରହିଛି। ୟେଲେ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଏହା ଉପରେ ଚିନ୍ତା ପ୍ରକାଶ କରାଯାଇଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଭାରତ ଏବଂ ଦକ୍ଷିଣ କୋରିଆ ଭଳି ସହଯୋଗୀ ଦେଶଗୁଡ଼ିକ ଉପରେ ଅଧିକ ଶୁଳ୍କ ଲାଗୁ କରିବା ଦ୍ୱାରା ଆମେରିକୀୟମାନଙ୍କୁ ବହୁତ କ୍ଷତି ହେବ, ଯାହା ଘରୋଇ ଭାବେ ଖର୍ଚ୍ଚ ବୃଦ୍ଧି କରିବ ଏବଂ ଆର୍ଥିକ ଅଭିବୃଦ୍ଧିକୁ ମନ୍ଥର କରିବ।

ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ପ୍ରତ୍ୟେକ ଆମେରିକୀୟ ପରିବାରର ଆୟ ହାରାହାରି ୨୪୦୦ ଡଲାର (ପ୍ରାୟ ୨ ଲକ୍ଷ ଟଙ୍କା) ହ୍ରାସ ପାଇପାରେ। ଆମେରିକୀୟମାନଙ୍କ ପାଇଁ ଏହି କ୍ଷତି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ଯୋଗୁଁ ହେବ, ଯାହା ବାଣିଜ୍ୟ ଶୁଳ୍କ ଯୋଗୁଁ ମହଙ୍ଗା ହୋଇଯିବ। ରିପୋର୍ଟରେ ଅନୁମାନ କରାଯାଇଛି ଯେ ଆମେରିକାର ଫେଡେରାଲ୍ ରିଜର୍ଭ ଏହି ମୁଦ୍ରାସ୍ଫୀତିକୁ ରୋକିବା ପାଇଁ କୌଣସି ପଦକ୍ଷେପ ନେବ ନାହିଁ, ତେଣୁ କ୍ଷତି ମୁଦ୍ରାସ୍ଫୀତି ଯୋଗୁଁ ହେବ, କମ ମଜୁରୀ ଯୋଗୁଁ ନୁହେଁ। ୟେଲେ ଗବେଷକଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଶୁଳ୍କ ଦ୍ୱାରା ପ୍ରଭାବିତ ଉତ୍ପାଦଗୁଡ଼ିକ ଉପରେ ହାରାହାରି ଶୁଳ୍କ ୧୮.୪% ବୃଦ୍ଧି ପାଇଛି, ଯାହା ୧୯୩୦ ପରଠାରୁ ସର୍ବାଧିକ।। ଗରିବମାନେ ସବୁଠାରୁ ଅଧିକ ପ୍ରଭାବିତ ହେବେ ଶୁଳ୍କ ଆମେରିକାର ଗରିବ ପରିବାରଗୁଡ଼ିକୁ ସବୁଠାରୁ ଅଧିକ ପ୍ରଭାବିତ କରିବ। କାରଣ ଶୁଳ୍କ ଯୋଗୁଁ ଜୋତା, ବ୍ୟାଗ, ପୋଷାକ, ଔଷଧ ଏବଂ ଖାଦ୍ୟ ସାମଗ୍ରୀ ଭଳି ଅତ୍ୟାବଶ୍ୟକୀୟ ଜିନିଷ ମହଙ୍ଗା ହେବ। ଧନୀ ପରିବାରଗୁଡିକ ଡଲାରରେ ଅଧିକ କ୍ଷତି ସହିବେ, କିନ୍ତୁ ଗରିବଙ୍କ ବୋଝ ସେମାନଙ୍କ ଆୟ ଅନୁପାତରେ ବହୁତ ଅଧିକ ହେବ। ହାରାହାରି ଗରିବ ପରିବାରଗୁଡିକ ୧,୩୦୦ ଡଲାର (୧ ଲକ୍ଷ ଟଙ୍କାରୁ ଅଧିକ) ଅର୍ଥ ହରାଇବେ, ଯାହା ଧନୀମାନଙ୍କ ତୁଳନାରେ ତିନି ଗୁଣ ଅଧିକ। ଧନୀ ପରିବାରଗୁଡିକ ୫,୦୦୦ ଡଲାର ହରାଇବେ ବୋଲି ରିପୋର୍ଟରେ ଆକଳନ କରାଯାଇଛି, କିନ୍ତୁ ଏହା ସେମାନଙ୍କ ପାଇଁ ବହୁତ ପ୍ରଭାବଶାଳୀ ହେବ ନାହିଁ।

- ଆର୍ଥିକ ମାନ୍ଦାବସ୍ଥା ସହ ବେକାରି ସମସ୍ୟା ବଢ଼ିବ
- ଖାଦ୍ୟ ସାମଗ୍ରୀର ମୂଲ୍ୟ ୭% ବଢ଼ିବ

ଆହୁରିମଧ୍ୟ ଶୁଳ୍କ ପ୍ରଭାବରେ ଆମେରିକାରେ ଜୋତା ଏବଂ ବ୍ୟାଗ ଭଳି ଚମଡା ସାମଗ୍ରୀର ମୂଲ୍ୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ପୋଷାକର ମୂଲ୍ୟ ୩୮% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଖାଦ୍ୟ ସାମଗ୍ରୀର ମୂଲ୍ୟ ୭% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସରଳ ଶବ୍ଦରେ କହିବାକୁ ଗଲେ, ଟ୍ରମ୍ପଙ୍କ ଶୁଳ୍କ ସାଧାରଣ ଆମେରିକୀୟ ପରିବାରଗୁଡିକର ପାଇଁ ଜୀବନକୁ ବହୁତ ମହଙ୍ଗା କରିପାରେ, ବିଶେଷକରି ଯେଉଁମାନେ ପୂର୍ବରୁ ଆର୍ଥିକ ସମମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ଆମେରିକାରେ ମାନ୍ଦାବସ୍ଥା ଏବଂ ଚାକିରି ପ୍ରତି ବିପଦ

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଶୁଳ୍କର ପ୍ରଭାବ କେବଳ ମୁଦ୍ରାସ୍ଫୀତି ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ସମଗ୍ର ଆମେରିକୀୟ ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିବ। ଯଦି ଏହି ଶୁଳ୍କ ଜାରି ରହେ, ତେବେ ୨୦୨୫-୨୬ ରେ ଆମେରିକାର ଜିଡିପି ଅଭିବୃଦ୍ଧି ୦.୫% ହ୍ରାସ ପାଇପାରେ ଏବଂ ବର୍ଷ ଶେଷ ସୁଦ୍ଧା ୫ ଲକ୍ଷ ଲେଶକ ଚାକିରି ହରାଇପାରନ୍ତି। ୨୦୨୫ ରେ ବେକାରି ହାର ୦.୩% ବୃଦ୍ଧି ପାଇବାର ଆଶା କରାଯାଉଛି ଏବଂ ଏହି ଚାପ ୨୦୨୬ ପର୍ଯ୍ୟନ୍ତ ରହିପାରେ। ଏକ ପୃଥକ ରିପୋର୍ଟରେ, ଜେପି ମୋର୍ଗାନ୍ ମଧ୍ୟ ନିଶ୍ଚିତ କରିଛି ଯେ ଶୁଳ୍କ ମୁଦ୍ରାସ୍ଫୀତି ବୃଦ୍ଧି କରୁଛି, ଗ୍ରାହକ ଚାହିଦା ହ୍ରାସ କରୁଛି ଏବଂ ଜିଡିପି ଅଭିବୃଦ୍ଧିକୁ ମନ୍ଥର କରୁଛି। ଯଦିଓ ଶୁଳ୍କ ୨୦୨୫ରେ ସରକାରଙ୍କୁ ଆନୁମାନିକ ୧୬୭.୭ ବିଲିୟନ ଡଲାର ରାଜସ୍ୱ ଦେବ, ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ କ୍ଷତି ବହୁତ ଅଧିକ ହୋଇପାରେ।

- ଟ୍ରମ୍ପଙ୍କ ୨୫% ଶୁଳ୍କକୁ ବାଣିଜ୍ୟ ଓ ଶିଳ୍ପ ସଂଘର ତୀବ୍ର ବିରୋଧ

## ଭାରତରେ ଚାଲିବ ବଏକଟ୍ ଆମେରିକା କ୍ୟାମ୍ପେନ୍

**ନୂଆଦିଲ୍ଲୀ,୩୧।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ୨୫% ଅତିରିକ୍ତ ଶୁଳ୍କ ଲଗାଇବାକୁ ଏବେ ଦେଶର ବ୍ୟବସାୟିକ ସଂଗଠନଗୁଡ଼ିକ ତୀବ୍ର ବିରୋଧ କରି ଏକ ମୋର୍ଚ୍ଚା ଖୋଲିଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ଗୁରୁବାର ଏହି ପଦକ୍ଷେପକୁ କଡ଼ା ସମାଲୋଚନା କରିଛି ଏବଂ କହିଛି ଯେ ଏହାଦ୍ୱାରା ପ୍ରତିବର୍ଷ ଭାରତକୁ ପ୍ରାୟ ୭ ବିଲିୟନ ଡଲାରର ଆର୍ଥିକ କ୍ଷତି ହୋଇପାରେ। ଏହା ସହିତ, ସିଟିଆଇ ଚେତାବନୀ ଦେଇଛି ଯେ ଯଦି ନିଷ୍ପତ୍ତି ପ୍ରତ୍ୟାହାର ନ କରାଯାଏ, ତେବେ ଭାରତରେ ଆମେରିକୀୟ ସାମଗ୍ରୀ ବିରୋଧରେ ପ୍ରତିବାଦ ଆରମ୍ଭ ହେବ। ଏପରିକି ବଏକଟ୍ ଆମେରିକା କ୍ୟାମ୍ପେନ୍ ଆରମ୍ଭ କରିବାକୁ ସଂଘ ଧମକ ଦେଇଛି।

ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଏବଂ ସାଧାରଣ ସମ୍ପାଦକ ଗୁରମୀତ ଆରୋରା କହିଛନ୍ତି ଯେ ଭାରତ ଧାତୁ, ମୁକ୍ତା, ପଥର, ଚମଡା, ରାସାୟନିକ, ବୟନଶିଳ୍ପ, ଇଲେକ୍ଟ୍ରୋନିକ୍, ବୈଦ୍ୟୁତିକ, ମସଲା, ଯନ୍ତ୍ରପାତି ଅଂଶ, ଔଷଧ ଏବଂ ଚାଉଳ ଭଳି ଅନେକ ଉତ୍ପାଦ ଆମେରିକାକୁ ପଠାଏ। ଏବେ ୨୫% ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ଏହି ସମସ୍ତ ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇବ, ଯାହା ରପ୍ତାନି ହ୍ରାସ କରିପାରେ। ଏହା ଭାରତୀୟ ବ୍ୟବସାୟୀ ଏବଂ କାରଖାନାକୁ ପ୍ରଭାବିତ କରିବ। ଗୋୟଲ କହିଛନ୍ତି ଯେ ବିଶେଷକରି ଦିଲ୍ଲୀରୁ ବହୁ ପରିମାଣର ସାମଗ୍ରୀ ଆମେରିକାକୁ ଯାଏ। ବର୍ତ୍ତମାନ ରପ୍ତାନି ଅର୍ଡରକୁ ନେଇ ଦ୍ୱନ୍ଦ୍ୱ ରହିଛି। ପୂର୍ବ ହାରରେ ଅନେକ ଅର୍ଡର ପଠାଯାଇଛି ଯାହା ଏବେ ଜାରି ହେଉଛି। ଏପରି ପରିସ୍ଥିତିରେ, ଦେୟକୁ ନେଇ ଦ୍ୱନ୍ଦ୍ୱ ରହିଛି। ବ୍ୟବସାୟୀ ଏବଂ ନିର୍ମାତା ଉଭୟ ଅନିଶ୍ଚିତତାର ବାତାବରଣରେ ଅଛନ୍ତି।

ସିଟିଆଇର ବରିଷ୍ଠ ଉପାଧ୍ୟକ୍ଷ ଦୀପକ ଗର୍ଗ ଏବଂ ଉପାଧ୍ୟକ୍ଷ ରାହୁଲ ଆଡାଲଖା କହିଛନ୍ତି ଯେ ଚାମ୍ବର ଖୁବ୍ ଶୀଘ୍ର ବାଣିଜ୍ୟ ସଂଗଠନଗୁଡ଼ିକ ସହିତ କଥା ହେବ ଏବଂ ଆମେରିକୀୟ ଉତ୍ପାଦ ବିରୋଧରେ ଏକ ଅଭିଯାନ ଆରମ୍ଭ କରିବ। ଯେପରି ଚୀନ୍ ସାମଗ୍ରୀ ଭାରତ ଛାଡିବା ଅଭିଯାନ ପ୍ରଭାବ ଦେଖାଇଛି, ସେହିପରି ପର୍ବପର୍ବାଣୀ ସମୟରେ ଆମେରିକୀୟ ସାମଗ୍ରୀ ବର୍ଜନ ମଧ୍ୟ ବଡ଼ ପରିମାଣରେ ଦେଖିବାକୁ ମିଳିବ। ସେ କହିଛନ୍ତି ଯେ ଭାରତରେ ଆମେରିକାରୁ ଆସୁଥିବା ପାନୀୟ, ୱେଫର୍, ଖାଦ୍ୟ ଶୃଙ୍ଖଳା ଏବଂ ଅନ୍ୟାନ୍ୟ ସେବା ପାଇଁ ଏକ ବଡ଼ ବଜାର ଅଛି। ସିଟିଆଇ ଏହି ସମସ୍ତ ବ୍ରାଣ୍ଡକୁ ବିରୋଧ କରିବା ପାଇଁ ଏକ ରଣନୀତି ଉପରେ କାମ କରୁଛି। ସିଟିଆଇ ଭାରତ ସରକାରଙ୍କୁ ଆମେରିକା ସମ୍ମୁଖରେ ତୁରନ୍ତ ପ୍ରଭାବରେ ଏହି ୨୫% ଶୁଳ୍କ ପ୍ରତ୍ୟାହାର କରିବାର ଦାବି ଦୃଢ଼ ଭାବରେ ଉପସ୍ଥାପନ କରିବାକୁ ଅନୁରୋଧ କରିଛି।

## ଡକ୍ଟର ବି କେ ମିଶ୍ର ଇମ୍ଫାର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ



**ଭୁବନେଶ୍ୱର, ୩୧।୭ (ସମିସ):** ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା), ଦେଶର ପ୍ରମୁଖ ଫେରୋ ଆଲୟଜ୍ ଉତ୍ପାଦକ ଡକ୍ଟର ବି କେ ମିଶ୍ରଙ୍କୁ କମ୍ପାନୀର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛି। ଡ. ବି କେ ମିଶ୍ର ଏନ ଆଇ ଟି ରାଉରକେଲାର ଜଣେ ମେଟାଲର୍ଜିକାଲ୍ ଇଞ୍ଜିନିୟର ଏବଂ ଯୁକ୍ତରାଷ୍ଟ୍ରର ଉତ୍ସାହ ବିଶ୍ୱବିଦ୍ୟାଳୟ ରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି। ସେ ଆଇ ଆଇ କାନପୁରରେ ପାଠପଢ଼ା କରିଥିଲେ ଏବଂ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପ୍ରମୁଖ ପଦବୀରେ ରହିଥିଲେ ଏବଂ ମାର୍ଚ୍ଚ ୨୦୨୪ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ। ଡ. ମିଶ୍ର ଧାତୁ ବିଜ୍ଞାନ, ବସ୍ତୁ ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଅନେକ ପୁରସ୍କାର ପାଇଛନ୍ତି, ଯେଉଁଥିରେ ଶିକ୍ଷା, ଗବେଷଣା ଏବଂ ସମାଜରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠିତ ଆଇ ଇ ଇ ଇ ଆଇ ଏ ଏସ୍ ଗ୍ଲୋବାଲ୍ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ମଧ୍ୟ ଅନ୍ତର୍ଭୁକ୍ତ। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଏକ ବିଶିଷ୍ଟ କ୍ୟାରିୟର ପରେ, ମହାନ୍ତି ୨୦୦୫ରେ ଜଣେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ଜୁଲାଇ, ୨୦୨୧ ରେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ଏହି ନିଯୁକ୍ତି ଉପରେ ମତାମତ ଦେଇ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି ଡ. ମିଶ୍ର ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି, ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନକୁ ଅପେକ୍ଷା।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରଥମ ତିନିମାସରେ ୨,୨୫୨ କୋଟି ଟଙ୍କା ନେଟ୍ ଲାଭ

**ଭୁବନେଶ୍ୱର,୩୧।୭ (ସମିସ):** ବ୍ୟାଙ୍କ ଅଫ୍ ଇଣ୍ଡିଆର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ଏଥିରେ ଶତକଡା ୩୨ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୨,୨୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ଶତକଡା ୯ ପ୍ରତିଶତକୁ ବୃଦ୍ଧି ପାଇ ୪, ୦୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଆର୍‌ଓଏ ଶତକଡା ୦.୮୨ ପ୍ରତିଶତ ଏବଂ ଆର୍‌ଓଇ ଶତକଡା ୧୩.୫୫ ପ୍ରତିଶତ ରହିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଗ୍ଲୋବାଲ କ୍ଷେତ୍ରରେ ଶତକଡା ୨.୫୫ ପ୍ରତିଶତ ଏବଂ ଘରୋଇ କ୍ଷେତ୍ରରେ ଶତକଡା ୨.୮୨ ପ୍ରତିଶତ ରହିଛି। ବ୍ୟାଙ୍କର ଗ୍ଲୋବାଲ ଅଗ୍ରୀମ ଶତକଡା ୧୨.୦୨ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ଘରୋଇ ଅଗ୍ରୀମ ଶତକଡା ୧୧.୨୪ ପ୍ରତିଶତକୁ ବୃଦ୍ଧି ପାଇଛି। ବ୍ୟାଙ୍କର ଖୁଚୁରା ଅଗ୍ରୀମରେ ଶତକଡା ୨୦ ପ୍ରତିଶତ ବୃଦ୍ଧି ଘଟିଛି ଏବଂ ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଅଗ୍ରୀମ କ୍ଷେତ୍ରରେ ଯଥାକ୍ରମେ ଶତକଡା ୧୭ ଏବଂ ୧୨ ପ୍ରତିଶତ ବୃଦ୍ଧି ଘଟିଛି। ବ୍ୟାଙ୍କର ଜମା ଶତକଡା ୯.୦୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଘରୋଇ ଜମା ଶତକଡା ୯.୬୨ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ଶତକଡା ୨.୫୦ ପ୍ରତିଶତ ଏବଂ ଶତକଡା ୩୯.୮୮ ପ୍ରତିଶତ ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୪ ବିପିଏସ୍ ବୃଦ୍ଧି ପାଇ ଶତକଡା ୦.୭୫ ପ୍ରତିଶତରେ ପହଞ୍ଚିଛି।

## କ୍ରେଡାଇ ଓଡ଼ିଶାର ସାଧାରଣ ପରିଷଦ ବୈଠକ ଆଜି

ଭୁବନେଶ୍ୱର, ୩୧।୭ (ସିମସ)

କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭ୍‌ଲପର୍ସ ଆସୋସିଏସନ୍ସ ଅଫ ଇଣ୍ଡିଆ (କ୍ରେଡାଇ) ଓଡିଶା ପକ୍ଷରୁ ଏହାର ଏକ୍ସଟ୍ରାଅଡିନାରୀ ଜେନେରାଲ ବଡି ମିଟିଂ (ଇଜିଏମ) ୨୦୨୫ର ଆୟୋଜନ କରାଯିବ, ଯାହା ରିଅଲ ଇଷ୍ଟେଟ କ୍ଷେତ୍ର ଓ ଓଡିଶାର ସାମଗ୍ରିକ ବିକାଶ ମଧ୍ୟରେ ଶକ୍ତିଶାଳୀ ଓ ମିଳିତ ସମ୍ପର୍କ ଉପରେ ଗୁରୁତ୍ୱ ଦେବ। ଏହି କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ରିଅଲ ଇଷ୍ଟେଟ କିଭଳି ଓଡିଶାର ଆର୍ଥିକ ରୂପାନ୍ତରଣ ପାଇଁ ଏକ ଉତ୍‌ପ୍ରେରକ ଭାବେ କାର୍ଯ୍ୟ କରିପାରିବ ତାହା ଉପରେ ଆଲୋଚନାରେ ପ୍ରମୁଖ ହିତାଧିକାରୀ, ନୀତିନିର୍ମାତା ଓ ଅଗ୍ରଣୀ ଡେଭ୍‌ଲପରମାନଙ୍କୁ ନିୟୋଜିତ କରିବା ପାଇଁ ଏହି ଇଜିଏମ ଏକ ରଣନୈତିକ ମଞ୍ଚ ଭାବେ କାର୍ଯ୍ୟ କରିବ। ନୀତିଗୁଡିକୁ କାର୍ଯ୍ୟକାରୀ କରିବା ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ନିଜର ସକ୍ରିୟ ଭୂମିକା ପାଇଁ ପରିଚିତ କ୍ରେଡାଇ ଓଡିଶା ଏହି ବୈଠକକୁ ରାଜ୍ୟର 'ବିକଶିତ ଓଡିଶା' ଲକ୍ଷ୍ୟ ସହ ଜଡିତ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ କରୁଛି। ଏ ସମ୍ପର୍କରେ କ୍ରେଡାଇ ଓଡିଶାର ଅଧ୍ୟକ୍ଷ ସ୍ୱଦେଶ ରାଉତରାୟ କହିଛନ୍ତି, ଓଡିଶାର ରିଅଲ ଇଷ୍ଟେଟ କ୍ଷେତ୍ର ଏକ ସୁବର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଥିବା ବେଳେ, ଭୁବନେଶ୍ୱର-କଟକ- ପୁରୀ କରିଡର ଏକ ଜାତୀୟ ହଟସ୍ପଟରେ ପରିଣତ ହୋଇଛି। ଆମର ଧ୍ୟାନ ଦାୟିତ୍ୱପୂର୍ଣ୍ଣ ବିକାଶ, ଉନ୍ନତ ଭିତିଭୂମି ଓ ସହାୟକ ନୀତି ନିର୍ଦ୍ଧାରଣ ମାଧ୍ୟମରେ ଏହି ଅଭିବୃଦ୍ଧିକୁ ଆଗକୁ ବଢାଇବା ଉପରେ ରହିଛି।

- ଯୋଗଦେବେ ରାଜ୍ୟପାଳ

## ଓଡ଼ିଶା ସମେତ ୬ ରାଜ୍ୟର ୪ଟି ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୩୧।୭ (ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ ମନ୍ତ୍ରଣାଳୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏସବୁ ପ୍ରକଳ୍ପ ପାଇଁ ୧୧,୧୬୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ରେଳ ପ୍ରକଳ୍ପ ଗୁଡ଼ିକ ହେଲା: ଇଟାର୍ସି-ନାଗପୁର ଚତୁର୍ଥ ଲାଇନ, ଛତ୍ରପତି ଶମ୍ଭାଜିନଗର (ଔରଙ୍ଗାବାଦ)-ପରଭଣୀ ଲାଇନ ଦୋହରୀକରଣ, ଆଲୁଆବାରି ରୋଡ୍-ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ, ଡାଙ୍ଗପୋଷୀ-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ । ଏହାଦ୍ୱାରା ଓଡ଼ିଶା ସମେତ ୬ଟି ରାଜ୍ୟର ୧୩ଟି ଜିଲ୍ଲା ଉପକୃତ ହେବେ ।

ବର୍ଦ୍ଧିତ ଲାଇନ କ୍ଷମତା ଟ୍ରେନର ଗତିଶୀଳତାକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ଉନ୍ନତ ହେବ। ଏହି ଲାଇନ ଦୋହରୀକରଣ ପ୍ରକଳ୍ପଗୁଡ଼ିକ ଟ୍ରେନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହା ସ୍ଥାନୀୟ ଲୋକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି / ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି କରିବ। ଫଳରେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆଧାରରେ ଯୋଜନା କରାଯାଇଛି । ପିଏମ ଗତିଶକ୍ତି ଯୋଜନାରେ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯାତ୍ରୀ, ସାମଗ୍ରୀ ଏବଂ ସେବାର ପରିବହନ ପାଇଁ ସୁଗମ ଯୋଗାଯୋଗ ପ୍ରଦାନ କରିବ। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡର ୧୩ଟି ଜିଲ୍ଲାକୁ ସାମିଲ କରିଥିବା ୪ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କରେ ପ୍ରାୟ ୫୭୪ କିଲୋମିଟର ନୂଆ ଲାଇନ୍ ଯୋଡ଼ିବ। ପ୍ରସ୍ତାବିତ ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ ପ୍ରାୟ ୪୩.୭୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨,୩୦୯ ଗ୍ରାମକୁ ଯୋଗାଯୋଗରେ ଉନ୍ନତି ଆଣିବ। କୋଇଲା, ସିମେଣ୍ଟ, କ୍ଲିଙ୍କର୍, ଜିପ୍ସମ୍, ଫ୍ଲାଏ ଆସ୍, କଣ୍ଟେନର୍, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏଗୁଡ଼ିକ ଅତ୍ୟନ୍ତ ଜରୁରୀ ମାର୍ଗ।

**୫୭୪ କିମି ଲମ୍ବ ରେଳ ଲାଇନ୍‌ର ହେବ ଦୋହରୀକରଣ**

## ଏନଏସଇରେ ଟ୍ରେଡିଂ ଆକାଉଣ୍ଟ ୨୩ କୋଟି ଟପିଲା

**ମୁମ୍ବଇ,୩୧।୭ :** ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ଇ) ଚଳିତମାସ ବା ଜୁଲାଇରେ ଆଉ ଏକ ବଡ ସଫଳତା ହାସଲ କରିଛି। ଏନ୍‌ଏସ୍‌ଇ ର ମୋଟ ୟୁନିକ୍ ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ଏପ୍ରିଲରେ ୨୨ କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିଥିବାବେଳେ କେବଳ ୩ ମାସ ମଧ୍ୟରେ ଜୁଲାଇରେ ଏହା ୨୩ କୋଟି (୨୩୦ ମିଲିୟନ) ଅତିକ୍ରମ କରିଛି। ଅନ୍ୟପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୧.୮ କୋଟି (ଜୁଲାଇ ୨୮ ତାରିଖ ୨୦୨୫ ସୁଦ୍ଧା) ରହିଛି। ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡିଶା ଅନ୍ୟତମ ଦ୍ରୁତ- ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭା ହୋଇଛି, ଯାହାକି ଜୁନ ୩୦ ତାରିଖ ୨୦୨୫ ସୁଦ୍ଧା ଏନଏସଇରେ ୨୫.୪ ଲକ୍ଷ ନିବେଶକ ପଞ୍ଜୀକରଣ ସହିତ ଦେଶରେ ୧୭ତମ ସ୍ଥାନରେ ରହିଛି। ସେହିପରି ଓଡିଶା ୩୭%ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା ଆର୍ଥିକ ସଚେତନତା ଓ ପୁଞ୍ଜି ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି।

## ମାଓ ଅପରେସନ୍‌ରେ ବାଧକ ସାଜିଛି ବର୍ଷା ଋତୁ

**ଭୁବନେଶ୍ୱର,୩୧।୭ (ସମିସ):** ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓ କାର୍ଯ୍ୟାକଳାପ ବିଲୋପ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ହେଲେ ଏବେ ଓଡ଼ିଶାରେ ମାଓ ଅପରେସନ୍‌ରେ ବାଧକ ସାଜିଛି ବର୍ଷା ଋତୁ। କାରଣ ବର୍ଷା ପାଇଁ ସୁରକ୍ଷାବାହିନୀ ଘଞ୍ଚ ଜଙ୍ଗଲ ଭିତରକୁ ଯାଇ ଅପରେସନ୍ କରିପାରୁ ନାହାନ୍ତି। ବର୍ଷା ହେବାଦ୍ୱାରା ସେମାନେ ଓଦା ହୋଇ ଦୀର୍ଘ ସମୟ ଜଙ୍ଗଲ ଭିତରେ ଅପରେସନ୍ କରିବା ସମ୍ଭବ ହେଉନାହିଁ। ପୂର୍ବରୁ ଯବାନମାନେ ଅପରେସନ୍ ପାଇଁ ଜଙ୍ଗଲ ଭିତରକୁ ଗଲେ ୬ରୁ ୭ ଦିନ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ୍ କରି ଫେରୁଥିଲେ। ହେଲେ ଏବେ ବର୍ଷା ଋତୁରେ ଜଙ୍ଗଲ ଭିତରେ ୨ଦିନ ସର୍ଚ୍ଚ ଅପରେସନ୍ କରି ଫେରି ଆସୁଛନ୍ତି। କାରଣ ଓଦା ପୋଷାକରେ କାନ୍ଧରେ ବ୍ୟାଗ୍ ପକାଇ ଯିବାରେ ସମସ୍ୟା ହେଉଛି। ଆହୁରି ମଧ୍ୟ ନିମୋନିଆ ହେବାର ଆଶଙ୍କା ରହିଥିବାରୁ ସୁରକ୍ଷାବାହିନୀ ୨ଦିନ ଜଙ୍ଗଲ ଭିତରେ ରହି ପଳାଇ ଆସୁଛନ୍ତି। ବର୍ଷା ପାଇଁ ଭରା ନଦୀରେ ପଶି ଯିବାରେ ସମସ୍ୟା ହେଉଛି। ସବୁ ସ୍ଥାନକୁ ଯିବା ପାଇଁ ବୋଟ୍‌ର ବ୍ୟବସ୍ଥା ନ ଥିବାରୁ ଯାଇ ହେଉନାହିଁ। ଆହୁରି ମଧ୍ୟ ଜଲଙ୍ଗ ଭିତରେ ଗଛ ବଢ଼ି ଯାଇଥିବାରୁ ଭିତରକୁ ପ୍ରବେଶ କରିବାରେ ମଧ୍ୟ ସମସ୍ୟା ହେଉଛି। ବଡ଼ କଥା ହେଲା, ବର୍ଷା ଦିନରେ ଜଙ୍ଗଲ ଭିତରେ ତମ୍ବୁ କରି ରହିବାରେ ମଧ୍ୟ ସମସ୍ୟା ହେଉଛି। କାରଣ ବର୍ଷାରେ ଅନେକ ସରୀସୃପ ତମ୍ବୁ ଭିତରକୁ ପଶି ଯାଉଥିବାରୁ ଜୀବନ ପ୍ରତି ବିପଦ ରହିଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଯେଉଁ ଇଲାକାରେ ମାଓବାଦୀ ସକ୍ରିୟ ନେଇ ସୂଚନା ଆସୁଛି, ସେଠାକୁ ସୁରକ୍ଷାକର୍ମୀ ଯାଇ ଅପରେସନ୍ କରୁଛନ୍ତି, ନ ହେଲେ ଏବେ ଜଙ୍ଗଲ ଭିତରେ ସବୁଜାଗାରେ ସର୍ଚ୍ଚ ଅପରେସନ୍ କରିବା କଷ୍ଟକର ହୋଇ ପଡୁଥିବା ଅଧିକାରୀ ସୂଚନା କହିଛନ୍ତି।

ଅନ୍ୟପଟରେ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି ମାଓବାଦୀମାନଙ୍କ ଦ୍ୱାରା ନୂଆ ଟେକ୍ନୋଲୋଜି ବ୍ୟବହାର। କାରଣ ଏବେ ମାଓବାଦୀମାନେ ପୁଲିସ ଭଳି ଡ୍ରୋନ୍ ବ୍ୟବହାର କରୁଛନ୍ତି। ଏକାଧିକ ଜଙ୍ଗଲରେ ସୁରକ୍ଷାବାହିନୀ ଉପରେ ନଜର ରଖିବା ପାଇଁ ମାଓବାଦୀମାନେ ଡ୍ରୋନ୍ ଉଡ଼ାଉଥିବା ଦେଖିବାକୁ ମିଳିଛି। ତେଣୁ ପୁଲିସ ଏହି ଡ୍ରୋନ୍ ଉପରେ କିଭଳି ଲଗାମ ଲଗାଇବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଶସ୍ତାରେ ଡ୍ରୋନ୍ ମିଳିଯାଉଥିବାରୁ ସେମାନେ କିଣି ଏହାକୁ ବ୍ୟବହାର କରୁଛନ୍ତି। ଯାହାଫଳରେ ଏହାଦ୍ୱାରା ସେମାନେ ସୁରକ୍ଷାକର୍ମୀଙ୍କ ଗତିବିଧି ଜାଣି ନିଜର କ୍ୟାମ୍ପ ବଦଳାଇ ଦେଉଛନ୍ତି। ଯାହାଫଳରେ ପୁଲିସ ସେମାନଙ୍କୁ ଧରିବା କଷ୍ଟକର ହେଉଛି।

ଏନେଇ ମାଓ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ ବର୍ଷା ଦିନରେ ସର୍ଚ୍ଚ ଅପରେସନ୍‌ରେ ଟିକେ ସମସ୍ୟା ହେଉଛି। ବର୍ଷା ଋତୁ ଗଲାପରେ ଅପରେସନକୁ ଜୋର୍‌ଦାର୍ କରାଯିବ।

- ଜଙ୍ଗଲ ଭିତରେ ଭିଜି ଯାତାୟାତ କରିବାରେ ହେଉଛି ସମସ୍ୟା
- ୬ ଦିନ ବଦଳରେ ୨ ଦିନରେ ପଳାଇ ଆସୁଛନ୍ତି ସୁରକ୍ଷାକର୍ମୀ
- ଋତୁ ବଦଳିଲେ ପୁଣି ଜୋରଦାର୍ ହେବ ଅପରେସନ୍: ଏଡିଜି

- ଚାରାରୋପଣ ଟାର୍ଗେଟ ପୂରଣ ନହେବାରୁ ବିଇଓଙ୍କ ଦରମା ବନ୍ଦ

## ଚର୍ଚ୍ଚାରେ ଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ

**ବଲାଙ୍ଗିର, ୩୧।୭ (ସମିସ):** ବୃକ୍ଷରୋପଣ ଟାର୍ଗେଟ୍ ପୂରଣ ନହେବାରୁ ୧୧ଜଣ ବ୍ଲକ୍ ଶିକ୍ଷା ଅଧିକାରୀ, ୩ଜଣ ଅତିରିକ୍ତ ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ଦରମା ବନ୍ଦ କରିବା ପରେ ଏହି ବିଫଳତା ପାଇଁ ନିଜକୁ ଦାୟୀ କରି ଜିଲ୍ଲା ଶିକ୍ଷା ଅଧିକାରୀ ନିଜ ଦରମା ବନ୍ଦ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଏଭଳି ପଦକ୍ଷେପ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, 'ଏକ ପେଡ ମା'କେ ନାମ' କାର୍ଯ୍ୟକ୍ରମର ବିଫଳତା ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ଟାର୍ଗେଟ ପୂରଣ କରିବା ପାଇଁ ଏବେ ୧୪ ବ୍ଲକ୍‌ରେ ୧୧ ଜଣ ବ୍ଲକ୍ ଶିକ୍ଷା ଅଧିକାରୀ ଜୋରସୋରରେ ଲାଗି ପଡ଼ିଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ ବନ ମହୋତ୍ସବ ପ୍ରାରମ୍ଭରେ ହିଁ ଉଦ୍‌ଘାଟନ କରାଯାଇଥିଲା। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରି ସରକାର ଆରମ୍ଭ କରିଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବନ ବିଭାଗ ସହ ଆଉ କିଛି ବିଭାଗକୁ ସଂଲଗ୍ନ କରାଯାଇଥିଲା। ଏଥିରେ ଶିକ୍ଷା ବିଭାଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଜିଲ୍ଲାରେ ଥିବା ସମସ୍ତ ସ୍କୁଲ, କଲେଜରେ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ରହିଥିଲା।

ବିଭାଗୀୟ ସୂଚନାନୁସାରେ, ଗତ ୨୪ ତାରିଖ ସୁଦ୍ଧା ବୃକ୍ଷରୋପଣ ତାଲିକାରେ ବଲାଙ୍ଗିର ଜିଲ୍ଲା ୨୫ନମ୍ବରରେ ରହିଥିଲା। ଜିଲ୍ଲାରେ ଥିବା ୨୪୯୩ ସ୍କୁଲରୁ ମାତ୍ର ୮୦୧ ସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସେଥିରୁ ୪୭୨ ସ୍କୁଲ ପୋର୍ଟାଲରେ ସୂଚନା ଅପଲୋଡ୍ କରିଥିବା ବେଳେ ଜିଲ୍ଲା ପାଇଁ ୧ ଲକ୍ଷ ୮୩ ହଜାର ୯୭୯ ଚାରା ରୋପଣ କରିବାକୁ ଟାର୍ଗେଟ୍ ଦିଆଯାଇଥିଲା। କିନ୍ତୁ ୨୪ତାରିଖ ସୁଦ୍ଧା ଜିଲ୍ଲାରେ ମାତ୍ର ୭୯୨୦ ଚାରାରୋପଣ ହୋଇଥିବା ଜଣାପଡ଼ିଥିଲା। ଏହା ଟାର୍ଗେଟ୍‌ର ମାତ୍ର ୪.୩୦ ପ୍ରତିଶତ। ଏହି ବିଫଳତା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ନିଜକୁ ଦାୟୀ କରିଛନ୍ତି।

- ବିଇଓଙ୍କ ପରେ ଅନ୍ୟ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ
- ନିଜକୁ ଦାୟୀ କରି ନିଜ ଦରମା ବନ୍ଦ କଲେ ଡିଇଓ

## ଜେଲରୁ ବାହାରିଲେ ଆଇଏଏସ୍ ଧୀମାନ ଚକମା

**ଭବାନୀପାଟଣା,୩୧।୭ (ସମିସ):** ଲାଞ୍ଚ ନେଇ ଜେଲ୍ ଯାଇଥିବା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ) ଶେଷରେ ମୁକୁଳିଛନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ସେ ଜେଲରୁ ବାହାରିଛନ୍ତି। ଗତ ୨୪ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ତାଙ୍କ ଜାମିନ ମଞ୍ଜୁର କରିଥିଲେ। ତେବେ ଚକମାଙ୍କ ପାସପୋର୍ଟ କଟକ ଭିଜିଲାନ୍ସ ଜବତ କରି ନେଇଯାଇଥିଲା। ପାସପୋର୍ଟ ଭବାନୀପାଟଣାରେ ପହଞ୍ଚିବା ପରେ ଚକମା ଜେଲରୁ ମୁକୁଳିଛନ୍ତି। ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ସେ ଗତମାସ ୮ ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୯ ତାରିଖରେ ଜେଲ ଯାଇଥିଲେ। ପ୍ରଥମେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଗତମାସ ୧୭ ତାରିଖରେ ଜାମିନ ଲାଗି ଆବେଦନ କରାଯାଇଥିଲା। ବିଚାରପତି କିନ୍ତୁ ନାମଞ୍ଜୁର କରିଦେଇଥିଲେ। ପରେ ତାଙ୍କ ଓକିଲ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୫ ଲକ୍ଷ ଟଙ୍କା ଓ ଜଣେ ଜାମିନଦାରଙ୍କ ବଦଳରେ ଏବେ ସେ ଜାମିନ ପାଇଛନ୍ତି। ତେବେ ଚକମା ଜେଲରୁ ବାହାରିବା ସମୟରେ ଜେଲ୍ ସମ୍ମୁଖରେ ପ୍ରବଳ ଭିଡ ଜମି ରହିଥିଲା। ତେବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଆବଶ୍ୟକସ୍ଥଳେ ସେ ଉପସ୍ଥିତ ରହିବେ। କୋର୍ଟ କାର୍ଯ୍ୟ ଚାଲିଥିବା ବେଳେ ଉପସ୍ଥିତ ରହିବା ଜରୁରୀ। କୋର୍ଟର ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତକାରୀ ଅଧିକାରୀ ଏବଂ ଅଦାଲତର ଅଜାଣତରେ ଚକମା ନିଜ ମୋବାଇଲ ନମ୍ବର ଓ ଠିକଣା ପରିବର୍ତ୍ତନ କରିପାରିବେ ନାହିଁ। ଶେଷରେ ପାସପୋର୍ଟ ଭିଜିଲାନ୍ସ କୋର୍ଟରେ ଦାଖଲ କରିବାକୁ ଜାମିନ ବେଳେ ସର୍ତ୍ତ ରହିଥିବା ଚକମାଙ୍କ ଓକିଲ ଦିଲ୍ଲୀପ ସା ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।


- ୧୮୮୩- ଗ୍ରେଟ୍ ବ୍ରିଟେନ୍‌ରେ ଅନ୍ତର୍ଦେଶୀୟ ଡାକ ସେବା ଆରମ୍ଭ ହେଲା।
- ୧୯୨୦- ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ।
- ୧୯୩୩- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ମୀନା କୁମାରୀଙ୍କ ଜନ୍ମ।
- ୧୯୫୭- ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି)ର ସ୍ଥାପନା।
- ୧୯୬୦- କରାଚୀ ପରିବର୍ତ୍ତେ ଇସ୍‌ଲାମାବାଦ ହେଲା ପାକିସ୍ତାନର ରାଜଧାନୀ।
- ୧୯୯୫- ହବଲ ଟେଲିସ୍କୋପ ଶନିର ଅନ୍ୟ ଏକ ଉପଗ୍ରହକୁ ଠାବ କଲା।

## 'ବର୍ଡର ୨'

## ବରୁଣଙ୍କ ନାୟିକା ହେବେ ମେଧା

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ଏବେ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ମେଧା ରାଣା ନଜର ଆସିବେ। ନିକଟରେ ଫିଲ୍ମ ନିର୍ମାତା ଏସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ମେଧା 'ବର୍ଡର ୨' ପୂର୍ବରୁ 'ଇସ୍କ ଇନ୍ ଦ ଏୟାର୍', 'ଫ୍ରାଇଡେ ନାଇଟ୍ ପ୍ଲାନ୍', 'ଲଣ୍ଡନ ଫାଇଲ୍‌ସ' ଆଦି ଫିଲ୍ମରେ ଦେଖାଯାଇଥିଲେ। 'ବର୍ଡର ୨'ରେ ମେଧାଙ୍କ ସହ ସୋନମ୍ ବାଜୱା, ମୌନି ରୟ, ଭିନାଲି ଭଟ୍ଟନାଗରଙ୍କୁ ମଧ୍ୟ ସ୍ଥାନ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। 'ବର୍ଡର ୨' ଜାନୁଆରୀ ୨୩, ୨୦୨୬ରେ ରିଲିଜ୍ ହେବ। ଏଥିରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟି ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା ଅଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଏଥିରେ ଦେଶପ୍ରେମ, ଆକ୍ସନ, ଭାବପ୍ରବଣତାର ଏକ ନିଆରା ମିଶ୍ରଣ ଦେଖିବାକୁ ମିଳିବ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଫିଲ୍ମ 'ବର୍ଡର'ର ସିକ୍ୱେଲ।





## ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ

ଶରୀରର ଯେକୌଣସି ଅଙ୍ଗରେ କର୍କଟ ବିପଦପୂର୍ଣ୍ଣ ଏବଂ ସାଂଘାତିକ। ମାରାତ୍ମକ ଫୁସ୍‌ଫୁସ୍ କର୍କଟ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ ଫୁସ୍‌ଫୁସ୍ କର୍କଟ ଦିବସ ଭାବେ ପାଳନ କରାଯାଏ। ବିଶ୍ୱବ୍ୟାପୀ ପୁରୁଷ ଏବଂ ମହିଳାମାନଙ୍କଠାରେ ଦ୍ୱିତୀୟ ସାଧାରଣ ପ୍ରକାରର କର୍କଟ ଭାବରେ ଫୁସ୍‌ଫୁସ୍ କ୍ୟାନ୍ସର, ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହି କାରଣରୁ ଅଧିକାଂଶ ପୁରୁଷ ଏବଂ ମହିଳାଙ୍କର ଜୀବନ ମଧ୍ୟ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ୨୦୨୦ ମସିହାରେ ଫୁସ୍‌ଫୁସ୍ କର୍କଟ ହେତୁ ସାରା ବିଶ୍ୱରେ ୧୮ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୨ ମସିହାରେ ପ୍ରଥମ ଥର ଏହି କାର୍ଯ୍ୟକ୍ରମକୁ 'ଫୋରମ୍ ଅଫ୍ ଇଣ୍ଟରନ୍ୟାସନାଲ୍ ରେସପେରେଟୋରୀ ସୋସାଇଟିଜ୍' ଦ୍ୱାରା 'ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଲଙ୍ଗ କ୍ୟାନ୍ସର ଆଣ୍ଡ ଆମେରିକାନ୍ କଲେଜ ଅଫ୍ ଚେଷ୍ଟ ଫିଜିସିଆନ' ଙ୍କ ସହାୟତାରେ ଆୟୋଜିତ କରାଯାଇଥିଲା। ତମାଖୁ ସେବନ ଫୁସ୍‌ଫୁସ୍ କର୍କଟର ମୁଖ୍ୟ କାରଣ ହୋଇଥାଏ। ତାଛଡ଼ା ପ୍ରଦୂଷଣ କାରଣରୁ ଫୁସ୍‌ଫୁସ୍ କର୍କଟ ହୋଇଥାଏ। ପ୍ରଦୂଷଣ ଯୋଗୁଁ ବିଷାକ୍ତ ରାସାୟନିକ ଗ୍ୟାସ୍‌ଗୁଡ଼ିକ ଆମ ଫୁସ୍‌ଫୁସ୍‌ରେ ପ୍ରବେଶ କରି ଏହା କର୍କଟ ସୃଷ୍ଟି କରିଥାଏ। ଗୋବର ଘସି ଜାଳିବା ସହ ଯେଉଁମାନେ ଧୂଳି, ବାଲି, କୋଇଲାରେ ଅଧିକ ସମୟ କାମ କରୁଛନ୍ତି ସେମାନଙ୍କୁ ଏହି କର୍କଟ ହେବା ଆଶଙ୍କା ଅଧିକ ଥାଏ। ଫୁସ୍‌ଫୁସ୍ ଆମ ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, କାରଣ ଏହା ଶ୍ୱାସକ୍ରିୟା ଏବଂ ଶରୀରକୁ ଅମ୍ଳଜାନ ଯୋଗାଇବା ପାଇଁ କାମ କରେ। ତେଣୁ ଫୁସ୍‌ଫୁସ୍‌ର ଯତ୍ନ ନେବା ଅତ୍ୟନ୍ତ ଜରୁରି। କାରଣ ଖରାପ ଫୁସ୍‌ଫୁସ୍ କାରଣରୁ ଶ୍ୱାସକ୍ରିୟାରେ ବ୍ୟତିକ୍ରମ, ଆଜ୍‌ମା, କ୍ରନିକ ରୋଗ ଏବଂ ଫୁସ୍‌ଫୁସ୍ କର୍କଟ ମଧ୍ୟ ହୋଇପାରେ। ଫୁସ୍‌ଫୁସ୍‌ରେ କୌଣସି କୋଷ ଅନିୟନ୍ତ୍ରିତ ଭାବେ ବଢ଼ିଲେ ତାହା କର୍କଟର ରୂପ ନିଏ। ସେହି ଟ୍ୟୁମର୍ ପରବର୍ତ୍ତୀ ସମୟରେ କର୍କଟର କାରଣ ପାଲଟିଥାଏ। ଅଧିକ ଦିନ ଧରି କାଶ ଲାଗି ରହିବା, ଛାତି ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧିବା ଆଦି ଏହାର ଲକ୍ଷଣ ହୋଇଥାଏ। ତେବେ ପ୍ରଥମ ଷ୍ଟେଜ୍‌ରୁ ଏହା ଚିହ୍ନଟ ହୋଇପାରିଲେ ଏହାର ଚିକିତ୍ସା ଫଳପ୍ରଦ ହୋଇଥାଏ। ତେବେ ଫୁସ୍‌ଫୁସ୍ କର୍କଟରୁ ରକ୍ଷା ପାଇବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ଧୂମପାନରୁ ନିବୃତ୍ତ ରହିବା ଆବଶ୍ୟକ। ଏହାବାଦ୍ ବାରମ୍ବାର ସ୍କ୍ରିନିଂ ମାଧ୍ୟମରେ ବି ଫୁସ୍‌ଫୁସ୍ କର୍କଟ ପ୍ରାରମ୍ଭିକ ସ୍ତରରେ ଜଣାପଡ଼ିଯିବ। ଫଳରେ ବେଳ ଥାଉ ଥାଉ ଏହାର ଚିକିତ୍ସା କରାଯାଇ ପାରିବ।

## ଚାକିରି ପାଇଁ ଡିଜିଟାଲ ସ୍ନାନ


ଭଲ ଚାକିରିଟିଏ କିମ୍ବା ବଡ଼ କଲେଜରେ ପାଠ ପଢ଼ିବା ପାଇଁ ବିଦ୍ୟାର୍ଥୀମାନେ ପୂଜାପାଠ କରାଇଥାନ୍ତି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସ୍ନାନ ନାଁରେ ଏକ ନୂଆ ଟ୍ରେଣ୍ଡ ଭାଇରାଲ ହେଉଛି। ତେବେ ମହାକୁମ୍ଭରେ ଏହା ପ୍ରଥମେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ବିଶେଷକରି ବୁଡ଼ ପକାଇବାରୁ ବଞ୍ଚିତ ଥିବା ଲୋକଙ୍କ ଫଟୋକୁ ଗଙ୍ଗା ନଦୀରେ ବୁଡ଼ ପକାଯାଉଥିଲା। ଏହା ଥିଲା ପରମ୍ପରା ସହ ଯୋଡ଼ି ହେବାର ଆଧୁନିକ ଉପାୟ। ହେଲେ ଏବେ ପୁଣି ଥରେ ଏହି ଧାରା ଫେରିଥିବା ବେଳେ ଏଥର କିନ୍ତୁ ଚାକିରି ପାଇବା ଲାଗି ଏହା ଆରମ୍ଭ କରାଯାଇଥିବା ଦେଖାଯାଇଛି। ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାକୁ ଦୀପକ ଗୋୟଲ ନାମକ ଜଣେ ବ୍ୟକ୍ତି ସେୟାର୍ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଗୋଟିଏ ସାଦା କାଗଜରେ ହାଇଦ୍ରାବାଦର ଇଣ୍ଡିଆ ସ୍କୁଲ ଅଫ୍ ବିଜନେସ୍‌ର କିଛି ବିଦ୍ୟାର୍ଥୀଙ୍କ ଫଟୋ ରହିଛି। ଏହାପରେ ଦୀପକ କହୁଛନ୍ତି, ଏହି ପିଲାମାନଙ୍କୁ ଯେପରି ଭଲ ଚାକିରି ମିଳିପାରିବ, ସେଥିପାଇଁ ମୁଁ ସେମାନଙ୍କର ଫଟୋକୁ ପବିତ୍ର ଗଙ୍ଗା ନଦୀରେ ବୁଡ଼ାଉଛି। ଯେଉଁମାନେ ଏଭଳି ଗଙ୍ଗାରେ ବୁଡ଼ ପକାଇବାକୁ ଚାହୁଁଛନ୍ତି ସେମାନେ ହ୍ୱାଟସ୍‌ଆପ୍ ଦ୍ୱାରା ତାଙ୍କୁ ଫଟୋ ପଠାଇପାରିବେ। ଅବଶ୍ୟ ଏଥିପାଇଁ ତାଙ୍କୁ ୧୧୦୦ ଟଙ୍କା ଦେବାକୁ ପଡ଼ିବ। ଏହାପୂର୍ବରୁ ମଧ୍ୟ ଦୀପକ କୁମ୍ଭମେଳା ସମୟରେ ଏଭଳି ଡିଜିଟାଲ ସ୍ନାନ କରାଇ ଚର୍ଚ୍ଚାକୁ ଆସିଥିଲେ। ଏଥର ଡିଜିଟାଲ ସ୍ନାନ ବିଶ୍ୱାସର ଏକ ନୂଆ ପରମ୍ପରା ସୃଷ୍ଟି କରିଥିବା କୁହାଯାଉଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ସଞ୍ଜୀବନୀ

## ମାନସିକ ଶାନ୍ତି ପାଇଁ କଲର ୱାକିଂ

ଅଧୁନା ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଶରୀର ଫିଟ୍ ଓ ନୀରୋଗ ରହିଥାଏ। ଏହାକୁ ଧ୍ୟାନ ଦେଲେ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଚାଲିବା ଟ୍ରେଣ୍ଡରେ ରହିଥିବାବେଳେ ଏବେ 'କଲର ୱାକିଂ'କୁ ନେଇ ଅନେକ ଚର୍ଚ୍ଚା।



ଏହି ନୂତନ ଚାଲିବା କୌଶଳରେ ଜଣେ ବ୍ୟକ୍ତିଙ୍କୁ ଚାଲିବା ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ ରଙ୍ଗ ବାଛିବାକୁ ପଡ଼ିଥାଏ। ଚାଲିବା ସମୟରେ ଉକ୍ତ ରଙ୍ଗର ବସ୍ତୁକୁ ଦେଖି ତାହାକୁ ଗଣିଥାନ୍ତି। ତେବେ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହି ବ୍ୟାୟାମ ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା, କୌଶଳ ଏବଂ ସମସ୍ୟାର ସମାଧାନ କରିବାର ଦକ୍ଷତାକୁ ବୃଦ୍ଧି କରାଏ।

ତେଣୁ କଲର ୱାକିଂ କେବଳ ମାନସିକ ସୁସ୍ଥତା ପାଇଁ ଭଲ ତାହା ନୁହେଁ, ଏହା ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତାରୁ ମୁକ୍ତି ମିଳେ। ସାଧାରଣତଃ ରଙ୍ଗ ଭାବନାକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରୁଥିବାରୁ ଏହି କୌଶଳରେ ଚାଲିବା ଦ୍ୱାରା ନୂତନ ଚିନ୍ତାଧାରା ସୃଷ୍ଟି ହେବା ସହିତ ଏକାଗ୍ରତା, ଆତ୍ମବିଶ୍ୱାସ, ସୃଜନଶୀଳତା ବୃଦ୍ଧି ପାଏ। ମାଂସପେଶୀ ଶକ୍ତ ହୁଏ। ବିଶେଷ କଥା ହେଉଛି, ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧି ପାଏ। ମନ ହାଲୁକା ହୋଇଯାଏ। ଖୁସି ରଖେ।

## 'ସକାଳ'ର ସ୍ୱାସ୍ଥ୍ୟ

## ଟିନିଟସ୍

**କିଛି ଲୋକଙ୍କ କାନରେ ସିଟି ବାଜିବା ପରି ଅନୁଭବ ହୁଏ। ଏହି ସମସ୍ୟାକୁ ଚିକିତ୍ସା ଭାଷାରେ ଟିନିଟସ୍ କୁହାଯାଏ। ଟିନିଟସ୍ ହେଉଛି ଶ୍ରବଣଶକ୍ତି ସମ୍ପର୍କିତ ଏକ ଲକ୍ଷଣ। ଏଥିରେ କାରଣ ନଥାଇ କାନରେ ଘଣ୍ଟି ବାଜିବା ପରି ଅନୁଭୂତ ହୋଇଥାଏ। ଦୀର୍ଘଦିନ ଟିନିଟସ୍ ମାମଲା କେତେକଙ୍କ କ୍ଷେତ୍ରରେ ମାନସିକ ରୋଗରେ ପରିଣତ ହୋଇଥାଏ। ଧୀରେ ଧୀରେ ଏହା ଶ୍ରବଣଶକ୍ତିକୁ ହ୍ରାସ କରିଦିଏ। ଯେକୌଣସି ବୟସରେ ଏହା ହୋଇପାରେ। ତେବେ ଏହାର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଟିନିଟସ୍‌ର ପ୍ରକୃତ କାରଣ ଏଯାବତ୍ ଅସ୍ପଷ୍ଟ ରହିଛି। ହେଲେ ଲଗାତାର ଉଚ୍ଚଶକ୍ତି ସମ୍ପନ୍ନ ଶବ୍ଦ ଶୁଣିବା, କାନରେ ମଇଳା ଜମିଯିବା, କାନ ତଳ ସ୍ନାୟୁରେ କିଛି ସଂକ୍ରମଣ, କାନର ପର୍ଦ୍ଦା ସଂକ୍ରମଣ, ମସ୍ତିଷ୍କରେ ଆଘାତ ଲାଗିବା, ଉଚ୍ଚ ରକ୍ତଚାପ ଏବଂ ଥାଇରଏଡ ଆଦି ସମସ୍ୟା ଥିଲେ ଟିନିଟସ୍‌ର ଆଶଙ୍କା ବୃଦ୍ଧି ପାଇଥାଏ। ଟିନିଟସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କ କାନକୁ ଜୋର ଶବ୍ଦ ଶୁଣାଯିବା ସହିତ ମୁଣ୍ଡ ବିନ୍ଧା ଲକ୍ଷଣ ଦେଖାଯାଏ। ଏହାସହିତ କାନକୁ ଜୋର କିମ୍ବା ବହୁତ ଧୀର ଶୁଣାଯିବା, କାନରେ ପବନ ପରି ଶବ୍ଦ ଆସିବା ଆଦି ଲକ୍ଷଣ ଦେଖାଯାଏ। ଗମ୍ଭୀର ସ୍ଥିତିରେ ଶାରୀରିକ ବ୍ୟବହାରରେ ପରିବର୍ତ୍ତନ ହୁଏ।

ତେଣୁ ଏପରି ସମସ୍ୟାରୁ ଆରୋଗ୍ୟ ଲାଭ ପାଇଁ ଇ.ଏନ୍.ଟି ତଥା ଗଳା, ନାସା ଓ କର୍ଣ୍ଣରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟପରୀକ୍ଷା ଦ୍ୱାରା ଏହି ରୋଗର କାରଣ ଜଣାପଡ଼ିବା ସହ ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଏଥିପାଇଁ ରକ୍ତପରୀକ୍ଷା, ସିଟିସ୍କାନ ଓ ଏମ୍‌ଆର୍‌ଆଇ ମଧ୍ୟ ଆବଶ୍ୟକ ହୋଇଥାଏ। ଏଥିପାଇଁ ଶବଣ ଯନ୍ତ୍ର ଲଗାଇବାକୁ ହୁଏ। କିଛି ଗୁରୁତ୍ୱପୂର୍ଣ୍ଣ ଥେରାପି କରିବାକୁ ଡାକ୍ତର ମଧ୍ୟ ପରାମର୍ଶ ଦିଅନ୍ତି। ଏହାବ୍ୟତୀତ ସ୍ଥିତିରେ ସୁଧାର ନ ଆସିଲେ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଇୟରଫୋନ୍ ବ୍ୟବହାର କରିବା ଅନୁଚିତ।

## ଅଙ୍କୁରିତ ମେଥି

ମେଥିରେ ଭିଟାମିନ୍ ଏ, ବି ଓ ସି, ଲୌହସାର, ମ୍ୟାଗ୍ନେସିୟମ, କ୍ୟାଲସିୟମ, ପଟାସିୟମ, କାର୍ବୋହାଇଡ୍ରେଟ ଆଦି ପୋଷକତତ୍ତ୍ୱ ରହିଥାଏ। ଔଷଧୀୟ ଗୁଣରେ ଭରପୁର ମେଥିକୁ ସେବନ କଲେ ଶରୀରର ବିଭିନ୍ନ ରୋଗ ଦୂର ହୋଇଥାଏ। ତେବେ ବର୍ତ୍ତମାନ ସମୟରେ ଅଙ୍କୁରିତ ମେଥି ଖାଇବାର ଟ୍ରେଣ୍ଡ ବୃଦ୍ଧି ପାଇଛି। ଅଙ୍କୁରିତ ମେଥି ଖାଇବା ଦ୍ୱାରା କ'ଣ ଲାଭ ମିଳେ ଜାଣିବା ସେ ବିଷୟରେ...

- ନିୟମିତ ଉପଯୁକ୍ତ ମାତ୍ରା ଏବଂ ସମୟରେ ଅଙ୍କୁରିତ ମେଥି ସେବନ କଲେ, ପ୍ରମେହ ଏବଂ ସ୍ତ୍ରୀ ରୋଗ ଆଦିରେ ହିତକର ହୋଇଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ଅଙ୍କୁରିତ ମେଥିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଥିବା ଫାଇବର ବଦହଜମୀ ଦୂର କରେ।
- ଅଙ୍କୁରିତ ମେଥି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ଗ୍ରହଣି ଦୂର ହୋଇଥାଏ। କୋଲେଷ୍ଟ୍ରଲ ମଧ୍ୟ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଙ୍କୁରିତ ମେଥି ଖାଇପାରିବେ। ତାସହିତ ଅଙ୍କୁରିତ ମେଥି ସର୍ଦ୍ଦି, କାଶ, ଥଣ୍ଡା ଓ ଜ୍ୱର ଦୂର କରିଥାଏ। ମେଥିରେ ଥିବା ଭିଟାମିନ୍ ସି ଓ ଆଣ୍ଟି ଅକ୍ସିଡାଣ୍ଟ ଯୋଗୁଁ ହୃଦ୍‌ରୋଗ ହେବାର ଆଶଙ୍କା ହ୍ରାସ ପାଇଥାଏ। ଅଙ୍କୁରିତ ମେଥି ଖାଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି।



## ରକ୍ତପରୀକ୍ଷାର ନୂଆ ବିକଳ୍ପ



ରୋଗ ଚିହ୍ନଟର ପ୍ରଥମ ମାର୍ଗ ହେଉଛି ରକ୍ତ ପରୀକ୍ଷା। ହେଲେ ଏମିତି ଅନେକ ଅଛନ୍ତି, ରକ୍ତ ପରୀକ୍ଷା ପାଇଁ ବ୍ୟବହୃତ ଛୁଞ୍ଚିକୁ ନେଇ ଭୟ କରନ୍ତି। ଫଳରେ ରକ୍ତ ପରୀକ୍ଷାରୁ ବଞ୍ଚିତ ରୁହନ୍ତି। ହେଲେ ଏବେ କୃତ୍ରିମ ବୁଦ୍ଧିମତା ଜରିଆରେ ବିନା ଛୁଞ୍ଚି ପ୍ରୟୋଗରେ ବି ରକ୍ତ ପରୀକ୍ଷା ସମ୍ଭବ ହେବ। କେବଳ ଫେସ୍ ସ୍କାନ୍ କରିବା ଦ୍ୱାରା ରକ୍ତ ପରୀକ୍ଷା ହୋଇପାରିବ। କ୍ୱିକ ଭାଇଟଲ ନାମକ ଏଆଇ ଆଧାରିତ ଆପ୍ ଜରିଆରେ ଫେସ୍ ସ୍କାନ ଦ୍ୱାରା ରକ୍ତ ପରୀକ୍ଷା ସହଜ ହୋଇପାରିବ। ଏହି ପରୀକ୍ଷାରେ ମାତ୍ର ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସ୍ଥିତି ବିଷୟରେ ଜଣାପଡ଼ିବ। ସର୍ବପ୍ରଥମେ ହାଇଦ୍ରାବାଦ୍ ସରକାରୀ ହସ୍‌ପିଟାଲ 'ନିଲୋଫର'ରେ ଗର୍ଭବତୀ ମହିଳାଙ୍କ ଶରୀରରେ ଆନେମିଆ ପରୀକ୍ଷା ପାଇଁ ଏହି କୌଶଳ ପ୍ରୟୋଗ କରାଯାଇଥିଲା। ଏଥିରୁ ଭଲ ଫଳ ମଧ୍ୟ ମିଳିଥିଲା। ଏହି ଟୁଲ୍‌ର କୌଶଳର ନାଁ ହେଉଛି ଫଟୋପ୍ଲେଥିସ୍ମୋଗ୍ରାଫି (ପିପିଜି)। ଯେତେବେଳେ ଉଜ୍ଜ୍ୱଳ ଆଲୋକରେ ଚେହେରା ସ୍କାନ୍ କରାଯାଏ, ଫୋନ୍‌ର କ୍ୟାମେରାରେ ପ୍ରତିଫଳିତ ଆଲୋକକୁ ଏହି ଆପ୍ ଧରିନିଏ। ଏଲଗୋରିଦମ ସାହାଯ୍ୟରେ ହୃଦ୍‌ସ୍ପନ୍ଦନ, ନିଶ୍ୱାସ ଓ ରକ୍ତ ପ୍ରବାହ ସହିତ ଜଡିତ ସଙ୍କେତକୁ ପଢ଼ି ସ୍ୱାସ୍ଥ୍ୟ ରିପୋର୍ଟ ପ୍ରସ୍ତୁତ କରେ। ଏପରିକି ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ସେୟାର କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଆପ୍ ରକ୍ତଚାପ, ହେମୋଗ୍ଲୋବିନ୍ ସ୍ତର, ହୃଦ୍‌ସ୍ପନ୍ଦନ, ଅକ୍ସିଜେନ୍ ସାଚୁରେଶନ (ଏସ୍‌ପିଓ୨), ଚିନ୍ତାସ୍ତର, କୋଲେଷ୍ଟ୍ରଲ, ଶ୍ୱାସକ୍ରିୟା, ଏଚ୍‌ଆର୍‌ଭି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ପ୍ରଦାନ କରିପାରିବ। ସେହିପରି ଖୁବ୍‌ଶୀଘ୍ର ୫ବର୍ଷରୁ କମ୍ ବୟସର ହଜାର ପିଲାଙ୍କ ଉପରେ ଏହାର କ୍ଲିନିକାଲ ପରୀକ୍ଷଣ କରାଯିବା ସହିତ ଏହାର ଫଳାଫଳକୁ ପାରମ୍ପରିକ ରକ୍ତ ପରୀକ୍ଷା ସହିତ ତୁଳନା କରାଯିବ। ଫଳାଫଳ ସନ୍ତୋଷଜନକ ହେଲେ, ଏହି କୌଶଳ ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ।

## ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ

# ବର୍ଷାରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ

ଓଭାଲ,୩୧।୭ (ଏଜେନ୍ସି):

ବର୍ଷା ଓ ଓଭାଲ ପିଚ୍‌ର ସୁଇଠ ଓ ବାଉନ୍ସର ମୁକାବିଲା କରି ନ ପାରି ଏଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଶେଷ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୁରୁବାର ପ୍ରଥମ ଦିନ ରିପୋର୍ଟ ଲେଖା ହେଲାବେଳକୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୨୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ କରୁନ ନାୟାର ୧୨ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲ ୧ ରନ୍ କରି ଭାରତର ବିପର୍ଯ୍ୟୟକୁ ଅଟକାଇବା ଲାଗି ସଂଘର୍ଷ କରୁଛନ୍ତି। ଏହି ଇନିଂସରେ ଭାରତ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୩୮, ସୁନୀଲ ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଥିବା ଅଧିନାୟକ ଶୁବମନ ଗିଲ୍ ୨୧, ଲୋକେଶ ରାହୁଲ ୧୪ ରନ୍‌ରେ ଆଉଟ ହୋଇଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ୨ ଓ ଚତୁର୍ଥ ଟେଷ୍ଟ ହିରୋ ରବୀନ୍ଦ୍ର ଜାଡେଜା ୯ ରନ୍‌ର ଯୋଗଦାନ ଦେଇପାରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ସର୍ବାଧିକ ୨ଟି, ଗସ୍ ଆଟକିନସନ ଓ କ୍ରିସ୍ ଓକ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



ଏହି ମ୍ୟାଚ୍‌ରେ ଉଭୟ ଦଳ ୪ଜଣ ଲେଖାଏଁ ଖେଳାଳିଙ୍କୁ ପରିବର୍ତ୍ତନ କରି ଖେଳିଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଆହତ ହୋଇଥିବାରୁ ଓଲି ପୋପ୍ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। କିନ୍ତୁ ବର୍ଷାଁ ଯୋଗୁ ୩ଥର ଖେଳକୁ ବନ୍ଦ ରଖାଯାଇଥିଲା। ଲଞ୍ଚ୍ ବେଳକୁ ୨୩ ଓଭର ଖେଳ ହୋଇଥିଲାବେଳେ ଭାରତ ୨ ୱିକେଟରେ ୭୨ ରନ୍ କରିଥିଲା। ଲଞ୍ଚ୍ ପରେ ଖେଳ ଆରମ୍ଭ ପୂର୍ବରୁ ହଠାତ୍ ବର୍ଷା ହେବାରୁ ଖେଳକୁ ପୁଣି ବନ୍ଦ ରଖାଯାଇଥିଲା। ଏହି ବର୍ଷାରେ ପିଚ୍ ଓଦା ହୋଇଯିବାରୁ ଅଧିକ ସମୟ ଖେଳ ବନ୍ଦ ହୋଇଥିଲା। ଅମ୍ପାୟାର ଖେଳ ଆରମ୍ଭ କରିବାର ନିଷ୍ପତ୍ତି ନେବା ପରେ ୬ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଭଲ ଖେଳୁଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଷ୍ଟ୍ରାଇକ୍‌ରେ ଥାଇ ଏକ ଅନାବଶ୍ୟକ ରନ୍ ନେବାକୁ ଯାଇ ରନ୍ ଆଉଟ ହୋଇଥିଲେ। ଭାରତ ୩ ୱିକେଟରେ ୮୫ ରନ୍ କରିଥିଲାବେଳେ ଅମ୍ପାୟାର ଚା'ପାନ ବିରତି କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୦.୮ ମିଲିମିଟର ଘାସ ଥିବା ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଖେଳୁ ନ ଥିବାରୁ ତାଙ୍କ ବଦଳରେ ଖେଳୁଥିବା ଗସ ଆଟକିନସନ ଓ ଜେମି ଓଭରଟନ ପ୍ରଭାବ ବିସ୍ତାର କରି ଖେଳିଥିଲେ। ଆଟକିସନ ପ୍ରତିପକ୍ଷ ଯୁବ ଓପନର ଜୟସ୍ୱାଲଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ଘରୋଇ ଦଳକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରେ ସୁଦର୍ଶନ ଓ ରାହୁଲ ଏଭଳି କଷ୍ଟସାଦ୍ଧ ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ସହଜରେ ମୁକାବିଲା କରିଥିଲେ। କିନ୍ତୁ ୬ ଓଭରରେ ୭ ରନ୍ ହେବା ପରେ ରାହୁଲ ଚାପରେ ଆସି ଓକ୍ସଙ୍କ ଏକ ସର୍ଟ୍ ପିଚ୍ ବଲ୍‌କୁ ସଟ୍ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ମିସ୍ ହୋଇଯିବାରୁ ସେ ବୋଲ୍ଡ ଆଉଟ ହୋଇଯାଇଥିଲେ। ଚଳିତ ସିରିଜ୍‌ରେ ରାହୁଲ ଏତେ ଭଲ ଖେଳିଥିଲେ ମଧ୍ୟ ଏଭଳି ତ୍ରୁଟି କରିଥିଲେ। ଦୁଇ ଓପନର ୩୮ ରନ୍ ମଧ୍ୟରେ ପାଭିଲିୟନ ଫେରିଯିବା ପରେ ସୁଦର୍ଶନଙ୍କ ସହ ଗିଲ ଯୋଗ ଦେଇ ଭାରତୀୟ ଇନିଂସକୁ ଆଗକୁ ବଢ଼ାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:**
**୧୨୫/୫, ୪୨ ଓଭର (ସାଇ ସୁଦର୍ଶନ-୩୮, ଶୁବମନ ଗିଲ୍-୨୧, ଲୋକେଶ ରାହୁଲ-୧୪, ଯଶସ୍ୱୀ ଜୟସ୍ୱାଲ-୨, ଜୋଶ୍ ଟଙ୍ଗ୍-୨/୩୪, ଗସ ଆଟକିନସନ-୧/୧୫, କ୍ରିସ୍ ଓକ୍ସ-୧/୩୧)।**

## ୮ ଖେଳାଳି ପରିବର୍ତ୍ତନ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜି ଆରମ୍ଭ ହୋଇଥିବା ୫ମ ଟେଷ୍ଟରେ ଚତୁର୍ଥ ଟେଷ୍ଟ ଖେଳିଥିବା ୮ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଉଭୟ ଦଳରେ ୪ଜଣ ଲେଖାଏଁ ବଦଳିଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ ଦଳରୁ ୩ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ୍‌ଙ୍କ ସହ ଆହତ ୱିକେଟ ରକ୍ଷକ ଋଷଭ ପନ୍ତଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଥିଲା। ସେମାନଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା, ବ୍ୟାଟର କରୁନ ନାୟାର ଓ ୱିକେଟକିପର ଧ୍ରୁବ ଜୁରେଲଙ୍କୁ ସ୍ଥାନ ଦେଇଛି। ସେହିପରି ଇଂଲଣ୍ଡ ଦଳରୁ ଆହତ ଅଧିନାୟକ ବେନ୍ ଷ୍ଟୋକ୍ସ, ଫାଷ୍ଟ ବୋଲର ଜୋଫ୍ରା ଆର୍ଚର, ସ୍ପିନର ଲିଆମ ଡାଓ୍ୱସନ ଓ ବ୍ରାଇଡନ କାର୍ସଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ ୩ ଫାଷ୍ଟ ବୋଲର ଗସ ଆଟକିନସନ, ଜୋଶ ଟଙ୍ଗ୍ ଓ ଜେମି ଓଭରଟନ, ଅଲରାଉଣ୍ଡର ଜ୍ୟାକବ ବେଥେଲଙ୍କୁ ସାମିଲ କରିଛି। ଷ୍ଟୋକ୍ସଙ୍କ ସ୍ଥାନରେ ଓଲି ପୋପ୍ ଦଳର ନେତୃତ୍ୱ ନେଉଛନ୍ତି।

### ପଦାର୍ପଣ ଲାଗି ୯୬୧ ଦିନର ଅପେକ୍ଷା



ଏହି ସିରିଜ୍‌ରେ ଯେଉଁ ୩ ଭାରତୀୟ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ତାଙ୍କ ମଧ୍ୟରେ ବେଙ୍ଗଲ ରଣଜୀ ଦଳର ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଅନ୍ୟତମ। ଭାରତୀୟ ଟେଷ୍ଟ ଦଳରେ ୯୬୧ ଦିନ ହେଲା ସାମିଲ ହୋଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ଡେବ୍ୟୁ କରିବାକୁ ସୁଯୋଗ ମିଳିପାରିଲାନି। ସେ ସାମିଲ ହେବା ପରଠାରୁ ୧୫ଜଣ ଖେଳାଳି ଭାରତ ପକ୍ଷରୁ ଡେବ୍ୟୁ କରିସାରିଲେଣି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ କେବଳ ରିଜର୍ଭ ଖେଳାଳି ଭାବେ ରହିଯାଇଛନ୍ତି। ୧୦୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଈଶ୍ୱରନଙ୍କ ଭାଗ୍ୟ କେବେ ପରିବର୍ତ୍ତନ ହେବ ତାହା କିଏ କହିବ?

### ପ୍ରତିଟେଷ୍ଟରେ ଖେଳାଳି ବଦଳାଇଛି ଭାରତ, ୩ ସୁଯୋଗ ପାଇଲେନି

ଇଂଲଣ୍ଡ ସହ ଏଠାରେ ଦଳ ଖେଳିଥିବା ୫ଟି ଯାକ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭିନ୍ନ ଭିନ୍ନ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିଛି। କିନ୍ତୁ ଏହି ସିରିଜ୍ ଲାଗି ଆରମ୍ଭରୁ ଦଳରେ ସ୍ଥାନ ପାଇଥିବା ୩ଜଣ ଖେଳାଳିଙ୍କୁ ଆଦୌ ସୁଯୋଗ ମିଳିଲା ନାହିଁ। ଏମାନଙ୍କ ମଧ୍ୟରେ ଅଭିଜ୍ଞ ସ୍ପିନର କୁଲଦୀପ ଯାଦବଙ୍କୁ ଟିମ୍ ମ୍ୟାନେଜ୍‌ମେଣ୍ଟ ଚାହିଁଥିଲେ ମଧ୍ୟ ସମୀକରଣ ଯୋଗୁ ଖେଳାଇ ପାରି ନ ଥିଲା। କିନ୍ତୁ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଦୁଇଥର ଡେବ୍ୟୁ କରିବା ନିଶ୍ଚିତ ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ସୁଯୋଗ ପାଇଲେନି।

### ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଲେ ଗିଲ୍

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଯେତେବେଳେ ଭାରତ ବିପଦରେ ପଡ଼ିଛି ସେହି ସମୟରେ ଦଳର ଅଧିନାୟକ ଶୁବମନ ଗିଲ ପାହାଡ ପରି ଛିଡ଼ା ହୋଇଛନ୍ତି। ଏହି କ୍ରମରେ ସେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଜଣେ ଅଧିନାୟକ ଭାବେ ସୁନୀଲ ଗାଭାସ୍କରଙ୍କ ନାମରେ ଥିବା ୪୭ ବର୍ଷର ରେକର୍ଡକୁ ଭାଙ୍ଗିଦେଇଛନ୍ତି। ଗାଭାସ୍କର ୧୯୭୮ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୭୩୨ ରନ୍ କରିଥିଲେ। କିନ୍ତୁ ଗିଲ ଏହି ରେକର୍ଡକୁ ଅତିକ୍ରମ କରିଯାଇଥିଲେ। ଜଣେ ଅଧିନାୟକ ଭାବେ ୧୯୩୬ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୮୧୦ ଓ ୧୯୯୦ରେ ଇଂଲଣ୍ଡ ଅଧିନାୟକ ଗ୍ରାହମ ଗୁଚ୍ ୭୫୨ ରନ୍ କରିଥିଲେ। ଶୁବମନ ଏହି ଟେଷ୍ଟରେ ୨୧ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ସେ ୫ମ ଟେଷ୍ଟ ଖେଳି ୭୪୩ ରନ୍ କରିଛନ୍ତି। ଏହା ମଧ୍ୟରେ ୪ଟି ଶତକ ରହିଛି।

### ସିରିଜ୍‌ର ସମସ୍ତ ଟସ୍ ହାରିବାରେ ଗିଲ୍ ଚତୁର୍ଥ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦଳର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ଏଠାରେ ଖେଳାଯାଇଥିବା ୫ଟି ଯାକ ଟେଷ୍ଟରେ ଟସ୍ ହାରିଛନ୍ତି। ଏହାକୁ ମିଶାଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ କ୍ରମାଗତ ୧୫ଥର ଟସ୍ ହାରିସାରିଲାଣି। କିନ୍ତୁ କାମଚଳା ଅଧିନାୟକ ଓଲି ପୋପ୍ ପୂର୍ବରୁ ୧୪ଥର ଟସ୍ ହାରିଥିଲେ ମଧ୍ୟ ଏଠାରେ ଟସ୍ ଜିତିଛନ୍ତି। ବିଶ୍ୱରେ ୧୪ଥର ଜଣେ ଅଧିନାୟକ ସମସ୍ତ ୫ଟି ଯାକ ଟସ୍ ହାରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସମସ୍ତ ୫ଟି ଯାକ ଟସ୍ ହାରିଥିବା ଅନ୍ୟ ଭାରତୀୟ ଅଧିନାୟକମାନେ ହେଲେ ୧୯୪୮-୪୯ରେ ଲାଲା ଅମରନାଥ ଓ ୧୯୮୨-୮୩ରେ କପିଳ ଦେବ ବନାମ ୱେଷ୍ଟଇଣ୍ଡିଜ୍, ୨୦୧୮ ରେ ବିରାଟ କୋହଲି ବନାମ ଇଂଲଣ୍ଡ।

## ଏସିଆନ୍ ପେନଚାକ୍ ସିଲାଟ୍‌ରେ ପ୍ଲିଜାଲିନଙ୍କୁ ରୌପ୍ୟ ପଦକ




ଭୁବନେଶ୍ୱର, ୩୧।୭ (ସମିସ): ଏସିଆନ୍ ପେନଚାକ୍ ସିଲାଟ୍‌ର ୯ମ ସଂସ୍କରଣ ଭିଏତ୍‌ନାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଝିଅ ପ୍ଲିଜାଲିନ ତରାଇ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁଲାଇ ୨୪ରୁ ଆରମ୍ଭ ହୋଇଥିବା ଏହି ଇଣ୍ଡୋନେସିଆଭିତ୍ତିକ ମାର୍ଶାଲଆର୍ଟ କ୍ରୀଡ଼ାରେ ପ୍ଲିଜାଲିନ ୭୦-୭୫ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ପଦକ ସଫଳତା ପାଇଥିଲେ। ସେହିଭଳି ଅନ୍ୟତମ ଓଡ଼ିଆ ଖେଳାଳି ରଞ୍ଜିତ ନାୟକ ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ପ୍ଲିଜାଲିନଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଯେଦୁଲା ବିଜୟ, ଆଡିସନାଲ ସେକ୍ରେଟାରୀ ଅଶୋକ ପଣ୍ଡା, ସୋନାଲି ଚାନ୍ଦଙ୍କ ସମେତ ରାଜ୍ୟ ପେନଚାକ୍ ସଂଘର ସଭାପତି ତାପସ କୁମାର ରାୟ, ସମ୍ପାଦକ ସମ୍ପାଦକ ପ୍ରେମ ସିଂ ଥାପ୍ପା, ଉପସଭାପତି ମନୋରଞ୍ଜନ ଭଞ୍ଜ, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍-୧୨

### ଟାଇଟନ୍ସ-ଥଲାଇଭାସ୍ ଉଦ୍‌ଘାଟନୀ ଲଢ଼େଇ




ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଯାଉଛି। ତେଲୁଗୁ ଟାଇଟନ୍ସ ଓ ତାମିଲ ଥଲାଇଭାସ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାଇଜାଗ୍‌ର ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଦ୍ୱିତୀୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ୍ସ ପରସ୍ପରକୁ ଭେଟିବେ। ପିକେଏଲ୍-୧୨ ଲାଗି ଗୁରୁବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀରୁ ଏହା ସ୍ପଷ୍ଟ ହୋଇଛି। ଚଳିତ ସଂସ୍କରଣରେ ୧୨ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା ଷ୍ଟିଲର୍ସ ଅଗଷ୍ଟ ୩୧ରେ ବେଙ୍ଗଲ୍ ୱାରିୟର୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ଏଥର ଦେଶର ୪ଟି ପ୍ରମୁଖ ସହର ଭାଇଜାଗ, ଜୟପୁର, ଚେନ୍ନଇ ଓ ଦିଲ୍ଲୀରେ ପର୍ଯ୍ୟାୟକ୍ରମେ ମ୍ୟାଚ୍ ଖେଳାଯିବ। ଦୀର୍ଘ ୭ ବର୍ଷ ପରେ ବନ୍ଦର ସହର ଭାଇଜାଗ୍‌କୁ ପ୍ରୋ କବାଡ଼ି ଲିଗ୍ ଫେରିଛି। ଏଠାରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ୨୮ଟି ମ୍ୟାଚ୍ ଆୟୋଜିତ ହେବ। ଏହାପରେ ସେପ୍ଟେମ୍ବର ୧୨ରୁ ଜୟପୁରର ଏସ୍‌ଏମ୍‌ଏସ୍ ଷ୍ଟାଡିୟମରେ ଦ୍ୱିତୀୟ ଲେଗ୍, ସେପ୍ଟେମ୍ବର ୨୯ରୁ ଚେନ୍ନଇରେ ୩ୟ ଲେଗ୍ ଓ ଫାଇନାଲ ତଥା ୪ର୍ଥ ଲେଗ୍ ଅକ୍ଟୋବର ୧୩ରୁ ଦିଲ୍ଲୀରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ।

## ପିତାଙ୍କୁ ପୁଣିଥରେ ପ୍ରଶିକ୍ଷକ ରଖିଲେ ସିତ୍‌ସିପାସ୍

ଏଥେନ୍ସ, ୩୧।୭ (ଏଜେନ୍ସି): ଗ୍ରୀକ୍ ଟେନିସ ତାରକା ଷ୍ଟିଫାନୋସ୍ ସିତ୍‌ସିପାସ୍ ପୁଣିଥରେ ତାଙ୍କ ପିତା ଆପୋଷ୍ଟୋଲୋସଙ୍କୁ ପ୍ରଶିକ୍ଷକ ଭାବେ କରିଛନ୍ତି। ଗତ ସପ୍ତାହରେ ପୂର୍ବତନ ପ୍ରଶିକ୍ଷକ ଗୋରାନ ଇଭାନିସେଭିସ୍‌ଙ୍କଠାରୁ ଅଲଗା ହେବାପରେ ୨୬ ବର୍ଷୀୟ ସିତ୍‌ସିପାସ୍ ପିତାଙ୍କୁ ନିଜର ଗୁରୁଭାବେ ପୁଣିଥରେ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପୂର୍ବରୁ ୨୦୨୪ ଅଗଷ୍ଟରେ ସିତ୍‌ସିପାସ୍ ତାଙ୍କ ପିତାଙ୍କୁ ପ୍ରଶିକ୍ଷକ ପଦରୁ ହଟାଇଦେଇଥିଲେ। ସେହି ସମୟରେ ସିତ୍‌ସିପାସ ଖରାପ ପ୍ରଦର୍ଶନ କରି ବିଶ୍ୱ ର୍‍ୟାଙ୍କିଙ୍ଗରେ ୩୦ତମ ସ୍ଥାନକୁ ଖସିଯାଇଥିଲେ। ତେଣୁ ସେ ପିତାଙ୍କୁ ହଟାଇ ଗୋରାନଙ୍କୁ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଥିଲେ। ନିକଟରେ କିନ୍ତୁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସିତ୍‌ସିପାସ୍ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ। ଏଥିରେ ହତୋତ୍ସାହିତ ହୋଇ ତାଙ୍କ ପ୍ରଶିକ୍ଷକ ଗୋରାନ କହିଥିଲେ ଯେ, ସେ ତାଙ୍କ ଜୀବନରେ ଏଭଳି ଅପ୍ରସ୍ତୁତ ଖେଳାଳି କେବେ ଦେଖିନାହାନ୍ତି।' ଏହି ଘଟଣା ପରେ ସିତ୍‌ସିପାସ୍ ଓ ଗୋରାନ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ୱିମ୍ବଲଡନ ଚାମ୍ପିଅନ ଗୋରାନ ପୂର୍ବରୁ ନୋଭାକ ଜୋକୋଭିଚ୍‌ଙ୍କ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିଲେ।

## ପ୍ରଥମ ଟେଷ୍ଟ | ପାଳି ପରାଜୟ ଏଡ଼ାଇବାକୁ ଜିମ୍ବାୱେର ସଂଘର୍ଷ

ବୁଲାୱାୟୋ, ୩୧।୭ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଜିମ୍ବାୱେ ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ କରୁଛି। ୧୫୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ ସଂଗ୍ରହ କରିଛି। ପାଳି ପରାଜୟ ଏଡ଼ାଇବା ଲାଗି ଜିମ୍ବାୱେ ବଳକା ଥିବା ୮ ୱିକେଟ୍‌ରେ ଆଉ ୧୨୭ ରନ ଆବଶ୍ୟକ କରୁଛି। ପୂର୍ବରୁ ଡେଭନ କନୱେ ଓ ଡାରୀଲ ମିଚେଲ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୩୦୭ ରନ କରିପାରିଥିଲା। ଓପନିଂ ଆସିଥିବା କନୱେ ୮୮ ଓ ମିଚେଲ ୮୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ୟଙ୍ଗ୍ ୪୧, ହେନରୀ ନିକୋଲସ ୩୪, ଅଧିନାୟକ ମିଚେଲ ସାଣ୍ଟନର ୧୯ ଓ ନାଥନ ସ୍ମିଥ୍ ୨୨ ରନ କରିଥିଲେ। ବୋଲିଂରେ ଘରୋଇ ଜିମ୍ବାୱେ ଦଳର ବ୍ଲେସିଙ୍ଗ ମୁଜରବାନୀ ୩ ଓ ତନକା ଚିଭାଙ୍ଗା ୨ଟି ୱିକେଟ୍ ନେଇଛନ୍ତି। ଜିମ୍ବାୱେକୁ ପ୍ରଥମ ପାଳିରେ ୧୪୯ ରନରେ ସୀମିତ ରଖିଥିଲେ। ମ୍ୟାଟ୍ ହେନରୀଙ୍କୁ ୬ଟି ୱିକେଟ୍ ମିଳିଥିଲା।


ଡେଭନ କନୱେ

## ଏଚ୍‌ସିଏ ସଭାପତି, ସମ୍ପାଦକ ନିଲମ୍ବିତ

ହାଇଦରାବାଦ, ୩୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଗୁରୁବାର ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ)ର ସଭାପତି ଏ. ଜଗନ ମୋହନ ରାଓଙ୍କ ସମେତ ସମ୍ପାଦକ ଆର୍. ଦେବରାଜ ଓ କୋଷାଧ୍ୟକ୍ଷ ସିଜେ ଶ୍ରୀନିବାସଙ୍କୁ ନିଲମ୍ବିତ କରାଯାଇଛି। ଏଚ୍‌ସିଏ ଆପେକ୍ସ କାଉନସିଲର ଜରୁରୀକାଳୀନ ବୈଠକରେ ନିଲମ୍ବନ ନେଇ ନିଷ୍ପତ୍ତି ହୋଇଥିଲା। ନିକଟରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଏକ ଗୁରୁତର ଅଭିଯୋଗ କରାଯାଇଥିଲା। ଯେଉଁଥିରେ ସନରାଇଜର୍ସ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଥିଲା ଯେ, ଗତ ଆଇପିଏଲ୍‌ରେ କମ୍ପ୍ଲିମେଣ୍ଟାରୀ ଓ କର୍ପୋରେଟ୍ ବକ୍ସ ପାସ୍ ପାଇଁ ଏଚ୍‌ସିଏର କର୍ମକର୍ତ୍ତା ବ୍ଲାକମେଲ୍ କରି ବଳପୂର୍ବକ ପାସ୍ ନେଇଥିଲା। ହାଇଦରାବାଦ୍ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବା ପରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା।

## ୱାଶିଂଟନରେ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ | ଅପରାଜିତା ଏଫ୍‌ପିଓ



ଭୁବନେଶ୍ୱର,୩୧।୭ (ସମିସ): ଭାରତ ଓ ଓଡ଼ିଶା ଲାଗି ଗୌରବର ବିଷୟ। ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଛିକାର ଆମେରିକାର ୱାଶିଂଟନଠାରେ ହେବାକୁ ଥିବା ୱାର୍ଲ୍ଡ ଟିମ୍ ଚେସ୍ ଲାଗି ଏଫ୍‌ପିଓ (ଫେୟାର ପ୍ଲେ ଅଫିସର) ନିଯୁକ୍ତ ହୋଇଛନ୍ତି। ପୁରୁଷ ବିଭାଗରେ ଜର୍ମାନୀର ଜୁର୍ଗେନ କ୍ଲୁଏନର୍ସ ନିଯୁକ୍ତ ହୋଇଛନ୍ତି। ଅଗଷ୍ଟ ୨ରୁ ୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୮ଟି ଦେଶରୁ ୫୫ଟି ଦଳ ଅଂଶଗ୍ରହଣ କରିବେ। ଭାରତରୁ ଗୋଟିଏ ଦଳ ଭାଗ ନେଉଛି।

## କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ଲକ୍ଷ୍ୟ ୨୧-୧୪, ୧୪-୨୧, ୨୧-୧୭ ଗେମ୍‌ରେ ଇଣ୍ଡୋନେସିଆର ସିଏ ୱାଡୋୟୋଙ୍କୁ ପରାସ୍ତ କରିଥିଲେ।

### ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର୍

# କ୍ୱାର୍ଟରଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୩୧।୭ (ସମିସ):

ଏଠାରେ ଚାଲିଥିବା ଗ୍ରୀନ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ରାକେଶ ପ୍ରଧାନ-କୁନାଲ ଅଗରୱାଲ, ଆକାଶ ମହାପାତ୍ର-ଆଶୁତୋଷ ପାଢ଼ୀ, ସିଦ୍ଧାର୍ଥ ସେନ-ଅବିନାଶ ମହାପାତ୍ରଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିଭଳି ଚିରାଗ ଆରୋରା ଓ ସୁଦୀପ୍ତ ଦାସଙ୍କ ମଧ୍ୟରେ ଅନୁଷ୍ଠିତ ରାଉଣ୍ଡ-୧୬ ମ୍ୟାଚ୍‌ର ବିଜେତା କ୍ୱାର୍ଟରରେ ସୁବ୍ରତ ଦାସଙ୍କୁ ଭେଟିବେ। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚ୍‌ଗୁଡ଼ିକରେ ସିଦ୍ଧାର୍ଥ ୪-୦ ଫ୍ରେମରେ ଅଲ୍‌ତାଫ୍ ଅଲିଙ୍କୁ, ରାକେଶ ୪-୦ରେ ବରୁଣ ପୂରବଙ୍କୁ, କୁନାଲ ୪-୩ରେ ନିଶାନ୍ତ ବିଶ୍ୱାଳଙ୍କୁ, ଅବିନାଶ ୪-୦ରେ ଚେତନ ଆନନ୍ଦଙ୍କୁ, ଆକାଶ ୪-୦ରେ ଶରଦ ବେହେରାଙ୍କୁ, ସୁବ୍ରତ ୪-୨ରେ ଜ୍ଞାନ ଦାସଙ୍କୁ ଓ ଆଶୁତୋଷ ୪-୦ ଫ୍ରେମରେ ରଞ୍ଜିତ ପତିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।




### ■ ଜାତୀୟ ସବ୍‌ଜୁନିଅର ନ୍ୟାସ୍‌ନାଲ ହକି

## ଆଜି ମହାରାଷ୍ଟ୍ର-ଓଡ଼ିଶା ଲଢ଼େଇ



ଭୁବନେଶ୍ୱର, ୩୧।୭ (ସମିସ): ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣ ଚେନ୍ନଇରେ ଚାଲିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଶୁକ୍ରବାର ମହାରାଷ୍ଟ୍ର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହି ପୁଲ୍‌ରେ ୩ୟ ଦଳ ଭାବେ ଚଣ୍ଡିଗଡ଼ ସ୍ଥାନ ପାଇଛି। ଅଗଷ୍ଟ ୨ରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚରେ ଚଣ୍ଡିଗଡ଼କୁ ଭେଟିବ। ଚାରୋଟି ପୁଲ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଅଗଷ୍ଟ ୫ରେ କ୍ୱାର୍ଟର, ୬ରେ ସେମିଫାଇନାଲ ଓ ୮ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS